- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-167 ◆SATURDAY ◆13 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୬୭ ◆ଶନିବାର ◆୧୩ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




**ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ**

▸ପୃଷ୍ଠା ୧୨ ଦେଖନ୍ତୁ...


# ୨୭ ଜଣ ପ୍ରସିଦ୍ଧ ଲେଖକଙ୍କ

# ୫୩୭ଟି ନିର୍ବାଚିତ କାହାଣୀ


## ପାଠକଙ୍କ ବିପୁଳ ଆଗ୍ରହ କ୍ରମେ ରିହାତି ଯୋଜନା

## ୨୦ ଡିସେମ୍ବର ୨୦୨୫ ଯାଏଁ ସଂପ୍ରସାରିତ କରୁଛୁ

20 ପେନ୍ ଇନ୍ ବୁକ୍ସ
ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ




**ଥରେ କିଣିବେ, ବର୍ଷ ସାରା ପଢ଼ିବେ**

୧୦,୦୦୦* ଟଙ୍କାର ୨୭ଟି ପୁସ୍ତକ ଏକତ୍ର ଅଧା ମୂଲ୍ୟରେ

# ୪,୯୯୯ ଟଙ୍କାରେ

ଡାକ ଖର୍ଚ୍ଚ ଆମର, ତା ସାଙ୍ଗକୁ ଗୋଟିଏ କପଡ଼ା ବ୍ୟାଗ୍ ଉପହାର

**୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ**

୬ରୁ ୧୭ ଡିସେମ୍ବର, ୨୦୨୫
ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

ପୁସ୍ତକମେଳାରେ ମଧ୍ୟ ଉପଲବ୍ଧ

**ପେନ୍ ଇନ୍ ବୁକ୍ସ**
ଷ୍ଟଲ ନଂ ୨୬-୨୭-୨୮
(ଆରମ୍ଭରୁ ବାମ ପଟେ ୧୦ ନମ୍ବର ଷ୍ଟଲ)

**ପେନ୍ ଇନ୍ ବୁକ୍ସ**
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ

ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ,
ଏମ୍-୬/୫୧, ଆଚାର୍ଯ୍ୟ ବିହାର,
ଭୁବନେଶ୍ୱର - ୭୫୧୦୧୩

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ହାଶ୍‌ଟ୍ୟାଗ୍ ଦେଇ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।
#ପ୍ରତିଘରପାଠାଗାର #ପେନ୍‌ଇନ୍‌ବୁକ୍ସ
#PratiGharaPathagara #peninbooks

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

- ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୪,୯୯୯ ଟଙ୍କା ପଇଠ କରନ୍ତୁ।
- ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇବେ।
- ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ରସିଦ ସହିତ ପୁସ୍ତକ ପଠାଯିବ।
- ଯୋଜନା ୨୦ ଡିସେମ୍ବର ୨୦୨୫, ଶନିବାର ରାତି ୧୧ଟା ୫୯ ଯାଏଁ ବୈଧ। ଏହି ତାରିଖ ପରେ ଅଥବା ୪,୯୯୯/ - ଭିନ୍ନ ଅନ୍ୟ ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

**78469 81182**

Odia Media Private Limited
odiamedia@icici

OMPL/2512/SKL01

ପଇଠର ଦୁଇ ସପ୍ତାହ ମଧ୍ୟରେ ପୁସ୍ତକ ନ ପାଇଲେ ଉପର ଫୋନ୍ ନମ୍ବରରେ ଅନୁସନ୍ଧାନ କରିପାରିବେ। ଫୋନ୍ ନମ୍ବର ସକାଳ ୧୧ଟାରୁ ସଂଧ୍ୟା ୫ଟା ଯାଏଁ ଖୋଲା ରହେ। ଡାକରେ ଯିବା ସମୟରେ ପୁସ୍ତକ ନଷ୍ଟ ହେଲେ ପ୍ରକାଶନ ସଂସ୍ଥା ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। *୯,୪୩୭ ଟଙ୍କାର ପୁସ୍ତକ ସହ ଡାକଖର୍ଚ୍ଚ, ପ୍ୟାକେଜିଂ ଓ ବ୍ୟାଗ୍‌ର ଆନୁମାନିକ ମୂଲ୍ୟ ୧୦,୦୦୦ ଟଙ୍କା ହେବ।

ଛତିଶା ନିଯୋଗ ବୈଠକ

# ପହିଲି ଭୋଗ, ମକର ସଂକ୍ରାନ୍ତି ନୀତିରେ ବାଜିଲା ମୋହର



ପୁରୀ, ୧୨।୧୨ (ସମିସ): ଆସନ୍ତା ୧୬ତାରିଖରେ ପବିତ୍ର ଧନୁ ସଂକ୍ରାନ୍ତି। ଶ୍ରୀମନ୍ଦିରରେ ଆରମ୍ଭ ହେବ ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପ୍ରତ୍ୟହ ଏହି ନୀତି ଚାଲିବ। ଶୁକ୍ରବାର ଅନୁଷ୍ଠିତ ନୀତି ସବ୍ କମିଟି ଓ ଛତିଶା ନିଯୋଗ ବୈଠକରେ ପ୍ରସ୍ତୁତ ନୀତିକାନ୍ତି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇ ମୋହର ବାଜିଛି।

ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଧନୁ ସଂକ୍ରାନ୍ତି ଅର୍ଥାତ୍ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ମକର ସଂକ୍ରାନ୍ତି ପୂର୍ବଦିନ ଅର୍ଥାତ୍ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ପ୍ରତ୍ୟହ ରାତ୍ର ୨ଟାରେ ଦ୍ୱାର ଫିଟାଯିବ। ଭିତର ଶୋଧ ପରେ ରାତି ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ସମ୍ପନ୍ନ ହେବ। ଭୋର୍ ସାଢ଼େ ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି ବଢ଼ିବ। ସାଢ଼େ ୬ରୁ ୮ଟା ସକାଳ ଧୂପ (କେବଳ କୋଠଭୋଗ), ସକାଳ ୭ଟା ୪୫ରୁ ସାଢ଼େ ୯ଟା ଭୋଗମଣ୍ଡପ, ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୧ଟା ମଧ୍ୟାହ୍ନଧୂପ (କେବଳ କୋଠଭୋଗ) ବାହାରିବ। ୧୧ଟା ୧୫ରୁ ଅପରାହ୍ଣ ସାଢ଼େ

**ରାତି ୨ରେ ଫିଟିବ ଦ୍ୱାର**

**ଭୋର୍ ସାଢ଼େ ୫ରୁ ୬ଟା ମଧ୍ୟରେ ପହିଲି ଭୋଗ**

**ଡିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ପହୁଡ଼**


୧ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡ ନୀତି ଶେଷ କରାଯିବ। ଏହିପରି ରାତି ୧୧ଟାରେ ରାତ୍ର ପହୁଡ଼ ନୀତି କରାଯିବା ଲାଗି ନୀତିକାନ୍ତି ଚୂଡ଼ାନ୍ତ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପହିଲି ଭୋଗ ବ୍ୟତୀତ ଜାନୁୟାରୀ ୧୩ ତାରିଖ ଦେବାଭିଷେକ ପୂର୍ଣ୍ଣିମା ନୀତିକାନ୍ତି ବିଷୟରେ ଆଲୋଚନା ହୋଇ ଅନୁମୋଦନ ଲାଭ କରିଛି। ଏହି ଦିନ ଠାକୁରଙ୍କର ସୁନାବେଶ ଅନୁଷ୍ଠିତ ହେବ। ତେଣୁ ଶ୍ରୀମନ୍ଦିରରେ ଶୃଙ୍ଖଳିତ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଯେପରି ଭଲ ଭାବେ ହେବ, ସେନେଇ ସେବାୟତମାନେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସହମତି ପ୍ରକାଶ କରିଥିବା ମୁଖ୍ୟ ପ୍ରଶାସକ କହିଛନ୍ତି। ଏତଦ୍‌ବ୍ୟତୀତ ବୈଠକରେ ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ନୀତିକୁ ମଧ୍ୟ ଅନୁମୋଦନ କରାଯାଇଛି। ନୂଆବର୍ଷ ଅର୍ଥାତ୍ ଜାନୁୟାରୀ ୧ତାରିଖରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେଣୁ ନୀତିକାନ୍ତି ଏବଂ ଦର୍ଶନକୁ ଶୃଙ୍ଖଳିତ କରିବା ଲାଗି ଏହାର ପୂର୍ବଦିନ ଅର୍ଥାତ୍ ଡିସେମ୍ବର ୩୧ ରାତ୍ର ୧୧ଟା ସୁଦ୍ଧା ରାତି ପହୁଡ଼ କରାଯିବ। ସେବାୟତମାନେ ମଧ୍ୟ ସହଯୋଗ କରିବେ। ଖୁବ୍‌ଶୀଘ୍ର ଦ୍ୱାରଫିଟି ଠାକୁରଙ୍କ ନୀତିକାନ୍ତି ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଛତିଶା ନିଯୋଗ କର୍ମକର୍ତ୍ତା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚିଲଟଇଲା ଆଶ୍ରମ ସ୍କୁଲର ୩ ଛାତ୍ର ନିଖୋଜ

ହିନ୍ଦୋଳ/ଖଜୁରିଆକଟା, ୧୨।୧୨(ସମିସ): ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଚିଲଟଇଲା ଆଶ୍ରମ ସ୍କୁଲ ଛାତ୍ରାବାସରୁ ବୁଧବାର ୩ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ, ଭୁବନ ଥାନା କଂସରଗୋଡ଼ା ଗ୍ରାମର କାଳିଆ ମୁର୍ମୁଙ୍କ ୨ୟ ଶ୍ରେଣୀରେ ପଢୁଥିବା ପୁଅ ସ୍ୱାଧୀନ ମୁର୍ମୁ (୭), ଷଷ୍ଠ ଶ୍ରେଣୀରେ ପଢୁଥିବା କାଳିଆଙ୍କ ପୁତୁରା ଶିବ ମୁର୍ମୁ ଓ ବାପି ବେଶ୍ରା (୧୦)। ବୁଧବାର ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଚାଲିଥିବା ବେଳେ ଖେଳପଡ଼ିଆରୁ ଏହି ପିଲାମାନେ କେଉଁଆଡ଼େ ଚାଲିଯାଇଛନ୍ତି। ଏହି ବିଦ୍ୟାଳୟରେ ୪୩୭ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୩୩୩ ଜଣ ହଷ୍ଟେଲରେ ରୁହନ୍ତି। ସବୁଦିନ ଭଳି ବୁଧବାର ପିଲାଙ୍କ ଉପସ୍ଥାନ ନେବା ବେଳେ ସ୍ୱାଧୀନ, ଶିବ ଓ ବାପି ନ ଥିବା ଶିକ୍ଷକମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି କଳାପରେ ସେମାନଙ୍କୁ ନ ପାଇବାରୁ ଗୁରୁବାର ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସ୍ୱାଧୀନଙ୍କ ମାଆ ବିଜନ୍ତୀ ସୋରେନ ଏ ନେଇ ରାସୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୧୪ରେ କଟକ ଆସିବେ ସୁପ୍ରିମକୋର୍ଟ ପ୍ରଧାନବିଚାରପତି



କଟକ, ୧୨।୧୨(ସମିସ): ଆସନ୍ତା ୧୪ ତାରିଖ (ରବିବାର) ଦିନ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କଟକଆସିବେ। ପ୍ରଧାନବିଚାରପତିଭାବେ ଶପଥ ଗ୍ରହଣ କରିବା ପରେ ପ୍ରଥମଥର ପାଇଁ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଉକ୍ତ ଦିନ ପୂର୍ବାହ୍ନ ସାଢ଼େ ୧୦ଟାରେ ସେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ କଟକ ସହିଦ ଭବନଠାରେ ଆୟୋଜିତ ହେବାକୁ ଥିବା ଏକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ବାର୍ ଆସୋସିଏସନ୍ ପକ୍ଷରୁ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନ୍‌ର ସଭାପତି ମନୋଜ ମିଶ୍ର ଓ ସମ୍ପାଦକ ଅଭିଜିତ ପଟ୍ଟନାୟକ ଏ ସଂପର୍କରେ ସୂଚନା ଦେଇଛନ୍ତି। 'ସାଧାରଣ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ, ମାମଲା ଖର୍ଚ୍ଚ ଏବଂ ବିଳମ୍ବ ହ୍ରାସ କରିବା ପାଇଁ ରଣନୀତି' ଶୀର୍ଷକ ବିଷୟବସ୍ତୁ ଉପରେ ଉଦ୍‌ବୋଧନ ଦେବେ ଜଷ୍ଟିସ ସୂର୍ଯ୍ୟକାନ୍ତ। ଏହି କାର୍ଯ୍ୟକ୍ରମ ଅବସରରେ ୫୦ ବର୍ଷରୁ ଅଧିକ ସମୟଧରି ଓକିଲାତିରେ ନିୟୋଜିତ ଥିବା ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବାର୍ କାଉନସିଲ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହି ସାମ୍ବାଦିକ ସମ୍ମିଳନୀରେ ବାର୍ ଆସୋସିଏସନ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଘରେ ପଶି ନାବାଳିକାକୁ ଦୁଷ୍କର୍ମ

**ରାଜଧାନୀରେ ରହିବାକୁ ଡର ଲାଗୁଛି: ପୀଡ଼ିତାଙ୍କ ବାପା**

- **ପୀଡ଼ିତାଙ୍କୁ ଭେଟିଲେ ମହିଳା କମିସନ ସଦସ୍ୟା**
- **ମାଜିଷ୍ଟ୍ରେଟ୍‌ଙ୍କ ପାଖରେ ହେଲା ବୟାନ ରେକର୍ଡ**
- **ବନ୍ଦୀ ହେଲା ଘର ମାଲିକ**

ଭୁବନେଶ୍ୱର,୧୨।୧୨ (ସମିସ): ଘରେ ପଶି ଜଣେ ନାବାଳିକାକୁ ଦୁଷ୍କର୍ମ ଘଟଣା ରାଜଧାନୀରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ଉଠିଛି ପ୍ରଶ୍ନ। ମହିଳା ସୁରକ୍ଷାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଓ ପୁଲିସର ଭୂମିକାକୁ ସାଧାରଣ ଲୋକେ ତୀବ୍ର ସମାଲୋଚନା କରିଥିବାବେଳେ ପୀଡ଼ିତାଙ୍କ ଭୟଭୀତ ବାପାଙ୍କ ଟିପ୍ପଣୀ ସମଗ୍ର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମହିଳା କମିଶନ ସଦସ୍ୟା ଓ ପୁଲିସ ନିକଟରେ 'ରାଜଧାନୀରେ ଏବେ ରହିବାକୁ ଡ଼ରଲାଗୁଛି' ବୋଲି ସେ କହିଥିବା କଥାପଦକ କେବଳ ତାଙ୍କର ନୁହେଁ; ପ୍ରତ୍ୟେକ ରାଜଧାନୀବାସୀଙ୍କୁ ମର୍ମାହତ କରିଛି। ତାଙ୍କ ଝିଅକୁ ନ୍ୟାୟ ମିଳୁ ଓ ଅଭିଯୁକ୍ତ ଘର ମାଲିକକୁ ଦଣ୍ଡ ମିଳୁ ବୋଲି ଦାବି କରିବା ସହ ପିଲାଛୁଆଙ୍କୁ ଧରି ଭୁବନେଶ୍ୱର ଛାଡ଼ି ଗାଆଁକୁ ପଳାଇବେ ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ଜଗନ୍ନାଥ ପ୍ରସାଦ ଅଞ୍ଚଳର ସମ୍ପୃକ୍ତ ୧୧ ବର୍ଷୀୟା ନାବାଳିକା ବାପାମାଆଙ୍କ ସହ ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର ଅଞ୍ଚଳରେ ଥିବା ନରେଶ ମହାନ୍ତି ଘରେ ଭଡ଼ାରେ ରହୁଛନ୍ତି। ଉଭୟ ପରିବାର ମଧ୍ୟରେ ସମ୍ପର୍କ ବହୁତ ଭଲ ଥିଲା। ପୀଡ଼ିତା ନାବାଳିକାଙ୍କ ବାପା ଓ ମା ଏକ ହୋଟେଲରେ ଶ୍ରମିକ ଭାବେ କାମ କରୁଥିବା ବେଳେ ନାବାଳିକା ଦିନସାରା ଏକୁଟିଆ ଘରେ ରହୁଥିଲେ। ଗତ ୪ ତାରିଖ ଦିନ ପତିପତ୍ନୀ କାମକୁ ବାହାରି ଯାଇଥିବାବେଳେ ଘରେ ଏକାଥିବା ତାଙ୍କର ନାବାଳିକା ଝିଅକୁ ଘର ମାଲିକ ନରେଶ ଭୟଭୀତ କରି ଦୁଷ୍କର୍ମ କରିଥିଲା। ପୀଡ଼ିତା ଏତେ ଭୟଭୀତ ହୋଇ ଯାଇଥିଲେ ଯେ, ବାପାମାଆ ଫେରିବା ପରେ ମଧ୍ୟ ଘଟଣା ବିଷୟରେ ମୁହଁ ଖୋଲି ନ ଥିଲେ। ଗତ ବୁଧବାର ରାତିରେ ଯନ୍ତ୍ରଣା ଅସହ୍ୟ ହେବାରୁ ପୀଡ଼ିତା ସବୁକଥା ବାପାମାଆଙ୍କୁ ଜଣାଇଥିଲା ଓ ସେମାନେ ଗୁରୁତର ଝିଅକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲେ। ଗୁରୁବାର ପୀଡ଼ିତାଙ୍କ ବାପା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଧାରା ୧୮୦ ଅନୁସାରେ ବୟାନ ରେକର୍ଡ କରିଛି। ଗୁରୁବାର ଘର ମାଲିକ ନରେଶକୁ ପୁଲିସ ଗିରଫ କରି ଡାକ୍ତରୀ ମାଇନା କରିବା ପରେ କୋର୍ଟ ଚାଲାଣ କରିଛି । ଆଜି ବିଏନ୍ଏସ୍ଏସ୍ ଧାରା ୧୮୩ ଆଧାରରେ କୋର୍ଟରେ ମାଜିଷ୍ଟ୍ରେଟ ନାବାଳିକା ପୀଡ଼ିତାଙ୍କ ବୟାନ ରେକର୍ଡ କରିଛନ୍ତି।

ସେପଟେ ମହିଳା କମିସନ ସଦସ୍ୟା ଉର୍ମିଳା ମହାପାତ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କୁ ଭେଟିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିବା ସହ ବାପାମାଆଙ୍କୁ ପଚରାଉଚରା କରିଛନ୍ତି। ଏଥିସହିତ ମହିଳା ଥାନା ଅଧିକାରୀ ଓ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ସହ ଘଟଣା ବିଷୟରେ ଆଲୋଚନା କରିଛନ୍ତି ଶ୍ରୀମତୀ ମହାପାତ୍ର। ଯଥାଶୀଘ୍ର ଘଟଣାର ତଦନ୍ତ ସାରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦେବା ସହ ବିଚାର ପ୍ରକ୍ରିୟା କିଭଳି ଶୀଘ୍ର ସରି ପାରିବ, ସେନେଇ ଆଲୋଚନା କରିଛନ୍ତି। ଏହା ସହ ପୀଡ଼ିତାଙ୍କୁ କିପରି ଜଲଦି କ୍ଷତିପୂରଣ ରାଶି ମିଳିପାରିବ, ସେନେଇ ଉଦ୍ୟମ କରିବାକୁ କହିଛନ୍ତି। ଅନ୍ୟପଟେ ଭୁବନେଶ୍ୱରରେ ରହିବାକୁ ଡର ଲାଗୁଛି ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି।


**କୁସୁମଡିହି ଜଙ୍ଗଲରେ କଲରାପତରିଆର ମୃତ୍ୟୁ**

# ବଳଦ ମୃତଦେହରେ ବିଷ ବୋଳି ବାଘକୁ ମାରିଦେଲେ

ରାଉରକେଲା/ବଣାଇଁ, ୧୨।୧୨(ସମିସ): ମଲା ବଳଦ ଦେହରେ ବିଷ ବୋଳି କଲରାପତରିଆ ବାଘକୁ ମାରିଦେଲେ। ବଣାଇଁ ବନଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ କୁସୁମଡ଼ିହି ଖେସରା ଜଙ୍ଗଲରେ ଏପରି ଏକ ଘଟଣା ପଦାକୁ ଆସିବା ପରେ ବନ୍ୟଜନ୍ତୁପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଘଟଣାରେ ବନବିଭାଗ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁସୁମଡିହି ଗ୍ରାମର ବୃଦ୍ଧ ନୁଆସ ଖେସ (୬୧)ଙ୍କୁ ଗିରଫ କରିଛି।

ଗତ ନଭେମ୍ବର ୨୮ ତାରିଖରେ ନୁଆସଙ୍କ ୩ଟି ବଳଦ କୁସୁମଡିହି ଜଙ୍ଗଲକୁ ଚରିବାକୁ ଯାଇ ଆଉ ଫେରିନଥିଲେ। ବହୁ ଖୋଜାଖୋଜି କରିବା ପରେ ଗୋରୁଗୁଡ଼ିକଙ୍କ ଅଧାଖିଆ ମୃତଦେହ କେନ୍ଦୁପତ୍ର ଜଙ୍ଗଲ ଭିତରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏଥିରେ ନୁଆସ ରାଗି ଯାଇଥିଲେ। ସେ ଉକ୍ତ ଖଣ୍ଡବିଖଣ୍ଡିତ ଗୋରୁଙ୍କ ଶରୀରରେ ବିଷ ବୋଳି ଦେଇଥିଲେ। ଉକ୍ତ ବିଷବୋଳା ଗୋରୁଙ୍କ ଶବ ଖାଇବାରୁ ଗୋଟିଏ ମାଈ କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା ବୋଲି ବନ ବିଭାଗ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ଅଞ୍ଚଳବାସୀ ଏକ ବାଘ ବୁଲୁଥିବା ନେଇ ବାରମ୍ବାର ତାମଡ଼ା ରେଞ୍ଜ ଅଧିକାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ ରେଞ୍ଜ ଅଧିକାରୀ ଟ୍ରାପ୍ କ୍ୟାମେରା ଲଗାଯିବ କହି ଘଟଣାକୁ ଗୁରୁତ୍ୱ ଦେଇ ନଥିଲେ। ଗତକାଲି ଅପରାହ୍ଣରେ ଜଣେ



ଗାଈଚରାଳି ଜଙ୍ଗଲରେ ବାଘ ମରିପଡ଼ିଥିବା ନେଇ ଗାଁରେ କହିବା ପରେ ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଶୁକ୍ରବାର ସକାଳୁ ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ରାମା ସ୍ୱାମୀ ପି, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ସମେତ ଏକ ତଦନ୍ତକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ପଶୁସମ୍ପଦ ଅଧିକାରୀ ମୃତ ବାଘର ଶବକୁ ବ୍ୟବଚ୍ଛେଦ କରିବା ପରେ ମୃତ ବାଘର ଶବକୁ ପୋଡ଼ି ଦିଆଯାଇଥିଲା।

**ମହଙ୍ଗା ପଡ଼ିଲା ବେନାମୀ ସିମ୍ ବିକ୍ରି**

# ୨ ଜଣଙ୍କୁ ଉଠାଇନେଲା ଦିଲ୍ଲୀ ପୁଲିସ

ଭଦ୍ରକ/ଭଣ୍ଡାରିପୋଖରୀ, ୧୨।୧୨(ସମିସ): ବେନାମି ସିମ୍‌କାର୍ଡ ବିକ୍ରି ଅଭିଯୋଗରେ ଦିଲ୍ଲୀ ପୁଲିସ ଶୁକ୍ରବାର ଭଦ୍ରକରୁ ୨ଜଣଙ୍କୁ ଉଠାଇ ନେଇଛି। ସେମାନେ ହେଲେ, ମଞ୍ଜୁରୀରୋଡ୍ ବଜାରର ବ୍ୟବସାୟୀ ସନ୍ତୋଷ ଖଣ୍ଡାଇ ଓ ବନ୍ତ ଥାନା ଅଞ୍ଚଳର ଗଡିଗହିଆ ତରାଗୋ ଗାଁର ମହେଶ୍ୱର ପୁଷ୍ଟିଆ ଓରଫ୍ ଅଜୟ। ଉଭୟଙ୍କୁ ଭଦ୍ରକ କୋର୍ଟର ହାଜର କରାଇ ଦିଲ୍ଲୀ ପୁଲିସ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଯାଇଛି। ନୂଆ ସିମ୍‌କାର୍ଡ କିଣିବାକୁ ଆସୁଥିବା ଗ୍ରାହକଙ୍କ ଆଧାରକାର୍ଡ ଜରିଆରେ ଏମାନେ ଏକାଧିକ ସିମ୍ ଆକ୍ଟିଭ୍ କରିନେଉଥିଲେ। ଏ ବାବଦରେ ଗ୍ରାହକ ଜାଣିପାରୁନଥିଲେ। ପରେ ଉକ୍ତ ସିମ୍‌ଗୁଡ଼ିକୁ ଉଚ୍ଚ ଦରରେ ବେନାମୀ ଲୋକଙ୍କୁ ବିକି ଦେଉଥିଲେ। ଏହି ସିମ୍‌ଗୁଡ଼ିକ ବିଭିନ୍ନ ଅପରାଧରେ ବ୍ୟବହୃତ ହେଉଥିଲା। ଦିଲ୍ଲୀ ସାହିନବାଗ ଥାନାରେ ରୁଜୁ ଏକ ମାମଲାର ତଦନ୍ତ କରୁକରୁ ପୁଲିସ ଏ ଦୁହିଁଙ୍କ ବାବଦରେ ସୂଚନା ପାଇଥିଲା। ସେଠାରେ ଧରାପଡ଼ିଥିବା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଜଣେ ଅପରାଧୀ ବୟାନରେ ଏ ଦୁହିଁଙ୍କ ନାଁ ନେଇଥିଲା। ତାହାକୁ ଆଧାର କରି ଦିଲ୍ଲୀ ପୁଲିସର ଏକ ଟିମ୍ ଭଦ୍ରକ ଆସିଥିଲା। ଗୁରୁବାର ଅପରାହ୍ଣରେ ସ୍ଥାନୀୟ ପୁଲିସ ସହାୟତାରେ ଦିଲ୍ଲୀ ପୁଲିସ ସନ୍ତୋଷକୁ ଉଠାଇ ଆଣି ପଚରାଉଚରା କରିବା ପରେ ଆଜି ଗିରଫ କରିଥିଲା। ସେହିଭଳି ମହେଶ୍ୱରଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

**ଗୋଟିଏ ଆଧାରକାର୍ଡରେ ପୁଳାପୁଳା ସିମ୍ ଆକ୍ଟିଭ୍ କରୁଥିଲେ**

**ଅପରାଧୀଙ୍କୁ ଉଚ୍ଚ ଦରରେ ବିକୁଥିଲେ**

# ସର୍ଭିସ ବନ୍ଧୁକରୁ ନିଜକୁ ଗୁଳିକଲେ ଯବାନ

ନୂଆପଡା, ୧୨।୧୨ (ସମିସ):ନୂଆପଡା ଜିଲ୍ଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥାପିତ ଥିବା ଢେକୁନପାନି ସିଆର୍‌ପିଏଫ କ୍ୟାମ୍ପରେ କାର୍ଯ୍ୟରତ ଯବାନ ଗୋପିନାଥ ଶବର(୩୫) ନିଜର ସର୍ଭିସ ରିଭଲଭରରେ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡିଛି। ଯବାନଙ୍କ ଘର ଖଡିଆଳ ଥାନା ବରଗାଁ ପଞ୍ଚାୟତର ଘରଧରା ଗାଁ ବୋଲି ଜଣାପଡିଛି। ପ୍ରାପ୍ତ ଖବର ଅନୁଯାୟୀ ଆଜିକୁ ଦଶ ବର୍ଷ ତଳେ ବିବାହିତ ଗୋପିନାଥ ଦୀର୍ଘ ଦିନ ଧରି ସିଆର୍‌ପିଏଫରେ ନିୟୋଜିତ ହୋଇଥିଲେ। ଢେକୁନପାନୀ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ କ୍ୟାମ୍ପରେ ନିଜର ସର୍ଭିସ ରିଭଲଭରରେ ଗୁଳିକରି ନିଜର ଜୀବନ ହାରିଛନ୍ତି। ପରେ ଅଧିକାରୀମାନେ ଯାଇ ଦେଖିବାପରେ ମୃତ ଦେହକୁ ଉଦ୍ଧାର କରି ନୂଆପଡା ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ଆଣିଛନ୍ତି। କୋମନା ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଶନିବାର ମୃତଦେହର ବ୍ୟବଚ୍ଛେଦ ପରେ ମର ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବବୋଲି ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

# ଗଞ୍ଜେଇ ଚାଲାଣରେ ହୋମ୍‌ଗାର୍ଡ



ବାଲିଗୁଡା,୧୨।୧୨(ସମିସ): କନ୍ଧମାଳ ଜିଲ୍ଲା କୋଟଗଡ଼ ପୁଲିସ ଚଢ଼ଉ କରି ଏକ ଗଞ୍ଜେଇ ଭର୍ତ୍ତି କାର୍ ଜବତ କରିବା ସହ ଚୋରା ଚାଲାଣ କରୁଥିବା ହୋମ୍‌ଗାର୍ଡକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ, ହୋମ୍‌ଗାର୍ଡ ଶଙ୍କର ନିୟାଲ। ତୁମୁଡିବନ୍ଧ ଥାନା ଏସ୍‌ଆଇ ସର୍ବେଶ୍ୱର ଖାଡେଙ୍ଗା ଚେକିଂ ବେଳେ ଖଣ୍ଡିଆଗୁଡ଼ା ଆଡୁ ଏକ ପଶ୍ଚିମବଙ୍ଗ ନମ୍ବର କାର୍ ଦ୍ରୁତଗତିରେ କୋଟଗଡ ବଜାର ଆଡକୁ ଆସିବା ଦେଖିବାକୁ ପାଇଥିଲେ। ଏସ୍‌ଆଇ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ କୋଟଗଡ଼ ପୁଲିସ ଟିମ୍ ସେଣ୍ଟ୍ରାଲ ଫରେଷ୍ଟ ନର୍ସରୀ ନାକା ଗେଟ୍‌ର ଗାଡ଼ିଟିକୁ ମାଡ଼ି ବସିଥିଲା। ଆଉ ଗାଡ଼ିରୁ ୨୫କିଲୋ ଗଞ୍ଜେଇ ସହ ଚାଳକ ଶଙ୍କର ନିୟାଲ ଓ ବିଶିକେଶନ ବିଭାର ନାମକ ଦୁଇ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଗାଡ଼ି ଚାଳକ ଶଙ୍କର ଜଣେ ଗୃହରକ୍ଷୀ ହୋଇ ଗଞ୍ଜେଇ ବେପାରରେ ଲିପ୍ତ ଥିବାରୁ ଲାଞ୍ଜିଗଡ ଥାନାରୁ ନିକଟରେ ବିଜିପୁର ଥାନାକୁ ବଦଳି କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ହେଲେ ନିଜ ଚାକିରିରେ ସନ୍ତୁଷ୍ଟ ନ ଥିବା ଚାଳକ ଗୃହରକ୍ଷୀ ଶଙ୍କର ପୁଣି ଗଞ୍ଜେଇ ଚାଲାଣ କରି କୋଟଗଡ଼ ପୁଲିସ ହାବୁଡ଼ରେ ପଡି ଗିରଫ ହୋଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଥାନା କେସନଂ୧୭୪/୨୫ରେ ମାମଲା ରୁଜୁ କରି ଗାଡିକୁ ଜବତ ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। କୋଟଗଡ଼ ତହସିଲଦାର ଭୋଳାନାଥ ମାଝୀଙ୍କ ଉପସ୍ଥିତିରେ ୨୫ କିଲୋ ଗଞ୍ଜେଇ ଓଜନ କରାଯାଇଥିଲା। ଚଢ଼ଉରେ ଭୀମସେନ ମୁଟକା ଓ ପୁଲିସ ଟିମ ସାମିଲ ଥିଲେ।

# ୨୫ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ

**ସଫଳ ଆଖୁ ଚାଷୀ ଭାବେ ପ୍ରଥମ ପୁରସ୍କାର ପ୍ରଦାନ ପାଇଁ ନିର୍ଦ୍ଦେଶ**

କଟକ,୧୨।୧୨(ସମିସ): ଦୁଇ ଦଶନ୍ଧି ପୂର୍ବରୁ ଭଲ ଆଖୁ ଅମଳ ପାଇଁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟବିବେଚିତ ହୋଇଥିବା ଜଣେ ଚାଷୀଙ୍କୁ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ଦାୟର ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ୨୫ ବର୍ଷ ପରେ ଆବେଦନକାରୀ ସମ୍ପୃକ୍ତ ସଫଳ କୃଷକଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଥିବା ବେଳେ ୧୯୯୯-୨୦୦୦ ବର୍ଷ ପାଇଁ ପ୍ରଥମ ପୁରସ୍କାର ସ୍ୱରୂପ ୩୦ହଜାର ଟଙ୍କା ଆସନ୍ତା ଦୁଇ ମାସ ମଧ୍ୟରେ ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନରେନ୍ଦ୍ର କୁମାର ମିଶ୍ରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପ୍ରଥମ ପୁରସ୍କାର ଦାବିକୁ ଅଗ୍ରାହ୍ୟ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆଖୁ ଚାଷୀଙ୍କୁ ଅମଳ ଭିତ୍ତିରେ ପ୍ରୋତ୍ସାହନ ରାଶି ପୂର୍ବକ ପ୍ରଥମ ପୁରସ୍କାର ୩୦ ହଜାର, ଦ୍ୱିତୀୟ ପୁରସ୍କାର ୨୫ ହଜାର ଓ ତୃତୀୟ ପୁରସ୍କାର ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବନ୍ଧନୂଆଗାଁ ବ୍ଲକରେ ଥିବା ପ୍ରାୟ ଦେଢ଼ଏକର ଜମିରେ ଆବେଦନକାରୀ ଆଖୁଚାଷ କରି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨୦୦୦, ଫେବ୍ରୁଆରି ୩ରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଜମିରୁ ଆଖୁ କଟାଯାଇଥିଲା ବେଳେ ଏଥିରେ ସେ ପ୍ରଥମ ହୋଇଥିଲେ ମଧ୍ୟ ଏହି ପୁରସ୍କାର ତାଙ୍କୁ ମିଳିନଥିଲା। ଆଖୁ ଫସଲ ହୋଇଥିବା ପ୍ଲଟ୍ ଆବେଦନକାରୀ, ତାଙ୍କ ବାପା ଓ ଭାଇଙ୍କ ନାଁରେ ମିଳିତ ଭାବେ ରେକର୍ଡଭୁକ୍ତ ଥିବା ଓ ୧୯୯୭-୯୮ରେ ତାଙ୍କ ବାପା ଏହି କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଥିବା କାରଣରୁ ଏହି ପୁରସ୍କାର ଦିଆଯାଇ ନଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ ପୂର୍ବରୁ ଜମିର ସବୁ ତଥ୍ୟ ଦାଖଲ କରିବା ପରେ ଆବେଦନକାରୀଙ୍କୁ ଅନୁମତି ମିଳିଥିଲା। ଏଥିସହ ଗୋଟିଏ ପରିବାରର ଜଣେ ସଦସ୍ୟ ପୂର୍ବରୁ ପୁରସ୍କାର ପାଇଥିଲେ ଅନ୍ୟ ଜଣେ ସଦସ୍ୟ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ବୋଲି ନିୟମାବଳୀରେ ଉଲ୍ଲେଖ ନଥିବା ବେଳେ ବେଆଇନ ଭାବେ ପୁରସ୍କାରରୁ ବଞ୍ଚିତ କରାଯିବା ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଚିଲିକା ବ୍ଲକ୍‌ରେ ସରକାରୀ ନିୟମ ଅଚଳ**

# ବିଡିଓ ରୋକୁଛନ୍ତି ବିକାଶ; ଲୋକଙ୍କ ସରକାର ବିବଶ


ଭୁବନେଶ୍ୱର,୧୨।୧୨ (ସମିସ): ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ, ଶାସକ ଦଳର ବିଧାୟକ ଏବେ ସବୁଠି ଗୋଟିଏ କଥା ଦୋହରାଉଛନ୍ତି 'ଲୋକଙ୍କ ସରକାର' । ମାତ୍ର ରାଜ୍ୟରେ କଥିତ 'ଲୋକଙ୍କ ସରକାର'ରେ ବିକାଶ କେମିତି ଚାଲିଛି ତାହା ଚିଲିକା ବ୍ଲକ୍‌ରେ ପ୍ରଶାସନିକ କାର୍ଯ୍ୟରୁ ଜଳଜଳ ଦିଶୁଛି । ଚିଲିକା ବ୍ଲକ୍‌ରେ ସରକାରୀ ନିୟମ ପରିବର୍ତ୍ତେ ବିଡ଼ିଓଙ୍କ ନିୟମ ଚାଲେ ଓ ଅତି ଶକ୍ତିଶାଳୀ ବିଡ଼ିଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ଖାତିର କରନ୍ତି ନାହିଁ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଅନ୍ୟ କାର୍ଯ୍ୟଗୁଡ଼ିକ ତ ଭିନ୍ନ କଥା, ସାଂସଦଙ୍କ ହାତପାଣ୍ଠିରୁ ମଞ୍ଜୁର ହୋଇଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ହୋଇ ନ ପାରିବା ସ୍ଥାନୀୟ ଲୋକଙ୍କୁ କ୍ଷୁବ୍ଧ କରିଛି । ବିଡ଼ିଓଙ୍କ ଏପରି ବିକାଶ ବିରୋଧୀ କାର୍ଯ୍ୟ ଲୋକଙ୍କ ମନରେ ସରକାରଙ୍କ ପ୍ରତି ଆକ୍ରୋଶ ସୃଷ୍ଟି କରିଛି ।

ଅଭିଯୋଗ ଅନୁସାରେ ଚିଲିକା ବ୍ଲକ୍‌ର ୭ଟି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସାଂସଦ ମାନସ ମଙ୍ଗରାଜ ୨୪.୫ ଲକ୍ଷ ଟଙ୍କା ସାଂସଦ ହାତପାଣ୍ଠିରୁ ମଞ୍ଜୁର କରିଥିଲେ। ମାତ୍ର ବିଡ଼ିଓ ଏହି କାମଗୁଡ଼ିକର କାର୍ଯ୍ୟାଦେଶ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ । ଗତ ମେ ଓ ଜୁନ୍ ମାସରୁ ଏହି କାମ ପାଇଁ ଚିଠି ଦିଆଯାଇଥିଲେ ମଧ୍ୟ ତାହାର ୱାର୍କଅଡର୍‌ର ପ୍ରଦାନ କରାଯାଇ ନ ଥିଲା । ଫଳରେ ସାଂସଦ ଏ ସଂକ୍ରାନ୍ତରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡ଼ିଓ କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ କରୁଥିବାରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଚଣ୍ଡେଶ୍ୱର


**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବି ମାନୁନାହିଁ ବ୍ଲକ୍ ପ୍ରଶାସନ**

ପଞ୍ଚାୟତର ୫ଟି ପ୍ରକଳ୍ପ ଏବଂ ୧୪.୫ ଲକ୍ଷ ଟଙ୍କା ଅଟକଳରେ ବରକୁଳ ଓ ବାଲୁଆବନ୍ଧ ପଞ୍ଚାୟତର ୨ଟି ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହେଉଥିବା ସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଏପରିକି ଧାର୍ଯ୍ୟ ଅବଧି ମଧ୍ୟରେ କାର୍ଯ୍ୟଗୁଡ଼ିକ ଶେଷ କରିବା ନିମନ୍ତେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଅନେକବାର ବିଡ଼ିଓଙ୍କ ସହ ଯୋଗାଯୋଗ କରିଥିବା ଓ କାର୍ଯ୍ୟାଦେଶ ଦେବାକୁ ଅନୁରୋଧ କରିଥିଲେ ବି କୌଣସି ସୁଫଳ ମିଳିନାହିଁ ବୋଲି ସାଂସଦ ଶ୍ରୀ ମଙ୍ଗରାଜ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଜିଲ୍ଲା ପ୍ରଶାସନ ଏ ସଂକ୍ରାନ୍ତରେ ଚିଲିକା ବିଡ଼ିଓଙ୍କୁ ଅକ୍ଟୋବର ୧୦ ତାରିଖରେ ଏକ ଚିଠି ଲେଖି ତୁରନ୍ତ ଏହି କାମଗୁଡ଼ିକର କାର୍ଯ୍ୟାଦେଶ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସାଧାରଣ ଲୋକଙ୍କର ସ୍ୱାର୍ଥଜଡ଼ିତ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା । ମାତ୍ର ଜିଲ୍ଲା ପ୍ରଶାସନ ଚିଠି ପ୍ରଦାନର ୨ ମାସ ବିତି ଯାଇଥିଲେ ମଧ୍ୟ ଚିଲିକା ବିଡ଼ିଓ ଏ ପର୍ଯ୍ୟନ୍ତ ଅନେକ କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ କରିନଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବରକୁଳ ଓ ବାଲୁଆବନ୍ଧ ଅଞ୍ଚଳର ଲୋକମାନେ ଏହି କାର୍ଯ୍ୟ ସମ୍ପର୍କରେ ବୁଝାବୁଝି କରିବାକୁ ଯିବାବେଳେ ସେମାନଙ୍କୁ ବ୍ଲକ ପ୍ରଶାସନ ଧରାଛୁଆଁ ଦେଉ ନାହାନ୍ତି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଲୋକଙ୍କ ସରକାରରେ ସରକାରୀ ଅଧିକାରୀମାନେ ସାଧାରଣ ଲୋକଙ୍କୁ ଏପରି ବ୍ୟବହାର କରିବା ଓ ବିକାଶମୂଳକ କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି କି ବୋଲି ମଧ୍ୟ ଅନେକ ପ୍ରଶ୍ନ କରିବା ସହ ତୁରନ୍ତ କାର୍ଯ୍ୟାଦେଶ ନ ମିଳିଲେ ସ୍ଥାନୀୟ ଜନସାଧାରଣ ବିଡ଼ିଓଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ଦନ୍ତାହାତୀର ସନ୍ଦେହଜନକ ମୃତ୍ୟୁ



ତୁମୁଡିବନ୍ଧ, ୧୨।୧୨ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କରଜଣ୍ଡି ଗ୍ରାମ ନିକଟସ୍ଥ ଏକ ଜଙ୍ଗଲରୁ ଦନ୍ତା ହାତୀର ମୃତଦେହ ଠାବ ହୋଇଛି। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନଥିବା ବେଳେ ଅଞ୍ଚଳବାସୀ ସିଧାସଳଖ ଭାବେ ବନବିଭାଗର ଅବହେଳାକୁ ଦାୟୀ କରିଛନ୍ତି। ଶୁକ୍ରବାର ଭୋର ୪ଟାରେ ହାତୀଟି ମୃତ୍ୟୁବରଣ କରିଥିବା ନେଇ କରଜଣ୍ଡି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା କଥା, ଗତ ୬ ମାସ ପୂର୍ବରୁ ଉକ୍ତ ହାତୀ ଝିରିପାଣି ଅଞ୍ଚଳରେ ବୁଲୁଥିଲା ଏବଂ ଅନେକ ଫସଲ ନଷ୍ଟ କରୁଥିଲା। ଏନେଇ ଝିରିପାଣି ଅଞ୍ଚଳର ଚାଷୀ ବନସୁରକ୍ଷା ଦାୟିତ୍ୱରେ ଥିବା ବୁଲୁ ନାୟକ ଏବଂ ବନପାଳ ଶିବାଜୀ ବେହେରାଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଦୁଇ ଅଧିକାରୀ ଚାଷୀଙ୍କୁ କେବଳ ଭଣ୍ଡାଉଥିଲେ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ମୃତ ହାତୀ ଅତି ଦୁର୍ବଳ ଥିଲା ଏବଂ ଠିକ ଭାବେ ଶୁଣିପାରୁନଥିଲା।


ପୁଣି ମ୍ୟାଟ୍‌କୁ ଫେରିବେ ଫୋଗଟ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-167 ♦SATURDAY ♦13 DECEMBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୬୭ ♦ଶନିବାର ♦୧୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ପ୍ରଥମଥର ହେବ ଡିଜିଟାଲ ଜନଗଣନା



ବ୍ୟକ୍ତି ପିଛା ଖର୍ଚ୍ଚ ହେବ ୯୭ ଟଙ୍କା

ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା

## ୨୦୨୭ ଜନଗଣନା ପାଇଁ ୧୧ ହଜାର ୭୧୮ କୋଟି ଟଙ୍କା ମଞ୍ଜୁର

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଦେଶରେ ପ୍ରଥମଥର ପାଇଁ ଜନଗଣନା ଡିଜିଟାଲ ହେବାକୁ ଯାଉଛି। ୨୦୨୭ ଜନଗଣନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୧,୭୧୮. ୨୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜଣେ ବ୍ୟକ୍ତି ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ୨୦୧୧ ଜନଗଣନା ବେଳେ ଦେଶର ଲୋକସଂଖ୍ୟା ୧୨୧ କୋଟି ଥିଲା। ଯଦି ଏହାକୁ ଆଧାର କରି ବିଚାର କରାଯାଏ ତେବେ, ଜଣେ ବ୍ୟକ୍ତିଙ୍କ ପାଇଁ ଜନଗଣନା ବାବଦରେ ୯୭ ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏବେ ଦେଶର ଲୋକସଂଖ୍ୟା ଆନୁମାନିକ ଭାବେ ୧୫୦ କୋଟିରେ ପହଞ୍ଚିଛି। ତେଣୁ ଏହାକୁ ବିଚାର କଲେ ପ୍ରତି ବ୍ୟକ୍ତିଙ୍କ ପାଇଁ ୭୮ ଟଙ୍କା ଖର୍ଚ୍ଚ ହେବ। ଏହି ଜନଗଣନା ପାଇଁ ୩୦ ଲକ୍ଷ କର୍ମଚାରୀଙ୍କୁ ନିୟୋଜନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସିଏଏସ୍ ସଫ୍ଟଓୟାର ବ୍ୟବହାର କରି ଡିଜିଟାଲ ଜନଗଣନା ହେବ। ଜନଗଣନାର ଡିଜିଟାଲ ଡିଜାଇନ୍ ତଥ୍ୟର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଦୁଇଟି ପର୍ଯ୍ୟାୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ପ୍ରଥମ ପର୍ଯ୍ୟାୟରେ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ପରିବାରର ତାଲିକା ତିଆରି କରାଯିବ ଓ ଘରଗୁଡ଼ିକର ଗଣନା କରାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରେ ଜନସଂଖ୍ୟାର ଗଣନା କରାଯିବ ବୋଲି ସେ କହିଛନ୍ତି। ମୋବାଇଲ ଆପ ମାଧ୍ୟମରେ ଡାଟା ସଂଗ୍ରହ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ନିର୍ଭୁଲ କରିବା ପାଇଁ ଏକ କେନ୍ଦ୍ରୀୟ ପୋର୍ଟାଲରୁ ଏହାକୁ ତଦାରଖ କରାଯିବ ବୋଲି କୁହାଯାଇଛି। ୨୦୨୭ର ଜନଗଣନା ଦେଶର ୧୬ତମ ଓ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ।

# ରାତିରେ ଶୀତର 'କର୍ଫ୍ୟୁ'

## ୧୦ ତଳକୁ ଖସିଲା ୧୫ ସହରରେ ପାରଦ



■ ଭୁବନେଶ୍ୱର, ୧୨।୧୨ (ସମିସ): ସାରା ରାଜ୍ୟରେ ଏବେ ଶୀତ କର୍ଫ୍ୟୁ। ରାତି ବଢ଼ିବା ସାଙ୍ଗକୁ ବଢ଼ୁଛି ଥଣ୍ଡା, ଖସୁଛି ପାରଦ । କ୍ରମାଗତ ଭାବେ ତାପମାତ୍ରା ତଳମୁହାଁ ହେତୁ ରାଜ୍ୟରେ ୭ ଦିନ ହେବ ଲାଗି ରହିଥିବା ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ଅପରିବର୍ତ୍ତିତ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୨ ସହରରେ ତାପମାତ୍ରା ୩ ଡିଗ୍ରୀକୁ ଖସିଛି ଓ୍ ୧୫ ଟି ସହର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୧ ଡିଗ୍ରୀ ସହ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି ଓ ସେମିଳିଗୁଡ଼ାରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରେକର୍ଡ ହୋଇଛି। ଅନୁରୂପ ଭାବରେ ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ି ୬.୫, ଚିପିଲିମା ୬.୬, ଝାରସୁଗୁଡ଼ା ୭.୧, ରାଉରକେଲା ୭.୨, ଭବାନୀପାଟଣା ୭.୫, କୋରାପୁଟ ୮.୧, କିରେଇ ୮.୪, ଅନୁଗୁଳ ୮.୬, ବଲାଙ୍ଗିର ୯, ନବରଙ୍ଗପୁର ୯.୨, କେନ୍ଦୁଝର ୯.୬ ଓ ସୁନ୍ଦରଗଡ଼ରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଛି।

### ଜି.ଉଦୟଗିରିରେ ୩.୧, ସେମିଳିଗୁଡ଼ାରେ ୩.୬

### ପ୍ରବଳ ଜାଡ଼ ପାଇଁ ୯ ଜିଲ୍ଲାକୁ ସତର୍କତା ଜାରୀ

ଜାରି ରହିଥିବା ଶୀତ ଲହରୀ ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଲେ ମଧ୍ୟ ଶୀତର ପ୍ରଭାବ ବିଶେଷ କମିବ ନାହିଁ ବୋଲି ଆକଳନ ▶ପୃଷ୍ଠା-୭

# ସରିଲା ବିଧାନସଭା; ଥମୁନି ଶିକ୍ଷକ ଆନ୍ଦୋଳନ

## ରାଜଧାନୀରେ ଗର୍ଜିଲେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନପ୍ରାପ୍ତ ଶିକ୍ଷକ

■ ଭୁବନେଶ୍ୱର, ୧୨।୧୨ (ସମିସ): ବିଧାନସଭା ଶୀତକାଳିନ ଅଧିବେଶନ ସରିବାକୁ ୩ ଦିନ ବିତିଯାଇଥିଲେ ମଧ୍ୟ ଶିକ୍ଷକ ଆନ୍ଦୋଳନ ଥମିବାର ନା ଧରୁନି। ପ୍ରତିଦିନ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନକୁ ଆସି ସରକାର ଦେଇଥିବା ପ୍ରତିଶ୍ରୁତିକୁ

### ନିୟମିତ ଦାବିରେ କଳା ଓ କ୍ରୀଡ଼ା ଶିକ୍ଷକଙ୍କ ବିକ୍ଷୋଭ

ପାଳନ କରନ୍ତୁ ବୋଲି ନାରାବାଜି କରୁଛନ୍ତି। ଏକାଧିକ ସଂଗଠନ ଅହୋରାତ୍ର ଧାରଣା ଦେଉଛନ୍ତି। ମୁଖ୍ୟାଳୟ ଛାଡ଼ି ରାଜଧାନୀ ବିକ୍ଷୋଭରେ ସାମିଲ ହେଉଥିବା ଶିକ୍ଷକ ଓ କର୍ମଚାରୀଙ୍କ ତାଲିକା ମାଗି




ଗଣଶିକ୍ଷା ବିଭାଗ ନାଲିଆଖି ଦେଖାଇଥିଲେ ମଧ ଆନ୍ଦୋଳନରେ ବ୍ରେକ୍ ଲାଗୁ ନ ଥିବାରୁ ସରକାରଙ୍କ ଶୀରପିଡ଼ା ବଢ଼ୁଛି।

ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ (+୨ ଓ +୩) ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶୁକ୍ରବାର ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଗର୍ଜିଛନ୍ତି। ସେମାନଙ୍କ ଏକମାତ୍ର ଦାବି ଭାବେ 'ସରକାରୀ ଅନୁଦାନ ପ୍ରଦାନ' କରିବାକୁ ଦାବି କରିବା ସହ ସରକାର ସେମାନଙ୍କ ସହ ପ୍ରତାରଣା କରୁଥିବା ଅଭିଯୋଗ ▶ପୃଷ୍ଠା-୭

### ପୀତବାସ ହତ୍ୟା ମାମଲାରେ ୫ଜଣଙ୍କ ଜାମିନ ଆବେଦନର ଶୁଣାଣି ଶେଷ

# କୋର୍ଟ ରୁମ୍‌ରେ ୫ ଘଣ୍ଟା ଯୁକ୍ତିତର୍କ

■ ବ୍ରହ୍ମପୁର, ୧୨।୧୨ (ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ଆଜି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଶେଷ ହୋଇଛି। ବିଚାରପତି ରାୟ ସଂରକ୍ଷିତ ରଖିଥିବା ବେଳେ ଆସନ୍ତା ୧୬ରେ ରାୟ ପ୍ରକାଶ ପାଇବ ବୋଲି କୁହାଯାଉଛି। ତେବେ, ଜାମିନ ଆବେଦନ ଉପରେ ଦୀର୍ଘ ୫ଘଣ୍ଟା ଧରି ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହେବା ଘଟଣା ଆଜି ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ପୂର୍ବାହ୍ଣ ୧୧ଟାରୁ ଆରମ୍ଭ ହୋଇଥିବା ଏହି ଶୁଣାଣି ଅପରାହ୍ଣ ୨ଟା ▶ପୃଷ୍ଠା-୭

**ରାୟ ସଂରକ୍ଷିତ, ୧୬ରେ ପ୍ରକାଶ**

**ବ୍ରହ୍ମପୁର କୋର୍ଟ ଇତିହାସରେ ପ୍ରଥମ ଘଟଣା!**

# ନବମ ଶ୍ରେଣୀ ଛାତ୍ର ଅଣ୍ଟାରୁ ବନ୍ଧୁକ ଜବତ

■ କେନ୍ଦ୍ରାପଡ଼ା, ୧୨।୧୨ (ସମିସ): ଜଣେ ନବମ ଶ୍ରେଣୀ ଛାତ୍ର ଅଣ୍ଟାରେ ବନ୍ଧୁକ ଖୋସି ସ୍କୁଲକୁ ଆସିବା ଏବଂ ଖେଳ ଶିକ୍ଷକଙ୍କୁ ଧମକ ଦେବା ଭଳି ଚାଞ୍ଚଲ୍ୟକର ଘଟଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ଗରଦପୁର ଅଞ୍ଚଳର କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଏହି ଘଟଣା ଘଟିଛି। କୁଦାନଗରୀ ପୁଲିସ ସଂପୃକ୍ତ ଛାତ୍ରକୁ ଅଟକ ରଖିବା ସହ ତା'ଠାରୁ ଗୋଟିଏ ବନ୍ଧୁକ ଓ ଗୁଳି ଜବତ କରିଛି। ଛାତ୍ରଜଣଙ୍କ ଧାନମଣ୍ଡଳ ଅଞ୍ଚଳର ବୋଲି ଜଣାଯାଇଛି। ତାକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଇବା ପରେ ବାଳସୁଧାର ଗୃହକୁ ପଠାଇ ଦିଆଯିବ ବୋଲି ଜଣାଯାଇଛି।

**ଧରିପକାଇବାରୁ ଶିକ୍ଷକଙ୍କୁ ଧମକ**

ସୂଚନାନୁଯାୟୀ, ଛାତ୍ରଜଣଙ୍କ ଆଜି ଏକ ବନ୍ଧୁକ ଓ ଗୁଳି ନେଇ ସ୍କୁଲକୁ ନେଇ ଆସିଥିଲା। ବନ୍ଧୁକଟି ତା' ଅଣ୍ଟାରେ ଖୋସା ହୋଇଥିଲା। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହେବାରୁ କଥା ସ୍କୁଲ କର୍ତ୍ତୃପକ୍ଷଙ୍କ କାନକୁ ଯାଇଥିଲା। ସ୍କୁଲ ଖେଳ ଶିକ୍ଷକ ବନ୍ଧୁକକୁ ଜବତ କରିବାରୁ ଏଥିରେ ଛାତ୍ରଜଣଙ୍କ ରାଗି ନିଆଁବାଣ ହୋଇଯାଇଥିଲା। ସେ ଶିକ୍ଷକଙ୍କୁ ମଧ ନାନା ଧମକଚମକ ଦେଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍କୁଲ ପକ୍ଷରୁ ଏନେଇ ଅଭିଯୋଗ ହେବା ପରେ ପୁଲିସ ସ୍କୁଲରେ ପହଞ୍ଚି ବନ୍ଧୁକ ଓ ଗୁଳି ଜବତ କରିଥିଲା। ତେବେ ପୁଲିସକୁ ଦେଖି ଛାତ୍ରଜଣଙ୍କ ଫେରାର୍ ହେବାକୁ ଚେଷ୍ଟା ▶ପୃଷ୍ଠା-୭

### କେନ୍ଦ୍ର କ୍ୟାବିନେଟ ଦେଲା ମଞ୍ଜୁରୀ

# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇ




**ଭାରତୀୟ ବଜାରକୁ ଆସିବେ ବିଦେଶୀ କମ୍ପାନୀ**

**ଗ୍ରାହକଙ୍କୁ ମିଳିବ ପଲିସି ବିକଳ୍ପ**

■ ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଭାରତୀୟ ବୀମା ବଜାରକୁ ଆସିବେ ବିଦେଶୀ କମ୍ପାନୀ। ଏଥିପାଇଁ କେନ୍ଦ୍ର ସରକାର ଦେଶର ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମା ୧୦୦%କୁ ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାସହିତ ବୀମା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କିଛି ପ୍ରମୁଖ ଢାଞ୍ଚାଗତ ସଂସ୍କାରକୁ ମଧ୍ୟ ଅନୁମୋଦନ ମିଳିଛି।

ବୀମା କ୍ଷେତ୍ରରେ ଶତ ପ୍ରତିଶତ ଏଫ୍‌ଡିଆଇ ଭାରତୀୟ ବୀମା ବଜାରରେ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ନିବେଶ ଆଣିବା ଆଶା କରାଯାଉଛି। ଫଳରେ ବିଦେଶୀ କମ୍ପାନୀଗୁଡ଼ିକ ଭାରତରେ ସମ୍ପୂର୍ଣ୍ଣ ଭାବରେ ବୀମା ବ୍ୟବସାୟ କରିପାରିବେ। ଏହା ବଜାରରେ ପ୍ରତିଯୋଗିତା ବୃଦ୍ଧି କରିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ ସେବା ପ୍ରଦାନ କରିବ। ଏହି ବିଲ୍ ଡିସେମ୍ବର ୧୯ରେ ଶେଷ ହେଉଥିବା ସଂସଦର ଚଳିତ ଶୀତକାଳୀନ ଅଧିବେଶନରେ ଆଗତ ହେବ। ଆହୁରିମଧ୍ୟ ବିଦେଶୀ ବୀମା କମ୍ପାନୀଗୁଡ଼ିକ ଲୋକମାନଙ୍କୁ ଅଧିକ ବୀମା ବିକଳ୍ପ ପ୍ରଦାନ କରିବେ ଏବଂ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ସଠିକ୍ ପଲିସି ବାଛିପାରିବେ। ଏହାସହିତ, ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ବୃଦ୍ଧି ପାଇବ, ▶ପୃଷ୍ଠା-୭

# ରାଜଧାନୀର ହୁକ୍କା ବାର୍‌ରେ ଭୟାବହ ଅଗ୍ନିକାଣ୍ଡ

## ଜଳିଗଲା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ■ ବିନା ଲାଇସେନ୍ସରେ ମଦ ବିକ୍ରି ଅଭିଯୋଗ



■ ଭୁବନେଶ୍ୱର, ୧୨।୧୨ (ସମିସ): ରାଜଧାନୀର ସତ୍ୟବିହାର ସ୍ଥିତ 'ନୋ ଲିମିଟ୍ ଏୟାର' ନାମକ ଏକ ହୁକ୍କା ବାର ଓ ରେଷ୍ଟୋରାଁରେ ଶୁକ୍ରବାର ସକାଳେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ଏଥିରେ ରେଷ୍ଟୋରାଁଟି ସମ୍ପୂର୍ଣ୍ଣ ଭାବେ ଜଳି ପୋଡି ପାଉଁଶ ହୋଇଯାଇଛି। ନିଆଁ ଅନ୍ୟ ବ୍ୟବସାୟିକ ଗୁଡ଼ିକ ବ୍ୟାପିବା ପୂର୍ବରୁ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଁଞ୍ଚି ଆୟତ୍ତ କରିଥିଲା; ଘଟଣାସ୍ଥଳରୁ ହୁକ୍କା ଟାଣିବା ପାଇଁ ବ୍ୟବହୃତ ବହୁ ସାମଗ୍ରୀ ମିଳିଛି। ଏହା ସହ ଘଟଣାସ୍ଥଳକୁ ପୋଡା ଟିଣ କେନ୍ ମଧ୍ୟ ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ମୁତାବକ, ରେଷ୍ଟୋରାଁଟି ୪ମହଲାର ଛାତଉପରେ ଚାଲୁଥିଲା। ରେଷ୍ଟୋରାଁ ବନ୍ଦ ରହିଥିଲା ବେଳେ ଅଚାନକ ଅଗ୍ନିକାଣ୍ଡ ଘଟିଥିଲା। ଏଠାର କର୍ମଚାରୀମାନେ ପ୍ରଥମେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ରେଷ୍ଟେରାଁରେ ଦହନଶୀଳ ପଦାର୍ଥର୍ ବହୁ ପରିମାଣରେ ଥିବାରୁ ନିଆଁ ଅଚାନକ ଅଣାୟତ୍ତ ହୋଇଗଲା। ଯାହାଫଳରେ ରେଷ୍ଟୋରାଁ କର୍ମଚାରୀମାନେ ଘଟଣାସ୍ଥଳ ଛାଡି ପଳାଇଥିଲେ। ସେତେବେଳକୁ ନିଆଁ ହୁ ହୁ ହୋଇ ଜଳିବା ଆରମ୍ଭ କରିଥିଲା ଓ ଆକାଶ ଧୂଆଁ ଧୂଆଁ ହୋଇ ଯାଇଥିଲା। ସକାଳ ପ୍ରାୟ ୮ଟା ୪୫ ମିନିଟ୍ ସମୟରେ ▶ପୃଷ୍ଠା-୭


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

KALINGA INSTITUTE OF SOCIAL SCIENCES
KISS Deemed to be University
(Established U/S 3 of UGC Act 1956), Bhubaneswar, Odisha, India

WELCOME



Mr. Fabio Azevedo
President, FIVB
&
Senior Leadership & Officials of FIVB

FIVB VOLLEYBALL FESTIVAL WEEK
11th-14th December 2025

Under the KIIT–KISS Kanya Kiran Women Empowerment Initiative
for Women Empowerment and Grassroots Volleyball Development

in collaboration with

International Volleyball Federation
FIVB Volleyball Foundation
Odisha Volleyball Association (OVA)

Over 200 volleyball coaches, players, and experts from across the globe, including India, will participate in the event, in addition to 500 participants from Odisha.

KIIT-DU, Patia, Bhubaneswar Odisha, India 751024 | kiit@kiit.ac.in | kiit.ac.in
KISS-DU, KISS Campus-3, Bhubaneswar Odisha, India 751024 | info@kiss.ac.in | kiss.ac.in





## ସତ୍ୟବିହାରବାସୀଙ୍କୁ ନାକେଦମ୍ କରୁଥିଲା

# ଧୂଆଁ ହୋଇଗଲା 'ଧୂଆଁ' ବାର୍

ଭୁବନେଶ୍ୱର, ୧୨।୧୨(ସମିସ): ସତ୍ୟବିହାରରେ ଅଗ୍ନିକାଣ୍ଡ ଜଳି ଯାଇଥିବା ନୋ ଲିମିଟ୍ ଏୟାର ହୁକ୍କା ବାର୍‌କୁ ଏବେ ରାଜଧାନୀ ସାରା ଚର୍ଚ୍ଚା। ଦିନେ ଲୋକଙ୍କୁ ଧୂଆଁ ପିଆଉଥିଲା ଏବେ ନିଜେ ଧୂଆଁ ଧୂଆଁ ହୋଇଗଲା। କିଛି ବି ରହିଲାନି ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଗଲା। ଅଘଟଣ ବେଳେ ଲୋକେ ସହାନୁଭୂତି ଦେଖାନ୍ତି ହେଲେ ବାର୍ ଯୋଗୁଁ ଲୋକେ ଏମିତି ଆକ୍ରାମାକ୍ତ ହୋଇଥିଲେ ଯେ ସହାନୁଭୂତି




ବଦଳରେ ଓଲଟା ରେସ୍ତୋରାଁ ଚଳାଉଥିବା ମାଲିକ ଏବଂ ତାଙ୍କ କାରନାମକୁ ଭରି ଭରି ଗାଳି ଦେଉଥିଲେ। ଲୋକଙ୍କ ଆକ୍ରୋଶ ଦେଖି ହୁକ୍କାବାର୍ ମାଲିକ ଏବଂ କର୍ମଚାରୀ ଘଟଣାସ୍ଥଳ ଛାଡି ଚାଲି ଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରେସ୍ତୋରାଁ ଖୋଲିବା ଦିନଠାରୁ ଲୋକେ ନାକେଦମ୍ ହୋଇଗଲେଣି। ରାତିରେ ଲୋକେ ଶୋଇ ପାରୁ ନାହାନ୍ତି। କେତେବେଳେ ବହୁ ଜୋରରେ ଶବ୍ଦ କରି ଗୀତ ଚଳାଉଛନ୍ତି। କେତେବେଳେ ଡିଜେ ଲାଇଟ୍ ଘରେ ପଡୁଛି। ଆଉ ରାତିରେ ସବୁବେଳେ ଗଣ୍ଡଗୋଳ। ରେସ୍ତୋରାଁ ଯୋଗୁଁ ସବୁବେଳେ ଏଠାରେ ଗଣ୍ଡଗୋଳ। ଏନେଇ ସତ୍ୟବିହାର ୱେଲ୍‌ଫେୟାର ହାଉସିଂ ଆସୋସିଏସନ୍ ଗତ ଅଗଷ୍ଟରେ ଡିସିପିଙ୍କୁ ଏସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ ତାଙ୍କ ବିରୋଧରେ ହୁକା ବାର୍ ମାଲିକଙ୍କ ବିରୋଧରେ କେହି କିଛି ଶୁଣୁ ନଥିଲେ। ହଜାର ହଜାର ଲୋକଙ୍କ ଅଭିଯୋଗ ଆଗରେ ଭାରି ପଡ଼ିଯାଇଥିଲା ବାର୍ ମାଲିକଙ୍କ ପତିଆରା। ତେବେ ହୁକା ବାର୍ ଜଳିଗଲା ପରେ ଲୋକେ ଖୁସି ମନାଇଥିଲେ।

### ରାତି ୪ଟା ପର୍ଯ୍ୟନ୍ତ ଚାଲୁଥିଲା

ରାତି ୧୧ଟା ୩୦ପରେ ରାଜଧାନୀର ଦୋକାନ ବଜାର ବନ୍ଦ ହୋଇଯାଉଛି। ପୁଲିସ ନିଜେ ଛିଡା ହୋଇ ବନ୍ଦ କରିଦେଉଛି। ହେଲେ ଏମାନଙ୍କ ବ୍ୟବସାୟ ରାତି ୪ଟା ପର୍ଯ୍ୟନ୍ତ ଚାଲୁଥିଲା। ଏଠି ପୁଲିସର ହାତ ପାଉ ନଥିଲା। ଜାତୀୟ ରାଜପଥ କଡ ବୋଲି କହି ରାତି ୪ଟା ପର୍ଯ୍ୟନ୍ତ ଚଳାଉଥିଲେ ମଧ୍ୟ ପୁଲିସ ତାଙ୍କ ପାଇଁ ସ୍ୱତନ୍ତ୍ର ନିୟମ ତିଆରି ହେଲା ଭଳି ତାଙ୍କ କଥାରେ ହଁ ମାରି ଚାଲିଥିଲା।

### ବେଆଇନ୍ ମଦ କାରବାର ଅଭିଯୋଗ

ବାର୍ ଲାଇସେନ୍ସ ନ ଥାଇ ଏଠାରେ ବେଆଇନ୍ ମଦ କାରବାର ହେଉଥିବା ଅଭିଯୋଗ ହେଉଥିଲା। ଏପରିକି 'ନୋ ଲିମିଟ୍ ବାର୍' ବୋଲି ସାଇନ୍‌ବୋର୍ଡ ଲେଖାଯାଇଥିଲା। ସମସ୍ତଙ୍କୁ ଦେଖାଗଲା କେବଳ ଅବକାରୀ ବିଭାଗ କିଛି ପାଇଲା ନାହିଁ। ବିଭିନ୍ନ ସମୟରେ ଏହି ବାର୍‌ରେ ବହୁ ବେଆଇନ କାମ ଚାଲୁଥିଲା ପୁଲିସ ଓ ଅବକାରୀ ବିଭାଗ ଏହା ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିଲା। ହେଲେ ରେସ୍ତୋରାଁ ମାଳିକ ଏହାକୁ ଅସ୍ୱିକାର କରିଛନ୍ତି।

### ପାଲଟିଥିଲା ଗଣ୍ଡଗୋଳର ପେଣ୍ଠସ୍ଥଳୀ

ରେସ୍ତୋରାଁ ହେବା ଦିନ ଠାରୁ ଏହି ସ୍ଥାନ ନିୟମିତ ଭାବେ ଗଣ୍ଡଗୋଳର ପେଣ୍ଠସ୍ଥଳୀ ପାଲଟିଥିଲା। ଅଗଷ୍ଟ ୩୧ (ରବିବାର) ଭୋର ପ୍ରାୟ ୫ଟା ବେଳେ ବାର୍ ସାମ୍ନାରେ ଗଣ୍ଡଗୋଳ ହୋଇଥିଲା। ଜଣେ ସୁରକ୍ଷା କର୍ମୀ ଓ କିଛି ଗ୍ରାହକ ହାତାହାତି ହୋଇଥିଲେ ସିକ୍ୟୁରିଟି ଗାର୍ଡ ଶିବ ପ୍ରସାଦ ଦାସଙ୍କ ଛୁରାମାଡ଼ରେ ଗ୍ରାହକ ପ୍ରତୀକ ରାଉତ ଆହତ ହୋଇଥିଲେ। ଏଥିସହ ଆଉ କିଛି ଗ୍ରାହକ ମଧ୍ୟ ଆହତ ହୋଇଥିଲେ ଘଟଣାସ୍ଥଳରେ ପାର୍କିଂ ହୋଇଥିବା କିଛି ଗ୍ରାହକଙ୍କ ୨ଟି କାର୍ ଓ ଗୋଟିଏ ବୁଲେଟ୍‌କୁ ଶିବପ୍ରସାଦ ଇଟାରେ ଆକ୍ରମଣ କରି ଭଙ୍ଗାରୁଜା କରିଥିଲେ। ଗ୍ରାହକ ଯୁବକମାନଙ୍କ ପ୍ରତି ଆକ୍ରମଣରେ ଶିବପ୍ରସାଦ ମଧ୍ୟ ଆହତ ହୋଇଥିଲେ। ତେବେ ଆଇନ ଉଲଙ୍ଘନ କରି ରାତିସାରା ଉକ୍ତ ବାର୍ ଖୋଲା ରହିଥିବା ସ୍ଥାନୀୟ ଲୋକମାନେ ମଧ୍ୟ ସେତେବେଳେ ଅଭିଯୋଗ କରିଥିଲେ।

### ବେଆଇନ୍ ପାର୍କିଂ କରି ରାସ୍ତା ଜାମ୍ କରୁଥିଲା

ଏଠାରେ ରେସ୍ତୋରାଁ ଯୋଗୁଁ ବହୁ ବଡ଼ ବଡ଼ ଗାଡି ଲାଗୁଥିଲା। ପର୍ଯ୍ୟାପ୍ତ ପାର୍କିଂ ସ୍ଥଳ ନଥିବାରୁ ଗ୍ରାହକ ରାସ୍ତାରେ ଗାଡି ପାର୍କିଂ କରୁଥିଲେ। ବହୁ ସମୟରେ ଟ୍ରାଫିକ୍ ଜାମ୍ ହେଉଥିଲା। ଲୋକେ କିଛି କହିଲେ ବାର୍ ବାଉଁସର ମାନେ ଓଲଟା ଆଖି ଦେଖାଉଥିଲେ। କଷ୍ଟମର ଯାଆନ୍ତୁ ତମେ ଯିବ ବୋଲି କହୁଥିଲେ।

### ହାର୍ଡଡିସ୍କ ଅପେକ୍ଷାରେ ଅବକାରୀ ବିଭାଗ

ହୁକ୍କା ବାର୍‌ରେ ସିସି କ୍ୟାମେରା ଲାଗିଥିଲା। ସବୁକିଛି ରେକର୍ଡ ହେଉଥିଲା। ହେଲେ ଏବେ ସବୁ ଜଳି ଯାଇଛି। ଭରସା କେବଳ ହାର୍ଡଡିସ୍। ଏହାର ତଥ୍ୟ ବିଶ୍ଳେଷଣ କଲେ ଜଣାପଡ଼ିବ ଯେ ଏଠାରେ ମଦ ପରସାଯାଉଥିଲା ନା ନାହିଁ। କିନ୍ତୁ ଅବକାରୀ ବିଭାଗ କଣ ଜାଣି ନାହିଁ ଯେ ସବୁ ସ୍ଥାନରେ ସିସିଟିଭି ନଥିଲା। ଯଦି ଏଠାରେ ବେଆଇନ୍ ଭାବେ ମଦ ପରସାଯାଉଥିଲା ତେବେ ସେହି ସ୍ଥାନରେ ସିସି କ୍ୟାମେରା ସେ କଣ ପାଇଁ ଲଗାଇବ। ଅବକାରୀ ବିଭାଗ କାହାକୁ ବୋକା ବନାଉଛି। ଅଭିଯୋଗ ବେଳେ କିଛି କଲା ନାହିଁ। ଏବେ ଜଳିଗଲା ପରେ ସବୁ କାର୍ଯ୍ୟାନୁଷ୍ଠାନ ନେବ ବୋଲି କହୁଛି। ଏହା କେବଳ ନିଜ ମୁଣ୍ଡରୁ ଦୋଷ ଖସାଇବା ଭଳି କଥା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଖୋଲିବ କି 'ବଟି' ଗୁମର

ପିସିଆର୍ କର୍ମଚାରୀଙ୍କ ଦୈନିକ ୫ ଶହ। ବିଏମ୍‌ସି କର୍ମଚାରୀଙ୍କ ମାସିକ ୩ ହଜାର। ଏଭଳି ସମସ୍ତଙ୍କୁ ଖୁସି କରାଉଥିଲେ। ଏକ ନୋଟ୍ ବୁକ୍‌ରୁ ଏହାର ଖୁଲାସା ହୋଇଛି। ଏହା କେବଳ ତଳ କର୍ମଚାରୀଙ୍କ ପାଇଁ ଆଉ କାହାକୁ କଣ ଯାଉଥିଲା ତଦନ୍ତ ହେଲେ ଜଣାପଡନ୍ତା। ହେଲେ ଉପରୁ ତଳ ପର୍ଯ୍ୟନ୍ତ ଯଦି ସମସ୍ତେ ପାଉଥିଲେ ତେବେ କି ତଦନ୍ତ ହେବ ବୋଲି ପ୍ରଶ୍ନ ଉଠିଛି।

- ପୁଲିସ ପ୍ରଶାସନର ନାକ ତଳେ ଚାଲୁଥିଲା ନୋ ଲିମିଟ୍ ଏୟାର ହୁକ୍କା
- ଲୋକଙ୍କ ଅଭିଯୋଗ ଆଗରେ ଭାରି ପଡ଼ିଥିଲା ମାଲିକଙ୍କ ପତିଆରା



# ବିନା ଫାୟାର୍ ଲାଇସେନ୍ସରେ ଚାଲିଛି ୮୦ରୁ ଉର୍ଦ୍ଧ୍ୱ ବାର୍

ଭୁବନେଶ୍ୱର, ୧୨।୧୨(ସମିସ): ମାତ୍ର କିଛିଦିନ ତଳେ ଗୋଆ ନାଇଟ୍ କ୍ଲବ୍‌ରେ ଘଟିଥିଲା ଭୟଙ୍କର ଅଗ୍ନିକାଣ୍ଡ। ଦୁର୍ଘଟଣାରେ ୨୫ ଜଣ ପ୍ରାଣ ହରାଇଥିଲେ। ଏହାପରେ ଲୋକଙ୍କ ଭିଡ଼ ଜମୁଥିବା ଜନ ଗହଳୀପୂର୍ଣ୍ଣ ସ୍ଥାନ ଗୁଡ଼ିକର ସୁରକ୍ଷାକୁ ନେଇ ଚର୍ଚ୍ଚା ହୋଇଥିଲା। ଓଡ଼ିଶା ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲା। ରାଜଧାନୀରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନ ଥାଇ ବାର୍ ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ହେବ ବୋଲି ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଗଣମାଧ୍ୟମକୁ କହିଲେ। ଏଥିପାଇଁ ନୂଆବର୍ଷକୁ ଡେଟ୍ ଲାଇନ୍ ଭାବେ ଗ୍ରହଣ କଲେ। ହେଲେ ପ୍ରକ୍ରିୟା ଏତେ ଧୀର ଥିଲା ଯେ ଭୁବନେଶ୍ୱରରେ ଗୋଆ ଭଳି ଅଘଟଣ ଘଟିଗଲା। ନୋ ଲିମିଟ୍ ଏୟାର ହୁକା ବାର୍ ଜଳି ଧୂଆଁ ହୋଇଗଲା। ଅଳ୍ପକେ ବହୁ ଲୋକ ବଞ୍ଚି ଗଲେ। ହେଲେ ଜଣାପଡ଼ିଥିଲା ଉକ୍ତ ହୁକା ବାର୍‌ର ଲାଇସେନ୍ସ ନ ଥିଲା।

ଅଘଟଣ ଘଟିଲା ପରେ ଅଗ୍ନିଶମ ବିଭାଗର ଚେତା ପଶିଛି। ୫୦୦ ବର୍ଗ ମିଟର କ୍ଷେତ୍ରର ଅଧିକ ନିର୍ମାଣ ହେଲେ ଉକ୍ତ ସ୍ଥାନ ଗୁଡ଼ିକରେ ଫାୟାର ସେଫ୍‌ଟି ବାଧ୍ୟତମୂଳକ ବୋଲି ବିଭାଗ କହୁଛି। ଏଠାରେ ଏକ ସମୟରେ ବହୁ ବ୍ୟବସାୟୀ ପ୍ରତିଷ୍ଠାନ ଅପରେଟ୍ କରୁଥିଲେ ମଧ୍ୟ ବିଲ୍ଡିଂ ଫାୟାର ସେଫ୍‌ଟି ବ୍ୟବସ୍ଥା ନାହିଁ। ବିଲ୍ଡିଂ ମାଲିକଙ୍କୁ ବି କୌଣସି ଦିନ ଏସବୁ ନିର୍ମାଣ କରିବାକୁ ବିଭାଗ ପକ୍ଷରୁ କୁହାଯାଇ ନାହିଁ। ଅଘଟଣ ପରେ ଅଗ୍ନଶମ ବିଭାଗ ପକ୍ଷରୁ ବିଲ୍ଡିଂ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଏନେଇ ବିଏମ୍‌ସିକୁ ଲିଖିତ ଭାବେ ଜଣାଇବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଅବକାରୀ ବିଭାଗର ସୂତ୍ର ଅନୁଯାୟୀ ରାଜ୍ୟ ରାଜଧାନୀରେ ପ୍ରାୟ ୫୮ ହୋଟେଲ ଏବଂ ୮୨ ରେସ୍ତୋରାଁ ଅଛି। ଯେଉଁଠାରେ ଗ୍ରାହକଙ୍କ ପାଇଁ ବାର୍ ଅଛି। ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବା ସୂତ୍ର ଅନୁଯାୟୀ ଅଧିକାଂଶ ହୋଟେଲକୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଛୋଟ ପବ୍ ଏବଂ ରେସ୍ତୋରାଁଗୁଡ଼ିକର ଏପରି ପ୍ରମାଣପତ୍ର ନାହିଁ। ଛୋଟ କ୍ଲବ୍, ପବ୍ ଏବଂ ରେସ୍ତୋରାଁଗୁଡ଼ିକ ଅଗ୍ନିଶମ ବିଭାଗର ଅଧୀନରେ ଆସୁନାହିଁ। ଅଗ୍ନିଶମ ବିଭାଗ ସୂତ୍ରରୁ ଜଣାପଡ଼ିଛି ୮୦ ଅଧିକ ବାର୍ ଏବଂ ରେସ୍ତୋରାଁର ପ୍ରମାଣପତ୍ର ନାହିଁ। ଭୁବନେଶ୍ୱର ଏବଂ କଟକରେ ପ୍ରାୟ ୧୨୦ଟି ବାର୍ ପବ୍ ଅଛି। ଅଧିକାଂଶ ବାର୍ ଏବଂ ପବ୍‌ର ପ୍ରସ୍ଥାନ, ଅଗ୍ନି ଚିହ୍ନଟ ବ୍ୟବସ୍ଥା, ସ୍ପ୍ରିଙ୍କଲର୍ ଏବଂ ଆବଶ୍ୟକ ଅନୁଯାୟୀ ଅଗ୍ନି ନିର୍ବାପନ ଯନ୍ତ୍ର ନାହିଁ।

ରାଜଧାନୀରେ ସିନେମା ହଲ ଠାରୁ ଆରମ୍ଭ କରି ମଲ୍, ଆପାର୍ଟମେଣ୍ଟ, ମଣ୍ଡପ, ବାର୍, ସିନେମା ହଲ୍, ହେଟେଲ, ହସ୍ପିଟାଲ ଏବଂ ରେସ୍ତୋରାଁରେ ଏକ ସମୟରେ ବହୁ ଲୋକ ଏକତ୍ରିତ ହେଉଛନ୍ତି। ଏଠାରେ ଅଗ୍ନିକାଣ୍ଡ ଭଳି ଅଘଟଣ ଘଟିବାର ବହୁ ସମ୍ଭାବନା ରହିଛି। ଏଣୁ ଏମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକାଧିକ ସରକାରୀ ନିୟମାବଳୀ ରହିଛି। ଏଥିମଧ୍ୟରୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ, ୨୦୧୭ ଅନ୍ୟତମ। କୌଣସି ବ୍ୟବସୟିକ ପ୍ରତିଷ୍ଠାନ ଏହାକୁ ଲାଗୁ କରିବା ବାଧ୍ୟତାମୂଳକ। ହେଲେ ବଡ଼ ବ୍ୟବସାୟୀଙ୍କ ଚାପରେ ସରକାରୀ କଳ ଚେପା ହେଲା ଭଳି ମନେ ହେଉଛି। ବିନା ଅଗ୍ନି ନିରାପତ୍ତା ଲାଇସେନ୍ସରେ ଏକାଧିକ ବାର ଏବଂ ରେସ୍ତୋରାଁ ଚାଲିଛି। ସରକାରଙ୍କ ନାକ ତଳେ ଏଭଳି କାରବାର ଚାଲିଥିଲେ ମଧ୍ୟ ପ୍ରଶାସନର ଉପରଠଉରିଆ କାର୍ଯ୍ୟାନୁଷ୍ଠାନ ସମସ୍ତଙ୍କୁ ଆର୍ଶ୍ଚର୍ଯ୍ୟ କରିଛି।

- ନୋ ଲିମିଟ୍ ଏୟାର ହୁକା ବାରର ଲାଇସେନ୍ସ ବି ନ ଥିଲା
- ଦୁର୍ଘଟଣା ପରେ ଚେଇଁ ଉଠିଲା ଅଗ୍ନିଶମ
- ସତ୍ୟବିହାର ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏମ୍‌ସିକୁ ଚିଠି ଲେଖାଯିବ



# ସୁରକ୍ଷାକୁ ନେଇ ପ୍ରଶ୍ନକଲା ବିଜେଡି

ରାଜଧାନୀ ଭୁବନେଶ୍ୱରର ସତ୍ୟବିହାର ଅଞ୍ଚଳରେ ଥିବା ଏକ ବାର୍ କମ ରେଷ୍ଟୁରାଣ୍ଟରେ ଶୁକ୍ରବାର ସକାଳେ ଅଚାନକ ନିଆଁ ଲାଗିଯାଇଥିବା ଯୋଗୁଁ ସମଗ୍ର ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଏହିପରି ଘଟଣାମାନ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ରାଜ୍ୟରେ ଥିବା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନଗୁଡିକ କେତେଦୂର ସୁରକ୍ଷିତ, ସେନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଛି। ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ଆଜି ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନୁଯାୟୀ ଏହି ବିଲଡିଂରେ ଅଗ୍ନିଶମ ବିଭାଗର ଅନୁମତି ନଥିଲା। ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ଗୁଡିକରେ କିଭଳି ଅଗ୍ନିକାଣ୍ଡ ଘଟଣାକୁ ରୋକା ଯାଇ ପାରିବ, ସେ ଦାୟିତ୍ୱ ରାଜ୍ୟର ଅଗ୍ନିଶମ ସେବା ବିଭାଗର। କିନ୍ତୁ, ଏଇଭଳି ଏକାଧିକ ଘଟଣାମାନ ନିୟମିତ ବ୍ୟବଧାନରେ ସାମ୍ନାକୁ ଆସୁଥିବା ବେଳେ ଅଗ୍ନିଶମ ବିଭାଗ ତାର ଦାୟିତ୍ୱ ସଠିକ ଭାବେ ନିର୍ବାହ କରୁଛି କି ନାହିଁ, ସେନେଇ ଜନସାଧାରଣଙ୍କ ମନରେ ସନ୍ଦେହ ପ୍ରକାଶ ପାଉଛି। ଏହି ସ୍ଥାନଗୁଡିକରେ, ଅଗ୍ନିଶମ ବିଭାଗର ଅନୁମତି ଅନୁଯାୟୀ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା କଥା ଓ ନିୟମିତ ବ୍ୟବଧାନରେ ଏଗୁଡିକ କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି କି ନାହିଁ ତାର ଅଡିଟ ହେବାର ବ୍ୟବସ୍ଥା ମଧ୍ୟ ରହିଛି ବୋଲି ସେ କହିଛନ୍ତି। ମାତ୍ର ଦୁର୍ଘଟଣା ଘଟି ଯିବା ପରେ ଅଧିକାଂଶ ଘଟଣାରେ, ଅଗ୍ନିଶମ ବିଭାଗର ନିୟମ ଅନୁଯାୟୀ ଆବଶ୍ୟକୀୟ ଉପକରଣ ଗୁଡିକ କାର୍ଯ୍ୟରତ ଅବସ୍ଥାରେ ନ ଥିଲା ବୋଲି ଜଣାପଡୁଛି। ଡଃ ମହାନ୍ତି କହିଛନ୍ତି, ଯେହେତୁ ଏହା ଜନସାଧାରଣଙ୍କ ସୁରକ୍ଷା ସହିତ ସିଧାସଳଖ ଜଡିତ ଅଛି, ଏଥିରେ ଖିଲାପ ହେଲେ, କୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ବିପର୍ଯ୍ୟୟ ଘଟିବାର ସମ୍ଭାବନା ରହିଛି। ରାଜ୍ୟ ସରକାର ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକତା ରହିଛି। ଅଗ୍ନିଶମ ବିଭାଗର ରହିଥିବା ଏସଓପି ସଠିକ ଭାବେ ପାଳନ ହେଉଛି କି ନାହିଁ, ତାର ତର୍ଜମା ହେବା ଆବଶ୍ୟକ। ତେଣୁ, ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି।

- ଅଗ୍ନିଶମ ବିଭାଗର ଭୂମିକା ସନ୍ଦେହ ଘେରରେ
- ଆବଶ୍ୟକ ନିୟମ ପାଳନ ନେଇ ଅଡିଟ୍ ଉପରେ ପ୍ରଶ୍ନବାଚୀ




# ନବୀକୃତ ସତ୍ୟ ନଗର ଶ୍ମଶାନ ଲୋକାର୍ପିତ

- ଆଧୁନିକ ପଦ୍ଧତିରେ ହେବ ଶବଦାହ
- ଶ୍ମଶାନ ବାବଦରେ ଖର୍ଚ୍ଚ ହରିଶ୍ଚନ୍ଦ୍ର ଯୋଜନାରୁ ଦିଆଯିବ

ଭୁବନେଶ୍ୱର, ୧୨।୧୨(ସମିସ): ପ୍ରାୟ ୮ହଜାର ବର୍ଗମିଟର ସ୍ଥାନରେ ହୋଇଥିବା ନବୀକୃତ ସତ୍ୟନଗର ଶ୍ମଶାନ ଲୋକାର୍ପିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍‌ଯୋଗ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଏହି ଶ୍ମଶାନକୁ ଉଦଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟର ଏବଂ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ।

ଭୁବନେଶ୍ୱରରେ ସହରୀକରଣ ଏକ ସ୍ମାର୍ଟ ସିଟିର ପରିଚୟ ନେଇଛି ତେଣୁ ବର୍ଦ୍ଧିତ ଚାହିଦା, ଆଧୁନିକ ପରିବେଶଗତ ମାନଦଣ୍ଡ ମର୍ଯ୍ୟାଦାଜନକ, ନିରାପଦ ଏବଂ ଉପଭୋକ୍ତା-ଅନୁକୂଳ ସେବା ପ୍ରଦାନର ଆଶା ପୂରଣ କରିବା ପାଇଁ ଶ୍ମଶାନ ଭିତ୍ତିଭୂମିର ବିକାଶ ଆବଶ୍ୟକତା ରହିଛି। ଅତି ଆକର୍ଷଣୀୟ ହୋଇଛି ଶେଷ ଯାତ୍ରା ସ୍ଥାନ। ଏଥିପାଇଁ ସରକାର ଅକୁଣ୍ଠ ଚିତ୍ତରେ ସମ୍ବଳ ଯୋଗାଉଛନ୍ତି। ସମସ୍ତ ସହରାଞ୍ଚଳରେ ସମାନ ସୁବିଧା ଯୋଗାଇବା ସହିତ, ଗୋଶାଳା ଏବଂ ବାସଗୃହ ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମାନ୍ୟବର ମନ୍ତ୍ରୀ କହିଥିଲେ। ମାନ୍ୟବର ମଧ୍ୟ ବିଧାୟକ ଶ୍ରୀ ଜେନା ଆଜିର ସତ୍ୟନଗର ଶ୍ମଶାନ ଆଉ ଏକ ପୁରୀ ସ୍ୱର୍ଗଦ୍ୱାର। ଏହା ସ୍ମାର୍ଟ ଭୁବନେଶ୍ୱରର ଅନ୍ୟତମ ଉଦାହରଣ ବୋଲି କହିଥିଲେ। ବହୁଦିନର ଆଶା ପୂରଣ ହେବା ସହ ଆମର ସ୍ଥାନୀୟ ବାସିନ୍ଦା, ସ୍ଥାନୀୟ କର୍ପୋରେଟର୍ ମାନଙ୍କର ଉଦ୍ୟମ ଏବଂ ସରକାରଙ୍କ ସହଯୋଗରେ ନବୀକରଣ ସତ୍ୟନଗର ଶ୍ମଶାନକୁ ଦେଖୁଛି ବୋଲି ମେୟର ମତ ଦେଇଥିଲେ। ଏଥିପାଇଁ ସେ କମିଶନର ଓ ଟିମ୍ ବିଏମସିକୁ ଧନ୍ୟବାଦ୍ ଦେଇଛନ୍ତି ବିଶେଷ କରି ଏଠାରେ ଥିବା ଶବ ଦାହ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏହି ଶ୍ମଶାନରେ ପରିବେଶ-ଅନୁକୂଳ କାର୍ଯ୍ୟ ପାଇଁ ଆଧୁନିକ ଗ୍ୟାସ-ଆଧାରିତ ଶବଦାହ ପ୍ରଯୁକ୍ତିବିଦ୍ୟାକୁ ଆଧାରକରି ସୁବିଧା କରାଯାଇଛି। ଏକାସାଙ୍ଗରେ ଭିଡ଼ ପରିଚାଳନା, ପୂଜାସ୍ଥାନ, ଉତ୍ସର୍ଗୀକୃତ ପ୍ରବେଶ/ପ୍ରସ୍ଥାନ, ପାର୍କିଂ ଇତ୍ୟାଦିକୁ ସଙ୍ଗଠିତ କରାଯିବା ସହ ସବୁଜିମା, ପରିବେଶ ଏବଂ ପରିବେଶଗତ ଗୁଣବତ୍ତା ଉନ୍ନତ କରିବା ପାଇଁ ଲ୍ୟାଣ୍ଡ ସ୍କେପ୍ ଇତ୍ୟାଦି କରାଯାଇଛି। ଏଥିସହିତ ସଂରକ୍ଷଣ, କର୍ମଚାରୀ ବିଶ୍ରାମ କ୍ଷେତ୍ର ଏବଂ ସାଧାରଣ ଅନୁସନ୍ଧାନ ଡେସ୍କ ପାଇଁ ବ୍ୟବସ୍ଥା ରହିଛି।



ଶବଦାହ ପୂର୍ବ ପୂଜା କାର୍ଯ୍ୟ ପାଇଁ ଉତ୍ସର୍ଗୀକୃତ ପ୍ଲାଟଫର୍ମ ବା ପୂଜା ପିଣ୍ଡି ସହିତ ସଂସ୍କୃତି ସମ୍ପନ୍ନ ଆକୃତି ଓ କଳାକୃତି ମଧ୍ୟ କରାଯାଇଛି। ପରିବାର ସଦସ୍ୟଙ୍କ ସହ ପାଣି ସ୍ଥାନ, ଛାଇ ହୋଇଥିବା ବସିବା ସ୍ଥାନ ବ୍ୟବସ୍ଥା, ପୂଜା ପୁଷ୍କରିଣୀ ଇତ୍ୟାଦି ରହିଛି। ପରିଚ୍ଛନ୍ନତାକୁ ବିଜ୍ଞାନ ସମ୍ମତ କରିବାର ପ୍ରୟାସ, ପାର୍କିଂ କ୍ଷେତ୍ର, ସେବା ଯାନ ଏବଂ ପରିଦର୍ଶକଙ୍କ ପାଇଁ ପୃଥକ ପରିଚଳନା, ବିବିଧ ସେବାର ଫଳକ, ଜଳ ନିଷ୍କାସନ, ପିଣ୍ଡି ଚାରିପାଖରେ ଉତ୍ତମ ଚଲାପଥ, ଆଲୋକୀକରଣ ଇତ୍ୟାଦି ରହିଛି। କାଠ ରହିବା ବ୍ୟବସ୍ଥା, ଆସବାବପତ୍ର ନେବାକୁ ପୃଥକ ପଥ ଇତ୍ୟାଦି ରହିଛି। ଗ୍ୟାସ-ଆଧାରିତ ଶ୍ମଶାନ ଏକ ଆଧୁନିକ ପ୍ରକୋଷ୍ଠ ଯାହା ପରିବେଶ ଅନୁକୂଳ, ଦକ୍ଷ ଏବଂ କମ ନିର୍ଗମନ କାର୍ଯ୍ୟକୁ ସୁନିଶ୍ଚିତ କରୁଛି। ଗୋଟିଏ ଶବ ଆସିବାରୁ ଦାହ ପର୍ଯ୍ୟନ୍ତ ସମସ୍ତ ସୁବିଧା ଉପଲବ୍ଧ। ଗ୍ୟାସ-ଆଧାରିତ ଶ୍ମଶାନର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ବିଏମସି ହରିଶ୍ଚନ୍ଦ୍ର ଯୋଜନା ଅନ୍ତର୍ଭୁକ୍ତ ପରିବାରଙ୍କ ପାଇଁ ସ୍ୱତନ୍ତ୍ର ଶବଦାହ କରିବାର ସୁବିଧା କରିଛି। ଏହି ଶ୍ମଶାନ କାଉଣ୍ଟରରେ ସଙ୍ଗେ ସଙ୍ଗେ ତାଙ୍କୁ ୨ ହଜାର ଟଙ୍କା ଦେବାକୁ ପଡ଼ିବ ନାହିଁ ଶବଦାହ ପରେ ସେମାନଙ୍କୁ ମିଳୁଥିବା ହରିଶ୍ଚନ୍ଦ୍ର ସହାୟତାରୁ ଏହି ଖର୍ଚ୍ଚ ଭରଣା କରାଯିବ। ଗ୍ୟାସ୍ ଶ୍ମଶାନ, ଆଲୋକ ଏବଂ ପ୍ରଶାସକ ସିଷ୍ଟମ ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଡିଜେଲ୍ ଜେନେରେଟର ସେଟ୍ ସହ ଅଗ୍ନି ସୁରକ୍ଷା, ସିସିଟିଭି, ଆଲୋକ ଏବଂ ନିୟନ୍ତ୍ରିତ ପ୍ରବେଶ ରହିଛି। ଏଥିସହିତ ପରିଷ୍କାର ପରିଚ୍ଛନ୍ନତା ସହ ଶୌଚାଳୟ, ବର୍ଜ୍ୟବସ୍ତୁ ପରିଚାଳନା, ଏବଂ ଜଳ-ପ୍ରବାହ ପରିଚାଳନାର ସୁବିଧା ରହିଛି। ଅନ୍ୟମାନଙ୍କ ମଧ୍ୟରେ ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳୀ ସେଠୀ ନିଜ ନିଜର ବକ୍ତବ୍ୟ ରଖିବା ସହ କର୍ପୋରେଟର ରାଜକିଶୋର ଦାସ ଧନ୍ୟବାଦ୍ ଦେଇଥିଲ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ଦେବେନ୍ଦ୍ର କୁମାର ମହାପାତ୍ର
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଫଳପୁର, ଧାମନଗର, ଭଦ୍ରକ
ଆବିର୍ଭାବ- ୨୩/୦୫/୧୯୪୦
ତିରୋଧାନ- ୦୩/୧୨/୨୦୨୫
ବାପା ଆପଣଙ୍କ ପରାମର୍ଶ ଓ ନିର୍ଦ୍ଦେଶରେ ଆମେ ପଥ ଅନୁସରଣ କରୁଥିଲୁ କିନ୍ତୁ ଆପଣ ଆମକୁ ଛାଡି ଅନେକ ଦୂରକୁ ଚାଲି ଗଲେ ଆପଣ ଜେଉଁଠୀ ଥାଆନ୍ତୁ ଇଶ୍ୱର ଆପଣଙ୍କୁ ଭଲରେ ରଖନ୍ତୁ ରଖନ୍ତୁ।
ଆପଣଙ୍କ ର ହତଭାଗ୍ୟ (ପୁତ୍ର ଓ ପୁତ୍ରବଧୂ) : ଅଜୟ କୁମାର ମହାପାତ୍ର ଓ ବଧୂପମା ମହାପାତ୍ର, ସଞ୍ଜୟ କୁମାର ମହାପାତ୍ର ଓ ରଶ୍ମି ରଞ୍ଜିତା ମଲିକ, (ଝିଅ ଓ ଜୋଇଁ) - ଯୋତ୍ସ୍ନା ରାଣୀ ମହାପାତ୍ର ଓ ବାବୁଲା ରାଉତ, ସନ୍ଧ୍ୟାରାଣି ମହାପାତ୍ର ଓ ବିଶ୍ୱନାଥ ଜେନା, ମମତା ମହାପାତ୍ର ଓ ନରେନ୍ଦ୍ର ଭୂୟାଁ, ରଞ୍ଜିତା ମହାପାତ୍ର ଓ ସୁଶାନ୍ତ ବେହେରା, ସୁଶ୍ରୀ ସଂଗୀତା ମହାପାତ୍ର ଓ ଅଯସ କାନ୍ତ ବେହେରା, ନାତି ନାତୁଣୀ, ବନ୍ଧୁ ବାନ୍ଧବ।

## ଇନ୍ସପେକ୍ଟର ତୋଷବନ୍ତଙ୍କ ପଦୋନ୍ନତି ରଦ୍ଦ କଲେ ଡିଜିପି

ଭୁବନେଶ୍ୱର, ୧୨।୧୨(ସମିସ): ବିବାହର ପ୍ରତିଶ୍ରୁତି ଦେଇ ମହିଳା ସବ୍-ଇନ୍ସପେକ୍ଟର୍‌ଙ୍କ ସହ ଶାରୀରିକ ସମ୍ପର୍କ ରଖିବା, ନୂଆ କରି ପଦୋନ୍ନତି ପାଇଥିବା ଜଣେ ଇନ୍ସପେକ୍ଟର (ସଶସ୍ତ୍ର)ଙ୍କୁ ମହଙ୍ଗା ପଡ଼ିଛି। ପୂର୍ବରୁ ଗିରଫ ହୋଇ ଜେଲ୍ ଯାଇଥିବା ବେଳେ ଏବେ ତାଙ୍କ ପଦୋନ୍ନତି ରଦ୍ଦ ହୋଇଛି। ସେ ହେଲେ, ତୋଷବନ୍ତ। ସେ ସବ୍-ଇନ୍ସପେକ୍ଟର (ସଶସ୍ତ୍ର) ରୁ ଇନ୍ସପେକ୍ଟର (ସଶସ୍ତ୍ର) କୁ ପଦୋନ୍ନତି ପାଇଥିଲେ। ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାନୁସାରେ, କମିସନରେଟ୍ ପୁଲିସରେ କାର୍ଯ୍ୟରତ ଜଣେ ମହିଳା ସବ୍-ଇନ୍ସପେକ୍ଟର୍ ଓ ଇନ୍ସପେକ୍ଟର୍(ସଶସ୍ତ୍ର) ତୋଷବନ୍ତ ଗୋଟିଏ କଲେଜରେ ପଢୁଥିଲେ। ୨୦୧୩ ମସିହାରେ ତୋଷବନ୍ତ ଡେପୁଟି ସୁବେଦାର ଭାବେ ଯୋଗ ଦେଇଥିବା ବେଳେ ପୀଡ଼ିତା ୨୦୧୭ର ସବ୍-ଇନ୍ସପେକ୍ଟର୍ ଚାକିରି ପାଇଥିଲେ। ଉଭୟ ଚାକିରି ପାଇବା ପରେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ତୋଷବନ୍ତ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ, ତାଙ୍କୁ ବିବାହ କରିବା ପରିବର୍ତ୍ତେ ଅନ୍ୟତ୍ର ବିବାହ କରିଥିଲେ। ଏ ସଂପର୍କରେ ପୀଡ଼ିତା ସବ୍-ଇନ୍ସପେକ୍ଟର୍ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିବା ସହ ତୋଷବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ତୋଷବନ୍ତ ଗତ ଅକ୍ଟୋବରରେ ପଦୋନ୍ନତି ପାଇବା ପରେ ତାଙ୍କର ନବମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାଟାଲିୟନ୍( ୯ମ ଆଇଆରବି)କୁ ବଦଳି ହୋଇଥିଲା। ସେ ୭ଦିନ ଟ୍ରାନଜିଟ୍ ନେଇଥିଲେ ମଧ୍ୟ ଉକ୍ତ ସମୟସୀମା ମଧ୍ୟରେ ସେଠାରେ ଯୋଗ ଦେଇପାରିନଥିଲେ। ଏହି ୭ଦିନ ମଧ୍ୟରେ ମହିଳା ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା। ସେ ପଦୋନ୍ନତି ପାଇ ମଧ୍ୟ ଉଚ୍ଚ ପଦବୀରେ ଯୋଗ ନଦେଇ ଗିରଫ ହୋଇଥିବାରୁ ପୁଲିସ ଡିଜି ଶ୍ରୀ ଖୁରାନିଆ ତାଙ୍କ ପଦୋନ୍ନତିକୁ ରଦ୍ଦ କରିଛନ୍ତି। ଡିଆଇଜିଙ୍କ ଦସ୍ତଖତ ସମ୍ବଳିତ ବିଜ୍ଞପ୍ତି ଆଜି ପ୍ରକାଶ ପାଇଛି।

## ଲାଞ୍ଚୁଆ ଏସ୍‌ଆଇଙ୍କୁ ୪ବର୍ଷ ଜେଲ୍ ଦଣ୍ଡ

ଭୁବନେଶ୍ୱର,୧୨।୧୨(ସମିସ): ନନ୍ଦନକାନନ ଥାନାର ପୂର୍ବତନ ଏସ୍‌ଆଇ ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମିନ୍ ଖାନ୍‌ଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏକ ଲାଞ୍ଚ ମାମଲାରେ ଶୁକ୍ରବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କୁ ୪ବର୍ଷ ଜେଲ୍ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ରାୟ ପରେ ତାଙ୍କୁ ଜେଲ୍ ପଠାଇ ଦିଆଯିବା ସହ ତାଙ୍କ ପେନ୍‌ସନ୍ ବନ୍ଦ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୪ ମସିହାରେ ବାରଙ୍ଗର ବାସିନ୍ଦା ନିର୍ମଳ ରାଉତଙ୍କ ଏକ ଟ୍ରାକ୍ଟରକୁ ଏସ୍‌ଆଇ ଅମିନ ଜବତ କରି କିଛି ଦିନ ଥାନାରେ ରଖିଥିଲେ। ଟ୍ରାକ୍ଟର ମୁକୁଳାଇବାକୁ ଏସ୍‌ଆଇ ଅମିନ୍ ଲାଞ୍ଚ ମାଗିଥିଲେ। ଦାବି ମୁତାବକ ନିର୍ମଳ ପ୍ରଥମେ ଏସ୍‌ଆଇଙ୍କୁ ୫ହଜାର ଟଙ୍କା ଦେଇ ସାରିଥିଲେ ମଧ୍ୟ ଟ୍ରାକ୍ଟର ନ ଛାଡ଼ି ଆଉ ୧୦ ହଜାର ଟଙ୍କା ଦେବାକୁ କହିଥିଲେ। ଏହାପରେ ନିର୍ମଳ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ନିର୍ମଳ ଏସ୍‌ଆଇଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ଦେଉଥିଲା ବେଳେ ଭିଜିଲାନ୍ସ ତାଙ୍କୁ ମାଡ଼ି ବସିଥିଲା।

## ଅପାର ଆଇଡି ଅନୁମତି ଫର୍ମରେ ସଂଶୋଧନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୨।୧୨(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ କରାଯାଇଥିବା ଅପାର (ଅଟୋମେଟେଡ୍ ପରମାନେଣ୍ଟ ଏକାଡେମିକ ଆକାଉଣ୍ଟ ରେଜିଷ୍ଟ୍ରି) ଯୋଜନାର ଫର୍ମ ତ୍ରୁଟିପୂର୍ଣ୍ଣ ରହିଥିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ସ୍କୁଲ ପିଲାଙ୍କ ଅପାର ଆଇଡି ସୃଷ୍ଟି ପାଇଁ ରହିଥିବା ସମ୍ମତି ଫର୍ମରେ ସଂଶୋଧନ ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ଏହି ଫର୍ମରେ ଆବଶ୍ୟକ ସଂଶୋଧନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିଜ ସ୍କୁଲପଢୁଆ ପିଲାଙ୍କ ଅପାରଆଇଡି କରିବାକୁ ଆଗ୍ରହୀ ନଥିବା ଅଭିଭାବକଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ଫର୍ମରେ ଉଲ୍ଲେଖ କରାଯିବ। ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଚାହୁଁ ନଥିବା (ଅପ୍ଟ ଆଉଟ/ ରିଫ୍ୟୁଜାଲ) ବିକଳ୍ପ ଏପରି ଫର୍ମରେ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ର, ରାଜ୍ୟ ସରକାର, ୟୁନିକ୍ ଆଇଡେଣ୍ଟିଫିକେସନ୍ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦୁଇମାସ ଭିତରେ ଏନେଇ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଜଷ୍ଟିସ୍ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଘରୋଇ ସ୍କୁଲରେ ପଢୁଥିବା ବିଦ୍ୟାର୍ଥୀଙ୍କ ଅଭିଭାବକଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧୨।୧୨(ସମିସ): ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ୧୫୭୬ ଟି ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦବୀ ପାଇଁ ଆସନ୍ତା ୧୯ ତାରିଖରୁ ଆବେଦନ ଆରମ୍ଭ ହେବ। ଜାନୁଆରୀ ୧୮ ତାରିଖ ପଞ୍ଜିକରଣର ଶେଷ ତାରିଖ ଥିବାବେଳେ ୨୧ ତାରିଖ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଆବେଦନ ସମୟରେ କୌଣସି ତ୍ରୁଟି ରହିଥିଲେ ୨୪ ତାରିଖ ମଧ୍ୟରେ ତାକୁ ସଂଶୋଧନ କରିପାରିବେ। ମୋଟ୍ ପଦ ମଧ୍ୟରେ ମୋଟ୍ ୫୭୨ଟି ଗ୍ରୁପ-ବି ପଦ ରହିଥିବାବେଳେ ୯୯୪ଟି ଗ୍ରୁପ୍ ସି ପଦ ରହିଛି। ପରୀକ୍ଷାରେ ସିରିୟସ୍ ନ ଥିବା ଆବେଦନକାରୀଙ୍କୁ ବାଦ୍ ଦେବା ପାଇଁ ଆବେଦନ ଫି' ଲାଗୁ କରିବାକୁ ହୋଇଥିବା ନିଷ୍ପତ୍ତିକୁ ଏହି ନିଯୁକ୍ତିରେ କାର୍ଯ୍ୟକାରୀ କରାଯାଇଛି।

## ଇଥାନଲ୍ କମ୍ପାନୀର ବର୍ଜ୍ୟ ପାଣି ପିଇ ୩ ଗାଈ ମୃତ




**ତଳେ ପଡ଼ି ଛଟପଟ ହେଉଛନ୍ତି ୮ ଗାଈ**
**ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା**

କଟକ, ୧୨।୧ ୨(ସମିସ): ବାଙ୍କୀ ଥାନା ଅନ୍ତର୍ଗତ କଇଁମୁଣ୍ଡି ଫାଣ୍ଡି ଅଞ୍ଚଳର ବାଆଁରା ନୂଆସାହିରେ ଆଜି ଏକ ହୃଦୟ ବିଦାରକ ଘଟଣା ଘଟିଛି। ସ୍ଥାନୀୟ ଅଞ୍ଚଳରେ ଥିବା କଟକ ଆଗ୍ରିଭେଟ୍ ଇଥାନଲ କମ୍ପାନୀରୁ ନିର୍ଗତ ହେଉଥିବା ବିଷାକ୍ତ ବର୍ଜ୍ୟଜଳ ପାଣି ପିଇ ୩ଟି ଗାଈଙ୍କର ମୃତ୍ୟୁ ଘଟିଥିବା ବେଳେ ୮ ରୁ ଅଧିକ ଗାଈ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

ସୂଚନାନୁଯାୟୀ, ପ୍ରତିଦିନ ଭଳି ଆଜି ଅପରାହ୍ନରେ ବାଆଁରା ନୂଆସାହିର କିଛି ଗାଈ ଓ ଷଣ୍ଢ କମ୍ପାନୀ ନିକଟରେ ଥିବା ଖୋଲା ପଡ଼ିଆକୁ ଘାସ ଖାଇବାକୁ ଯାଇଥିଲେ। କମ୍ପାନୀରୁ ନିର୍ଗତ ବିଷାକ୍ତ ପାଣିକୁ ଅସାବଧାନତାବଶତଃ ଏହି ଖୋଲା ପଡ଼ିଆରେ ଛାଡ଼ି ଦିଆଯାଇଥିଲା। ଘାସ ଖାଇ ବୁଲାବୁଲି କରିବା ପରେ ଗାଈଗୁଡ଼ିକ ତୃଷ୍ଣା ମେଣ୍ଟାଇବାକୁ ଯାଇ ସେହି ବିଷାକ୍ତ ପାଣିକୁ ପିଇ ଦେଇଥିଲେ। ବିଷାକ୍ତ ଜଳ ପିଇବାର କିଛି ସମୟ ମଧ୍ୟରେ ହିଁ ଘଟଣାସ୍ଥଳରେ ଛଟପଟ ହୋଇ ୩ଟି ଗାଈଙ୍କ ମୃତ୍ୟୁ ଘଟିଥିଲା। ଏହାସହ ଆହୁରି ୮ରୁ ଊର୍ଦ୍ଧ୍ୱ ଗାଈ ତଳେ ପଡ଼ି ଛଟପଟ ହେବାର ଦୃଶ୍ୟ ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ଚିକିତ୍ସା ସହାୟତା ପାଇଁ କୌଣସି ପ୍ରଶାସନିକ ଅଧିକାରୀ ବା ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ଗୁରୁତର ଗାଈମାନଙ୍କୁ ଉଦ୍ଧାର କରିବା ପାଇଁ କେହି ଆସୁ ନ ଥିବାରୁ ଚିକିତ୍ସା ଅଭାବରୁ ସେମାନଙ୍କର ମଧ୍ୟ ମୃତ୍ୟୁ ଘଟିବାର ଆଶଙ୍କା ବଢ଼ିବାରେ ଲାଗିଛି। ଏହି ଦୁର୍ଘଟଣା ଏବଂ କମ୍ପାନୀର ଖାମଖିଆଲି ମନୋଭାବକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଓ ଅସନ୍ତୋଷ ପ୍ରକାଶ ପାଇଛି।

ଏତେ ବଡ଼ ଦୁର୍ଘଟଣା ପରେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ତୁରନ୍ତ ଏହି ଘଟଣାର ତଦନ୍ତ କରି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ରାସ୍ତାରେ ଗର୍ଜିଲେ ଚାଷୀ, ଉଠାଇନେଲା ପୁଲିସ



ସମ୍ବଲପୁର, ୧୨।୧୨ (ସମିସ): ଖରିଫ ଧାନ ବିକ୍ରୟ ପାଇଁ ତୁରନ୍ତ ସମସ୍ତ ଟୋକନ ଇସ୍ୟୁ ଦାବି କରି ଆଜି ସମ୍ବଲପୁର ଜିଲ୍ଲାର ଚାଷୀମାନେ ରେମେଡ ଛକ, ସିନ୍ଦୂରପଙ୍କ ତୁମ୍ବେସିଂହା ଛକ ଏବଂ ଧମା ବାଲପୁର-ହୁମା ଛକରେ ରାସ୍ତା ଅବରୋଧ କରିଥିଲେ। ଟୋକନ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ଏଥିଯୋଗୁଁ ବିଭିନ୍ନ ସ୍ଥାନରେ ଶହଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ତେବେ ସରକାର ଚାଷୀଙ୍କ ଦୁଃଖ ନଶୁଣି ଆଜି ସନ୍ଧ୍ୟାରେ ପୁଲିସ ଲଗାଇ ଚାଷୀମାନଙ୍କୁ ଉଠାଇ ନେଇଛନ୍ତି। ଚାଷୀମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବା ସହ ସ୍କୁଲ ବସ, ବ୍ୟକ୍ତିଗତ ଗାଡ଼ି, ଆମ୍ବୁଲାନ୍ସ ଆଦିକୁ ଯିବାକୁ ଦେଉଥିବା ବେଳେ କେବଳ ଅର୍ଥନୈତିକ ଅବରୋଧ କରିଥିଲେ। ଆନ୍ଦୋଳନକାରୀ ଚାଷୀଙ୍କ ଉପରେ ଏଭଳି ଜୁଲୁମ୍‌କୁ ସବୁ ମହଲରେ ନାପସନ୍ଦ କରାଯାଉଛି।


## ଇକୋ-ରିଟ୍ରିଟ୍‌ରେ ହେବ ରାଜ୍ୟ କ୍ୟାବିନେଟ୍ ଓ ମନ୍ତ୍ରିମଣ୍ଡଳ ବୈଠକ



ଭୁବନେଶ୍ୱର, ୧୨।୧୨ (ସମିସ): ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ହେଉଥିବା ଇକୋ-ରିଟ୍ରିଟ୍‌ରେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କର କ୍ୟାବିନେଟ୍ ଓ ମନ୍ତ୍ରିମଣ୍ଡଳ ବୈଠକ ବସିବ। ରାମଚଣ୍ଡୀ ମୁହାଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ୭ମ ଇକୋ-ରିଟ୍ରିଟ୍‌କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏପରି ଆଶାପୋଷଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଉଥିବା ପରିବେଶଭିତ୍ତିକ ଏହି ଇକୋ-ରିଟ୍ରିଟ୍ ସାରା ଭାରତବର୍ଷରେ ସୁନାମ ଅର୍ଜନ କରିବା ସହ ସଫଳତା ହାସଲ କରିପାରିଛି। ଓଡ଼ିଶା ଇକୋ-ରିଟ୍ରିଟ୍ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡ଼ି, ସୋନାପୁର ଏବଂ କୋଣାର୍କରେ ଏହି ସବୁ ଇକୋ-ରିଟ୍ରିଟ୍‌ଗୁଡ଼ିକ ଓଡ଼ିଶାର ପରିବେଶ ପର୍ଯ୍ୟଟନର ଗୁରୁତ୍ୱ ବୃଦ୍ଧି କରିଛି। ସ୍ଥାନୀୟ ଲୋକମାନଙ୍କ ପାଇଁ ଜୀବିକା ସୃଷ୍ଟି, ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି, ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧି; ଏସବୁ କ୍ଷେତ୍ରରେ ଇକୋ-ରିଟ୍ରିଟ୍ ଏକ ମଡେଲ ଅଭିଯାନ ବୋଲି କହିବା ସହ ଓଡ଼ିଶାର ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନରେ ଏହିପରି ବ୍ୟବସ୍ଥା କରାଯାଉ ବୋଲି ସେ କହିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଗକୁ କିପରି ଏହି ଇକୋ-ରିଟ୍ରିଟ୍‌କୁ ଆହୁରି ବ୍ୟବସ୍ଥିତ କରାଯାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଯାଇପାରିବ, ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଧାୟକ ତୁଷାରକାନ୍ତି ବେହେରା, ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବିଧାୟକ ଉପାସନା ମହାପାତ୍ର, ବିଧାୟକ ସୁନୀଲ ମହାନ୍ତି, ପର୍ଯ୍ୟଟନ ସଚିବ ବଳବନ୍ତ ସିଂ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ପଞ୍ଚାସୀନ ଥିଲେ।

## ପଚିଗଲାଣି ହାତୀ ଛୁଆର ଜିଭ



ବାରିପଦା, ୧୨।୧୨(ସମିସ): ପୁଣି ବିପଦରେ ହାତୀ ଶାବକ। ବାରିପଦା ବନଖଣ୍ଡ ବେତନଟୀ ରେଞ୍ଜ ଅଧୀନ ଚୁଆପଦା ଜଙ୍ଗଲରେ ବର୍ଷକର ଏକ ହାତୀ ଶାବକ ପ୍ରାଣ ବିକଳରେ ଇତଃସ୍ତତ ଭାବେ ଘୁରି ବୁଲୁଛି। ତା' ମୁହଁରେ ଗଭୀର କ୍ଷତ ହୋଇଥିବା ବେଳେ ଜିଭ କଟିଯାଇଛି। ଏଥିଯୋଗୁଁ ସେ ଖାଇବା ତ ଦୂରର କଥା, ପାଣି ମୁନ୍ଦାଏ ବି ପିଇପାରୁନାହିଁ। ଖବର ପାଇ ବନ ବିଭାଗ ତା'ର ଚିକିତ୍ସା ପାଇଁ ଉଦ୍ୟମ କରିଛି। ତାକୁ ଆଜି ସନ୍ଧ୍ୟାରେ ଟ୍ରାଙ୍କୁଲାଇଜ୍ କରାଯାଇଛି। ତେବେ କିପରି ହାତୀ ମୁହଁରେ କ୍ଷତ ହେଲା ଓ ଜିଭ କଟିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହାତୀଟିର ବୟସ ୭ରୁ ୮ ବର୍ଷ ହୋଇଥିବା ବେଳେ ୱାଇଲଡ୍ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ଡା. ଅଭିଲାଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ଡାକ୍ତରୀଦଳ ତା'ର ଚିକିତ୍ସା କରୁଛନ୍ତି। ପ୍ରାଥମିକ ପରୀକ୍ଷାରୁ ହାତୀଛୁଆର ଜିଭରେ ହୋଇଥିବା କ୍ଷତ ବହୁ ପୁରୁଣା ବୋଲି ଜଣାପଡ଼ିଛି। ଏପରିକି, ଜିଭଟି ସଂକ୍ରମିତ ହୋଇ ପଚିଯିବା ସହ କିଛି ଅଂଶ ଛିଣ୍ଡି ଯାଇଥିବା ମଧ୍ୟ ପରିଲକ୍ଷିତ ହୋଇଛି।

**ବାସା ଭ୍ରାତାଙ୍କ ସହ ମୁଖ୍ୟ ସଚିବଙ୍କ ଆଲୋଚନା**

## ରାଷ୍ଟ୍ରପତିଙ୍କୁ ଦେଇଥିବା ପ୍ରସ୍ତାବ ଉପରେ ମାନସମନ୍ଥନ




ଭୁବନେଶ୍ୱର,୧୨।୧୨(ସମିସ): ଓଡ଼ିଶାର ଯମଜ ଭ୍ରାତା ପ୍ରଫେସର କିଶୋର ବାସା ଓ ଇଞ୍ଜିନିୟର ଅଶୋକ ବାସାଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଗତ ୧୮ ନଭେମ୍ବରରେ ସେମାନେ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମ୍ମୁଖରେ ଓଡ଼ିଶା ସମ୍ବନ୍ଧୀୟ ନିଜ ନିଜ କ୍ଷେତ୍ର ସମ୍ବନ୍ଧୀୟ ବିସ୍ତୃତ ପ୍ରସ୍ତାବ ଦେଇଥିଲେ।

ପ୍ରଫେସର କିଶୋର ବାସା ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିବା ପତ୍ରରେ ମୟୂରଭଞ୍ଜ ଜିଲ୍ଲାର ସାମାଜିକ, ସାଂସ୍କୃତିକ ଓ ଶିକ୍ଷାଗତ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସେ ରାଇରାଙ୍ଗପୁରଠାରେ ଏକ ଜାତୀୟ ଜନଜାତି ବିକାଶ ସଂସ୍ଥାନ ସ୍ଥାପନ ପାଇଁ ପ୍ରସ୍ତାବ ରଖିଥିଲେ। ଏହା ସହିତ ବାରିପଦାଠାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଅଧୀନରେ ଏକ ନ୍ୟାସନାଲ୍ ସେଣ୍ଟର୍ ଫର୍ ଝୁମର୍ ସ୍ଥାପନା ପାଇଁ ସେ ପ୍ରସ୍ତାବ ରଖିଥିଲେ। ୨୦୩୬ ସୁଦ୍ଧା ଓଡ଼ିଶାକୁ "ଜଳ ଉଦ୍‌ବୃତ୍ତ ରାଜ୍ୟ'ରେ ପରିଣତ ହେବାର ଦୀର୍ଘକାଳୀନ ଦୃଷ୍ଟିକୋଣ ହାସଲ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବୈଠକରେ ମୁଖ୍ୟ ସଚିବ ବାସା ଭ୍ରାତାଙ୍କ ପ୍ରତିବଦ୍ଧତାକୁ ସ୍ୱାଗତ କରିବା ସହ ପ୍ରସ୍ତାବଗୁଡ଼ିକୁ ତଥ୍ୟାନୁସାରେ ପରୀକ୍ଷା କରି ଉଚିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା; ୩ ଆରୋହୀ ମୃତ

କେନ୍ଦୁଝର/ଘଟଗାଁ, ୧୨।୧୨(ସମିସ): କେନ୍ଦୁଝର ଜିଲ୍ଲାର ଘଟଗାଁ ଥାନା ଅନ୍ତର୍ଗତ ଢେଙ୍କିକୋଟ ଫାଣ୍ଡିର ସାରୁପାଟ ଗ୍ରାମ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବାଇକ୍ ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ, ଅସନବାହାଳି ଗ୍ରାମର ଦୁଃଶାସନ ବାରିକ, ବଳଭଦ୍ରପୁର ଗ୍ରାମର ମନ ଦଳେଇ ଓ ଲକ୍ଷ୍ମଣ ସେନାପତି। ଗୁରୁତରଙ୍କୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ସନ୍ଧ୍ୟା ସମୟରେ ବାଇକ୍‌ରେ ତିନି ଜଣ ଓ ସ୍କୁଟିରେ ଦୁଇଜଣ ଯାଉଥିବା ବେଳେ ସାରୁପାଟ ଗ୍ରାମ ନିକଟରେ ମୁହାମୁହିଁ ଧକ୍କା ହୋଇଥିଲା। ଘଟଗାଁ ପୁଲିସ ପହଞ୍ଚି ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ପଶ୍ଚିମବଙ୍ଗ ଭୋଟର ତାଲିକାରୁ ହଟିଲା ୫୮ ଲକ୍ଷ ନାମ

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ଏସଆଇଆର ପରେ ନିର୍ବାଚନ କମିଶନ (ଇସି)ଭୋଟର ତାଲିକାରୁ ୫୮ ଲକ୍ଷରୁ ଅଧିକ ନାମ ହଟାଇ ଦେଇଛନ୍ତି। କୋଲକାତାର ଚୌରଙ୍ଗୀ ଏବଂ କୋଲକାତା ପୋର୍ଟ ଭଳି କ୍ଷେତ୍ରରୁ ସର୍ବାଧିକ ଏବଂ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନନ୍ଦିଗ୍ରାମ ତୁଳନାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଭବାନୀପୁର ଆସନରୁ ଚାରି ଗୁଣା ଅଧିକ ନାମ ହଟା ଯାଇଛି। ଗତ ଜାନୁଆରୀରେ ଭବାନୀପୁର ସିଟ୍‌ରେ ୧,୬୧, ୫୦୯ ଭୋଟର ଥିଲେ। ଏଥିରୁ ୪୪, ୭୮୭ ନାମ ହଟାଇ ଦିଆଯାଇଛି। ସେହିପରି ପୂର୍ବ ମେଦିନୀପୁର ଜିଲ୍ଲାର ନନ୍ଦଗ୍ରାମରେ ୨,୭୮, ୨୧୨ ଭୋଟର ଥିବାବେଳେ ଏବେ ୧୦, ୫୯୯ ନାମ ହଟାଯାଇଛି। ଜିଲ୍ଲା ହିସାବରେ ଦକ୍ଷିଣ ୨୪ ପ୍ରଗଣାରୁ ସର୍ବାଧିକ ୮, ୧୬, ୦୪୭ ନାମ ହଟାଯାଇଛି। ଏହା ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ଗଡ଼ ଭାବେ ପରିଚିତ। ୧୬ ତାରିଖରେ ନୂଆ ଚିଠା ଭୋଟର ତାଲିକା ଜାରି କରାଯିବ। ଭୋଟରଙ୍କ ମୃତ୍ୟୁ, ଅନ୍ୟତ୍ର ସ୍ଥାନାନ୍ତର ଏବଂ ଜାଲିଆତି କରିଥିବାରୁ ନାମ ହଟାଇ ଦିଆଯାଇଛି।

**ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଜେପି ବିଧାୟକଙ୍କ ଅଶୋଭନୀୟ ମନ୍ତବ୍ୟ ପ୍ରସଙ୍ଗ**

## ସନ୍ତୋଷଙ୍କ ବହିଷ୍କାର ଦାବିରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି




**ମହିଳାଙ୍କ ପ୍ରତି ଅଭଦ୍ରୋଚିତ ଟିପ୍ପଣୀ ପାଇଁ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ**

**ମାଲକାନଗିରି ପ୍ରସଙ୍ଗରେ ହସ୍ତକ୍ଷେପ ଲୋଡ଼ିଲା ଦଳ**

ଭୁବନେଶ୍ୱର,୧୨।୧୨(ସମିସ): ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଧାନସଭାରେ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ, ବିଜେଡି ନେତ୍ରୀ ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଏବଂ ଅଶାନ୍ତ ମାଲକାନଗିରିର ସ୍ଥିତିକୁ ନିୟନ୍ତ୍ରଣ ଆଦି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ଶୁକ୍ରବାର ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଏ ସମ୍ପର୍କିତ ଘଟଣା ବିଷୟରେ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିଛି।

ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରି ବିଜେଡି କହିଛି ଯେ ବିଧାନସଭାର ପବିତ୍ର ଗୃହରେ ଜାତିର ଜନକଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ ମନ୍ତବ୍ୟ ଦେଶବାସୀଙ୍କୁ ଆଘାତ ଦେଇଛି। ପୂର୍ବରୁ ଶ୍ରୀ ଖଟୁଆ ଗଣମାଧ୍ୟମରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ତାଙ୍କ ଚରିତ୍ର ସଂହାର କରିଥିଲେ। ଏହାର ପ୍ରତିବାଦରେ ରାଜ୍ୟ ମହିଳା କମିଶନ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମହିଳା କମିଶନ ଏବଂ ରାଷ୍ଟ୍ରପତିଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଏଯାବତ୍ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶ୍ରୀ ଖଟୁଆଙ୍କ ବିରୋଧରେ ଓଡ଼ିଶା ବିଧାନସଭାରେ ଏଥିକ୍ସ କମିଟି ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ଉତ୍ତର ମିଳିପାରିନାହିଁ। ଅନ୍ୟ ରାଜ୍ୟରେ ଜନପ୍ରତିନିଧିଙ୍କ ଏଭଳି ଆଚରଣ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନର ନଜିର ରହିଥିବା ବେଳେ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବା ସଂପର୍କରେ ରାଜ୍ୟପାଳଙ୍କୁ ବିଜେଡି ପ୍ରତିନିଧି ମଣ୍ଡଳୀ ଅବଗତ କରାଇଛି।

ଯଦି ଶ୍ରୀ ଖଟୁଆଙ୍କ ଭଳି ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଆନ୍ତା, ତେବେ ପୁଣି ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ସେ ଅସମ୍ମାନ ପ୍ରଦର୍ଶନ କରିବା ପାଇଁ ସାହସ କରିନଥାନ୍ତେ। ତେଣୁ ତୁରନ୍ତ ଶ୍ରୀ ଖଟୁଆଙ୍କୁ ବିଧାନସଭାରୁ ବହିଷ୍କାର କରିବା ପାଇଁ ରାଜ୍ୟପାଳ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଏହାବ୍ୟତୀତ, ମାଲକାନଗିରିର ଅଶାନ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତା ବିଷୟରେ ବିଜେଡି ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି। ପୁଲିସ୍ ଓ ପ୍ରଶାସନର ଉପସ୍ଥିତିରେ ମାଲକାନଗିରିରେ ଯେଉଁଳି ହିଂସା ସଂଘଟିତ ହେଲା, ତାହା ଅବର୍ଣ୍ଣନୀୟ। ଏହି ଘଟଣା ଶାନ୍ତିପ୍ରିୟ ଓଡ଼ିଶାର ଗରିମା କ୍ଷୁଣ୍ଣ କରିଛି। ଘଟଣାସ୍ଥଳକୁ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଗସ୍ତ ପରେ ମଧ୍ୟ ଜିଲ୍ଲାରେ ପରିସ୍ଥିତି ସ୍ୱାଭାବିକ ହୋଇପାରିନାହିଁ। ତେଣୁ ରାଜ୍ୟପାଳ ଏହି ଘଟଣାରେ ହସ୍ତକ୍ଷେପ କରି, ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାର, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ ପ୍ରମୁଖ ଲୋକଭବନରେ ରାଜ୍ୟପାଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ।

## ମାଲକାନଗିରିରେ ଇଣ୍ଟରନେଟ୍ ସେବା ଆଉ ୨୪ ଘଣ୍ଟା ବନ୍ଦ



ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରି ହିଂସା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରୁଛନ୍ତି

ମାଲକାନଗିରି, ୧୨।୧୨(ସମିସ): ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ଅଶାନ୍ତ ମାଲକାନଗିରିରେ ଶାନ୍ତି ଫେରୁଛି। ପରିସ୍ଥିତି ଉପରେ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି। ଏମ୍‌ଭି ୨୬ ଗ୍ରାମରେ ବିଏସଏଫ, ସିଆରପିଏଫ୍, ଆରଏଏଫ୍ ଓ ପୁଲିସ୍ ବାହିନୀକୁ ମୁତୟନ କରାଯାଇଛି। କିନ୍ତୁ, ସ୍ଥିତି ପୂରା ସ୍ୱାଭାବିକ ହୋଇ ନଥିବାରୁ ଜିଲ୍ଲାରେ ଇଣ୍ଟରନେଟ୍ କଟକଣାକୁ ଆଉ ୨୪ଘଣ୍ଟା ବୃଦ୍ଧି କରାଯାଇଛି। ଅପରପକ୍ଷେ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଆଜି ଏମଭି ୨୬ ଗ୍ରାମରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଶାନ୍ତି ଫେରାଇ ଆଣିବା ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପ ସଂପର୍କରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଆରଡିସିଙ୍କୁ ଅବଗତ କରାଇଛନ୍ତି। ଗତରାତିରେ ଆର୍‌ଡିସି ଏବଂ ଜିଲ୍ଲାପାଳ ଏମ୍‌ଭି ୨୬ର ପୀଡ଼ିତ ମାନଙ୍କ ସହ ଆଲୋଚନା କରିଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ସ୍ୱାଭାବିକ ହୋଇଯିବ ବୋଲି ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି ଆରଡିସି।

# ସମ୍ପାଦକୀୟ



ସଫଳତା ଏମିତି ହଠାତ୍ ଆସେ ନାହିଁ। ଏଥିପାଇଁ ଲୋଡ଼ା ଶିକ୍ଷା, କଠିନ ପରିଶ୍ରମ, ସମର୍ପଣ ଓ କର୍ମ ପ୍ରତି ଭଲ ପାଇବାର ସଂକଳ୍ପ।

-ପେଲେ

ସକାଳ THE SAKALA

## ରହସ୍ୟମୟ ଫେରାର୍

ଗୋଆ ନାଇଟକ୍ଲବ୍ ବିର୍ଚରେ ଘଟିଥିବା ଲୋମହର୍ଷକ ହୃଦୟବିଦାରକ ଅଗ୍ନିକାଣ୍ଡ ଏଥିମଧ୍ୟରେ ଏକ ସପ୍ତାହ ଅତିକ୍ରମ କରିଗଲାଣି। ଏଥିରେ ମୃତକଙ୍କ ସଂଖ୍ୟା ୨୫ ହୋଇଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହେବା ଘଟଣା ସମଗ୍ର ଦେଶବାସୀଙ୍କ ମନରେ ବିଷାଦର ଛାୟା ଖେଳାଇ ଦେଇଛି। ଏହି ଦୁର୍ଘଟଣାର କାରଣ ଓ ନିରାକଣ ସଂପର୍କରେ ଚାଲିଥିବା ତର୍ଜମାରୁ ସ୍ପଷ୍ଟ ହୋଇଛି ଯେ ସେଠାରେ ଅଗ୍ନି ନିରୋଧକ ବ୍ୟବସ୍ଥା ନଥିଲା। କେବଳ ସେତିକି ନୁହେଁ ପ୍ରସ୍ଥାନ ପଥ ଏତେ ସଂକୀର୍ଣ୍ଣ ଥିଲା ଯେ ଅଘଟଣରୁ ମୁକ୍ତି ପାଇଁ ଅନ୍ତେବାସୀଙ୍କ ମୁକ୍ତ ଉଦ୍ୟମ ବ୍ୟର୍ଥ ହୋଇଥିଲା। ଏହି ଅଗ୍ନିକାଣ୍ଡର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଦିଲ୍ଲୀରେ ଅବସ୍ଥାନ କରୁଥିବା ନାଇଟ୍କ୍ଲବ୍‌ର ଦୁଇମାଲିକ ସୌରଭ ଓ ଗୌରବ ଲୁଥ୍ରା ଘଟଣା ଘଟିବାର ୫ ଘଣ୍ଟା ମଧ୍ୟରେ ପୁଲିସର ଗିରଫଦାରୀକୁ ଏଡ଼ାଇ ଦେଶ ଛାଡ଼ି ଚାଲିଯିବାକୁ ସମର୍ଥ ହୋଇଛନ୍ତି। ଏହା ପ୍ରଶାସନର ଦୋଷ ଦୁର୍ବଳତା ନା ଉଦ୍ଦେଶ୍ୟ ପ୍ରଣୋଦିତ ସୁଯୋଗ ସୃଷ୍ଟି ସେନେଇ ଏବେଠାରୁ କିଛି ମତାମତ ଦେବା ଠିକ୍ ହେବ ନାହିଁ। ତେବେ ଲୁଥ୍ରାଭ୍ରାତାଙ୍କ ରହସ୍ୟମୟ ଉଭାନ ଯେ ଅକ୍ଷମଣୀୟ ଏକଥା ସତ।

ଏହି ଅଗ୍ନିକାଣ୍ଡର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହୁଏ, ବୁଝାମଣାରେ ନାଇଟ୍କ୍ଲବ୍ ବେପାର ଚାଲିଥିଲା। ଯେଉଁ ଜମି ଉପରେ ଏହାର ଇମାରତ ଗଢ଼ି ଉଠିଥିଲା ତାହା ସରକାରୀ ନକ୍ସାରେ ଶିକ୍ଷାନୁଷ୍ଠାନ ସକାଶେ ଉଦ୍ଦିଷ୍ଟ ଥିଲା ଓ ଲୁଥ୍ରାଭ୍ରାତାଙ୍କ ଚାପରେ ଏହା ପରିବର୍ତ୍ତନ କରାଯାଇଥିଲା। ଏପରିକି ବିର୍ଚ ନାଇଟକ୍ଲବ୍‌ର ଲାଇସେନ୍ସକୁ ନେଇ ମଧ୍ୟ ମତଭେଦ ରହିଛି। ଏଥିରୁ ସ୍ପଷ୍ଟ ଯେ ପ୍ରଭାବଶାଳୀ ଲୋକଙ୍କ ସାହାଯ୍ୟ ଓ ସମର୍ଥନରେ ଦୁଇଭାଇ ନିରଙ୍କୁଶ ବେପାର ଚଳାଇଥିଲେ। ଏପରିକି ସେମାନଙ୍କୁ ଦେଶଛାଡ଼ି ଚାଲିଯିବା ସକାଶେ ସୁଯୋଗ ଦିଆଯାଇଛି। ବଡ଼ବଡ଼ିଆଙ୍କ ମହଲରେ ଆତଯାତ ଥିବା ସୌରଭ ଓ ଗୌରବଙ୍କ ପତ୍ତା ଓ ଠିକଣା ଗୋଆ ପୁଲିସ ନିକଟରେ ଯେ ନଥିଲା ଏକଥା ନୁହେଁ। ଡିସେମ୍ବର ୭ ତାରିଖ ରାତି ୧୨ଟାରେ ଏହି ଦୁର୍ଘଟଣା ସଂପର୍କରେ ପୁଲିସ ଅବଗତ ଥିଲା। ଗୋଆ ଡିଜିପି ଚାହିଁଥିଲେ ତୁରନ୍ତ ଦିଲ୍ଲୀ ପ୍ରତିପକ୍ଷଙ୍କୁ ଅବଗତ କରାଇ ଲୁଥ୍ରାଭାତାଙ୍କୁ ଗିରଫ କରିବାରେ କିଛି ଅସୁବିଧା ହୋଇନଥାନ୍ତା। ଦେଶରେ ଇଣ୍ଡିଗୋ ବିମାନ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଦିଲ୍ଲୀ ବିମାନ ବନ୍ଦରରୁ ଦୁଇ ଭାଇ ସୀମିତ ସମୟ ମଧ୍ୟରେ ଥାଇଲାଣ୍ଡ ଟିକଟ, ଇମିଗ୍ରେସନ କ୍ଲିୟରାନ୍ସ, ସୁରକ୍ଷାଗତ ସମସ୍ତ ସୁବିଧା ହାସଲ କରି କିଭଳି ଥାଇଲାଣ୍ଡ ଯାତ୍ରା କରିପାରିଲେ ତାହା ଯେ କୌଣସି ଲୋକଙ୍କୁ ଚକିତ କରିବ। ସବୁର ଊର୍ଦ୍ଧ୍ୱରେ ସେମାନେ ଭିଆଇପି ନୁହନ୍ତି ଅପରାଧୀ। ଲୁଥ୍ରାଭ୍ରାତାଙ୍କ ଅନ୍ୟତମ ସହଯୋଗୀ ଅଜୟ ଗୁପ୍ତାଙ୍କ ସମେତ ୬ ଜଣଙ୍କୁ ଏଥିମଧ୍ୟରେ ଗିରଫ କରାଯାଇଛି। ଥାଇଲାଣ୍ଡ ପଳାୟନ କରିଥିବା ଦୁଇ ଭାଇଙ୍କ ବିରୋଧରେ ଇଣ୍ଟରପୋଲ ବ୍ଲୁକର୍ଣ୍ଣର ନୋଟିସ୍ ଜାରି କରାଯାଇଛି। ଏହା ଛଡ଼ା ଲୁକ୍ ଆଉଟ୍ ସର୍କୁଲାର ମଧ୍ୟ ସେମାନଙ୍କ ବିରୋଧରେ ଅଛି। ଆମର ଏଠାରେ କହିବାର କଥା ହେଲା, ଅପରାଧର ଗୁରୁତ୍ୱ ନିର୍ବିଶେଷରେ ପ୍ରଭାବଶାଳୀ ଅପରାଧୀ ଦେଶର ଆଇନକାନୁନ୍‌କୁ ଏଡ଼ାଇଯାଇ ଦେଶଛାଡ଼ି ଚାଲିଯିବାକୁ ସମର୍ଥ ହେଉଛନ୍ତି। ଯାହାକି ଚିନ୍ତାର ବିଷୟ ପାଲଟଇଛି। ●

## କହିଦେଉଥାଏ ପରକୁ...

ଚଳିତ ଶୀତକାଳୀନ ବିଧାନସଭା ଅଧିବେଶନ ବିଭିନ୍ନ କାରଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଧାନସଭା ଇତିହାସରେ ପ୍ରଥମଥର ପାଇଁ ଦେଶର ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ। ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଉଲ୍ଲେଖ କରି ଜନପ୍ରତିନିଧିଙ୍କୁ ଆଚରଣଗତ ଶୃଙ୍ଖଳା ରକ୍ଷା କରିବା ସହ ଉତ୍ତରଦାୟିତ୍ୱ ସଂପର୍କରେ ସଚେତନ କରାଇଥିଲେ। ଏସବୁ ସତ୍ତ୍ୱେ ବିଜେପି ବିଧାୟକ ସନ୍ତୋଷ ଖୁଣ୍ଟିଆ ଆଦୌ ପ୍ରାସଙ୍ଗିକତା ନଥିଲେ ମଧ୍ୟ ମହାତ୍ମାଗାନ୍ଧିଙ୍କୁ ଆଲୋଚନା ପରିସରକୁ ଟାଣିଆଣି ତାଙ୍କ ସଂପର୍କରେ ଯେଉଁ ନାକରାତ୍ମକ ମନ୍ତବ୍ୟ ଦେଲେ ତାହା ବିଧାନସଭା ମର୍ଯ୍ୟାଦା ଉଲ୍ଲଂଘନ କେବଳ ନୁହେଁ ଏକ କଳା ଅଧ୍ୟାୟ ସୃଷ୍ଟି କରିଛି କହିଲେ ଭୁଲ ହେବନି। ତାଙ୍କର ଏହି ଆଚରଣ ପାଇଁ ସରକାର ଅପଦସ୍ଥ ହେଲେ ଓ ଗୃହର ବିବରଣୀରୁ ସେହି ମନ୍ତବ୍ୟ ବାଦ ଦିଆଗଲା। ଏପରିକି ବିଧାୟକଙ୍କ ମନ୍ତବ୍ୟକୁ ସରକାର ନିନ୍ଦା କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଦିଆଯାଇଥିବା ସୁଚିନ୍ତିତ ପରାମର୍ଶର କୌଣସି ପ୍ରଭାବ ଅନୁଭୂତ ହୋଇନଥିଲା ବିଧାୟକଙ୍କ ଆଚରଣରେ।

ଚଳିତ ବିଧାନସଭା ନିର୍ଦ୍ଧାରିତ ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଗଲା। କାରଣ ସ୍ୱରୂପ କୁହାଯାଇଛି ଯେ କୌଣସି ସରକାରୀ କାର୍ଯ୍ୟନଥିବାରୁ ଗୃହକୁ ମୁଲତବୀ ରଖାଗଲା। ପୂର୍ବବର୍ଷ ମଧ୍ୟ ୧୬ ଦିନ ପୂର୍ବରୁ ଅଧିବେଶନ ବନ୍ଦ କରି ଦିଆଯାଇଥିଲା। ଆମକୁ ଏଠାରେ କହିବାକୁ ପଡୁଛି ଯେ ଚଳିତ ଅଧିବେଶନରେ ବିରୋଧୀଦଳର ଅଭୂତପୂର୍ବ ସହଯୋଗ ସହ ଗୋଟିଏ ଦିନ ପାଇଁ ଗୃହକୁ ଅଚଳ କରିନାହାନ୍ତି। ବିଧାନସଭାରେ ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ପ୍ରସ୍ତାବ ଓ ଖର୍ଚ୍ଚଦାବି ଆଲୋନା ସବୁ ସୁରୁଖୁରୁରେ ଚାଲିଥିଲା। ବରିଷ୍ଠ କନିଷ୍ଠ ନିର୍ବିଶେଷରେ ବିଧାୟକଙ୍କୁ ଅଂଶ ଗ୍ରହଣ ଓ ଆଲୋଚନାରେ ଭାଗନେବାକୁ ସୁଯୋଗ ମିଳିଥିଲା। ଏତେ ଅନୁକୂଳ ପରିସ୍ଥିତି ଓ ପରିବେଶ ସତ୍ତ୍ୱେ ସରକାରଙ୍କୁ ୧୮ ଟି କାର୍ଯ୍ୟ ଦିନର ପୂର୍ବରୁ ଅଧିବେଶନ ଶେଷ କରିବାକୁ ପଡିଲା କାହିଁକି? ବିଧାନସଭା କାର୍ଯ୍ୟବିଧି ଆଇନରେ ୧୭୭ ଧାରା ସଂଶୋଧନ ଶେଷ କରାଯାଇ ବର୍ଷକୁ ୬୦ ଦିନ ଗୃହକାର୍ଯ୍ୟ ଚାଲିବା ସକାଶେ ନିୟମ ପ୍ରସ୍ତୁତ ହୋଇଥିଲା। ଏଭଳି ଅନୁକୂଳ ପରିବେଶରେ ଯଦି ଗୃହକାର୍ଯ୍ୟ ୬୦ ଦିନ ଚାଲିନପାରୁଛି ତେବେ ପୁଣି ଏକ ସଂଶୋଧନ ମାଧ୍ୟମରେ ଏହି କାର୍ଯ୍ୟଦିବସକୁ ଆହୁରି ସଂକୁଚିତ କରାଯାଇପାରେ। ଆମେ ଏଠାରେ କେବଳ କ୍ଷମତାସୀନ ଏବର ସରକାରଙ୍କ କଥା କହୁନୁ ପୂର୍ବ ସରକାର ମଧ୍ୟ ନିର୍ଦ୍ଧାରିତ ଦିନ ନିର୍ଘଣ୍ଟକୁ ପୂରଣ କରୁନଥିଲେ। ହେଲେ ସେତେବେଳର ବିରୋଧୀ ବିଜେପି କଟୁ ସମାଲୋଚନା କରିବା ସହ ସରକାର ପଳାୟନପନ୍ଥୀ ହୋଇ ଗୃହକୁ ଆଗୁଆ ମୁଲତବୀ ରଖୁଥିବାର ଅଭିଯୋଗ କରିଥିଲେ। ତେଣୁ ଏଠାରେ ଆମେ କହିବା 'କହି ଦେଉଥାଏ ପରକୁ ବୁଦ୍ଧି ନ ଦିଶଇ ଘରକୁ' ଚଳିତ ଅଧିବେଶନର ଅନ୍ୟ ଏକ ଦିଗ ହେଲା ମନ୍ତ୍ରୀ ଓ ବିଧାୟକଙ୍କ ବେତନ, ଭତ୍ତା ବୃଦ୍ଧି ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଛି। ଏହା ପୁଣି ୧୮ ମାସ ପିଛିଲା କାର୍ଯ୍ୟକାରୀ ହେବ ଏହି ବର୍ଦ୍ଧିତ ବେତନ ଭତ୍ତା ପ୍ରଚଳିତ ହାର ଠାରୁ ୩ ଗୁଣ ଅଧିକ। ବିଧାୟକଙ୍କ ମାସିକ ବେତନ ଭତ୍ତା ୩ ଲକ୍ଷ ୪୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ପେନସନ୍ ମଧ୍ୟ ୩୫ ହଜାରରୁ ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇଛି। ଏହା କୁଆଡେ ଦେଶର ସବୁ ବିଧାନସଭାରେ ପ୍ରଚଳିତ ବ୍ୟବସ୍ଥାକୁ ଟପିଛି। ଗୃହ ପରିଚାଳନାଠାରୁ ବେତନ – ଭତ୍ତା ନିର୍ଦ୍ଧାରଣ ପର୍ଯ୍ୟନ୍ତ ସବୁ ବୁଝାମଣା ଭିତ୍ତିରେ ଚାଲିଛି ଓ ଆଗକୁ ତାହା ଚାଲିବାକୁ ଦିଆଯାଉ। ହେଲେ ଗୃହ ଦିବସକୁ ସଂକୁଚିତ ନ କରି ରାଜ୍ୟବାସୀଙ୍କ ଅଭାବ –ଅସୁବିଧା ଓ ସମସ୍ୟା ସମାଧାନର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରାଯାଉ। ●

# ପୁଟିନଙ୍କ ଭାରତ ଗସ୍ତର କୂଟନୀତିକ ଦିଗ

ଡ. ସୁଶାନ୍ତ କୁମାର ପରିଡା

ଭାରତ–ରୁଷ ସମ୍ପର୍କ ନେଇ ଆଜି ଯେତେ ଆଲୋଚନା ହେଉଛି, ସେହି ଚର୍ଚ୍ଚାର ମଝିରେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଭ୍ରମଣ ଏକ ନୂଆ ଅର୍ଥ ନେଇ ଆସିଛି। ଆଜିର ବିଶ୍ୱ ବ୍ୟବସ୍ଥାଟି ପୁରା ଅଲଗା, ଏକଧ୍ରୁବୀୟ ଆମେରିକୀୟ ନେତୃତ୍ୱ ହ୍ରସ୍ତକ୍ଷୀଣ, ଚୀନର ଉତ୍ଥାନ, ୟୁରୋପର ସୁରକ୍ଷା ଚିନ୍ତା ଓ ରୁଷ-ୟୁକ୍ରେନ ଯୁଦ୍ଧରେ ନୂଆ ଅସ୍ଥିରତା-ଏସବୁରେ ଭାରତ ନିଜ ତୃତୀୟ ଆଖିରେ ଦେଖୁଛି ଜଗତକୁ। ଏହି ପରିପ୍ରେକ୍ଷୀରେ ପୁଟିନଙ୍କ ଭାରତ ଭ୍ରମଣ କେବଳ ଦୁଇ ଦେଶର କୂଟନୀତିକ ଆଦାନ-ପ୍ରଦାନ ନୁହେଁ; ଏହା ଏକ ଗଭୀର ସନ୍ଦେଶ-ଭାରତ ଓ ରୁଷ ଆଜି ମଧ୍ୟ ଏକାପରିକା ଓ ଏକାପରି।

ଭାରତ ଓ ରୁଷ ସମ୍ପର୍କକୁ "ସମୟ ପରୀକ୍ଷିତ" ବୋଲି କୁହାଯାଏ। ଶୀତଳ ଯୁଦ୍ଧରୁ ଆରମ୍ଭ କରି କୌଶଳିକ ସହଯୋଗ ପର୍ଯ୍ୟନ୍ତ ରୁଷ ସବୁବେଳେ ଭାରତର ସହଯୋଗୀ ରହିଛି। ୧୯୭୧ର ଇଣ୍ଡୋ–ସୋଭିଏତ ଶାନ୍ତି, ମିତ୍ରତା ଓ ସହଯୋଗ ଚୁକ୍ତିରୁ ଆରମ୍ଭ କରି, ନାଭାଲ ପ୍ଲାଟଫର୍ମ, ସାମରିକ ଉପକରଣ, ଅନ୍ତରୀକ୍ଷ ସହଯୋଗ, ଶକ୍ତି ବ୍ୟବସ୍ଥା-ସବୁଥିରେ ରୁଷ ଭାରତକୁ ଦୃଢ଼ ଭିତ୍ତି ଦେଇଛି। କିନ୍ତୁ ଏବେ ପରିବେଶ ଅଲଗା। ଚୀନ ଆଜି ଦୁଇ ଦେଶଙ୍କ ପାଇଁ ଅଲଗା–ଅଲଗା ଭାବେ ଅନୁଭବୀୟ ଅକଳି ସୃଷ୍ଟି କରୁଛି। ଭାରତ ପାଇଁ ସୀମା ସମସ୍ୟା, ରୁଷ ପାଇଁ ଅଧିକ ନିର୍ଭରତା। ପଶ୍ଚିମ ଦେଶଗୁଡିକ ଭାରତକୁ ଇଣ୍ଡୋ–ପାସିଫିକ୍‌ର ଗୁରୁତ୍ୱପୂର୍ଣ୍ଣ ନେତା ଭାବେ ଦେଖୁଛନ୍ତି, ରୁଷକୁ ତାଙ୍କର ନିଜ ଅନୁଶାସନୀୟ ପରିକଳ୍ପନାର ଅଂଶ ମାନୁଛନ୍ତି। ଏମିତି ସମୟରେ ପୁଟିନଙ୍କ ଭାରତ ଯାତ୍ରା ଦୁଇ ଦେଶକୁ ପୁଣିଥରେ ନୂଆ ମଞ୍ଚରେ ଡାକୁଛି-କେମିତି ପ୍ରାଚୀନ ସମ୍ପର୍କକୁ ଆଧୁନିକ ଯୁଗର ଚ୍ୟାଲେଞ୍ଜ ସହିତ ମେଳ କରିବା?

ପୁଟିନଙ୍କ ଯାତ୍ରାକୁ ବୁଝିବା ପାଇଁ ୟୁକ୍ରେନ ଯୁଦ୍ଧର ପ୍ରେକ୍ଷାପଟ ଅତ୍ୟନ୍ତ ଆବଶ୍ୟକ। ରୁଷ ପଶ୍ଚିମ ରାଷ୍ଟ୍ର ପକ୍ଷରୁ ଅପରିମିତ ନିଷେଧ ଦେଖୁଛି ଓ ବିଶ୍ୱ ଆର୍ଥିକ ବ୍ୟବସ୍ଥାରୁ ପ୍ରାୟ ଅଲଗା କରାଯାଇଛି। ଏହି ସମୟରେ ଭାରତ ରୁଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାରଥୀ-ତେଲ କ୍ରୟ, ସାମରିକ ହାର୍ଡୱେର କ୍ରୟ, ଅନ୍ତଃରାଷ୍ଟ୍ରୀୟ ମଞ୍ଚରେ ସନ୍ତୁଳିତ ଭୂମିକା ଭାରତ ପଶ୍ଚିମ ପକ୍ଷରୁ ଚାପ ଥିଲେ ମଧ୍ୟ ନିଜ ହିତକୁ ଭିତ୍ତି କରି ରୁଷ ସହ ସମ୍ପର୍କ ଜାରି ରଖିଛି।

ପୁଟିନଙ୍କ ଯାତ୍ରା ଏହାକୁ ସୂଚାଇ ଦେଲା-ରୁଷ ଭାରତକୁ ଦୀର୍ଘମିଆଦୀ ମିତ୍ର ବୋଲି ମାନେ ଓ ଭାରତ ନିଜ ସ୍ୱାଧୀନ କୂଟନୀତି ପଥକୁ ପୁନର୍ବଳ ପ୍ରଦାନ କରେ।

ଭାରତ ପାଇଁ ରୁଷର ଅପରିହାର୍ଯ୍ୟ ଗୁରୁତ୍ୱ। ଆମେ ବହୁ ସମୟରେ କହୁଛୁ ଯେ ଭାରତ ଆଜି ବହୁଧ୍ରୁବୀୟ ଶକ୍ତିକେନ୍ଦ୍ରର ନେତୃତ୍ୱ ନେଉଛି, କିନ୍ତୁ ସତ୍ୟ ହେଲା-କୌଣସି ମହାଶକ୍ତିକୁ ପୂରା ଛାଡ଼ି ଭାରତ ଆଗକୁ ବଢ଼ିପାରିବ ନାହିଁ। ରୁଷ ଏଠାରେ ଅପରିହାର୍ଯ୍ୟ: ସାମରିକ ସହଯୋଗ କ୍ଷେତ୍ରରେ ଭାରତର ରକ୍ଷା ପ୍ରଣାଳୀର ୫୦ ଭାଗ ରୁଷ ଆଧାରିତ। ସୁଖୋଇ- ୩୦ ଏମ୍‌କେଆଇ, ଟି-୯୦, ଏସ୍-୪୦୦, କିଲୋ-କ୍ଲାସ୍ ସବ୍‌ମେରିନ୍-ସବୁ ରୁଷୀୟ ମୂଳଭୂତି। ନୂଆ ପ୍ରଣାଳୀ ଯଥା ବ୍ରହ୍ମୋସ୍ ମିସାଇଲ ସଂଯୁକ୍ତ ଉତ୍ପାଦନର ଉଦାହରଣ।

ଉର୍ଜା ସୁରକ୍ଷା କ୍ଷେତ୍ରରେ ସାଂଗଠିକ ଭାବେ ଭାରତ ଆଜି ଅପେକ୍ଷାକୃତ ଶସ୍ତା ରୁଷ ତେଲ ଉପରେ ନିର୍ଭର କରୁଛି। ଏହା ଭାରତର ବଜାର ଭାରକୁ ଅନେକ କମାଇଛି। ଅନ୍ତରୀକ୍ଷ ଓ ପରମାଣୁ ସହଯୋଗ କ୍ଷେତ୍ରରେ କୁଡ଼ନ୍କୁଲମ୍ ପରମାଣୁ ପ୍ଲାଣ୍ଟ ରୁଷ–ଭାରତ ସମ୍ପର୍କର ଏକ ପ୍ରତୀକ। ଇସ୍ରୋ-ରସ୍‌କସ୍‌ମସ୍ ସହଯୋଗ ଭାରତର ମାନବ ଅନ୍ତରୀକ୍ଷ ମିଶନକୁ ନୂଆ ଦିଗ ଦେଇଛି। ଏହାର ଅର୍ଥ-ରୁଷକୁ ଛାଡ଼ି ଭାରତ ତା'ର ସୁରକ୍ଷା ଓ ଉର୍ଜା ଉନ୍ନତିକୁ ସଂପୂର୍ଣ୍ଣ କରିପାରିବା କଷ୍ଟ।



ପୁଟିନଙ୍କ ଯାତ୍ରା ପଶ୍ଚିମ ଦେଶଗୁଡ଼ିକୁ ଏକ ନିର୍ମଳ, କିନ୍ତୁ ସ୍ପଷ୍ଟ ସନ୍ଦେଶ ପଠାଇଛି-ଭାରତ କେବଳ ପାର୍ଶ୍ୱଭାଗୀ ନୁହେଁ; ସ୍ୱାଧୀନ ନୀତି ଅଙ୍ଗୀକାର କରୁଥିବା ଏକ ଅପରିହାର୍ଯ୍ୟ ଶକ୍ତି। କ୍ୱାଡ୍, ଆଇ୨ୟୁ୨, ଇଣ୍ଡୋ-ପାସିଫିକ୍ ଷ୍ଟ୍ରାଟେଜି- ଯେଉଁଭଳି ଭାରତ ଅଛି, ସେଠି ତାଙ୍କର ନୀତି ଆମେରିକୀୟ ପାଠକୁ ମାନିବା ମାତ୍ର ନୁହେଁ। Bharat acts in its own interest. ଏହି ଯାତ୍ରା ଏକ କୂଟନୀତିକ ସ୍ୱାଧୀନତାର ପ୍ରତୀକ।

ପୁଟିନ–ମୋଦୀ ଆଲୋଚନାର ପୃଷ୍ଠଭୂମିରେ ଚୀନର ଛାୟା ଅନିବାର୍ଯ୍ୟ। ଚୀନ–ରୁଷ ସମୀକରଣ ବଢୁଛି, ଚୀନ–ଭାରତ ସୀମା ସଂକଟ ଜାରି ରହିଛି। ଏହାର ଭାରତୀୟ ଅର୍ଥ-ରୁଷକୁ ଭାରତ ସହ ସମ୍ପର୍କ ସଂରକ୍ଷଣ ଆବଶ୍ୟକ, ଯାହା ତାଙ୍କୁ ଚୀନ ପ୍ରତି ଅତ୍ୟଧିକ ନିର୍ଭରତାରୁ ବଞ୍ଚାଇପାରିବ। ଭାରତ ପାଇଁ ମଧ୍ୟ ଏହି ସମୀକରଣ ଗୁରୁତ୍ୱପୂର୍ଣ୍ଣ। ଏକ ରୁଷ–ଚୀନ ବ୍ଲକ୍ ଭାରତର ରଣନୀତିକ ସ୍ଥାନକୁ କମାଇଦେଇପାରେ। ତେଣୁ ଦୁଇ ଦେଶ ନିଜ ମଧ୍ୟରେ ସନ୍ତୁଳନ ରଖିବାକୁ ଚାହୁଁଛନ୍ତି।

ପୁଟିନଙ୍କ ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଆର୍ଥିକ ସମ୍ପର୍କକୁ ପୁନର୍ଗଠନ କରିବା। ସାମରିକ କ୍ଷେତ୍ର ବ୍ୟତୀତ ଭାରତ–ରୁଷ ବ୍ୟାପାର ତତ୍ତ୍ୱରେ ସୀମିତ ରହିଛି। ନୂଆ ସୂଚୀରେ-ଫାର୍ମା, ଆଇ.ଟି, କୃଷି ଓ ଖାଦ୍ୟପ୍ରକ୍ରିୟା, ନିର୍ମାଣ, ରେଲ୍‌ୱେ ଓ ଅଫଶୋର ତେଲ ପ୍ରକଳ୍ପ ସବୁକୁ ନୂଆ ଗତି ଦେବା ଉଦ୍ଦେଶ୍ୟ। ବିଶେଷକରି ଉତ୍ତର–ଦକ୍ଷିଣ ଟ୍ରାନ୍ସପୋର୍ଟ କରିଡର (INSTC) ଭାରତକୁ ଇଉରେସିଆ ମଝିରେ ବ୍ୟାପକ ସଂଯୋଗ ଦେଇପାରେ।

ଯେତେବେଳେ ଅନ୍ୟ ଦେଶର ରାଷ୍ଟ୍ରପତିମାନେ ମଞ୍ଚରେ ଆସନ୍ତି, ସେଥିରେ ନାଗରିକମାନଙ୍କ ପାଇଁ କ'ଣ ଆସେ? ଭାରତ–ରୁଷ ସମ୍ପର୍କର ଆଉ ଏକ ଗଭୀର ଦିଗ ରହିଛି-ସଭ୍ୟତା ଓ ସଂସ୍କୃତିର ସଂଳାପ। ଦୋସ୍ତୋଏଭସ୍କି, ଟଲସ୍ଟୟ, ଟାଗୋର-ସବୁ ଭାରତ–ରୁଷ ସମ୍ପର୍କର ସାହିତ୍ୟିକ ସୂତ୍ର। ବିଜ୍ଞାନ, ସଙ୍ଗୀତ, ଶିକ୍ଷା-ବିବିଧ ମଞ୍ଚରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସବୁବେଳେ ଗଭୀର ସମ୍ପର୍କ ରହିଛି। ପୁଟିନଙ୍କ ଯାତ୍ରା ଏହି ସମ୍ପର୍କକୁ ନୂଆ ଦିଶା ଦେଲା।

ଆଜି ଦୁନିଆ ଏକ ନୂଆ ଦିଗକୁ ଯାଉଛି। ଆମେରିକୀୟ ପ୍ରଭୁତ୍ୱର ଯୁଗ ଆସ୍ତେ–ଆସ୍ତେ ଶିଥିଳ ହେଉଛି, ଚୀନ ଉଡ଼ୁଛି, ୟୁରୋପ ଅସ୍ଥିର। ମଧ୍ୟପ୍ରାଚ୍ୟ ପୁନଃ ତଫାତ୍‌ରେ। ଏହି ସମୟରେ ଭାରତ ଓ ରୁଷ ପାଇଁ ପରସ୍ପର ସମ୍ପର୍କ ଏକ ରଣନୀତିକ ଆବଶ୍ୟକତା। ବହୁଧ୍ରୁବୀୟ ଜଗତ ଏହାକୁ ଆଉ ଗଭୀର କରେ-India and Russia are partners in shaping a balanced global order. ପୁଟିନଙ୍କ ଭାରତ ଯାତ୍ରା କହିଦେଲା-ଭାରତ ପରାନୁସରଣକାରୀ ନୁହେଁ। ଭାରତ ନିଜ ସ୍ୱାଧୀନ କୂଟନୀତିକ ହିତକୁ ପ୍ରଥମେ ରଖେ।

କ୍ୱାଡ୍ ସହିତ ସମ୍ପର୍କ ରହିଛି, ବ୍ରିକ୍ସ ସହିତ ସମ୍ମିଳନ ରହିଛି, ଏସ୍‌ସିଓ ସୁରକ୍ଷା ମଞ୍ଚରେ ଭାଗ ନେଉଛି, ପଶ୍ଚିମ ସହ ଆର୍ଥିକ ସମ୍ପର୍କ,ରୁଷ ସହ ପରମାଣୁ–ରକ୍ଷା–ଉର୍ଜା ସହଯୋଗ ,ଏହି ସବୁକିଛି ଏକ ସଂକେତ: ଭାରତ ଏବେ ବିଶ୍ୱ ରାଜନୀତିର ନିର୍ମାତା; କେବଳ ଅନୁସାରୀ ନୁହେଁ।

ପୁଟିନଙ୍କ ଏହି ସଂକ୍ଷିପ୍ତ ଭାରତ ଗସ୍ତ ଭିତରେ ରହିଛି ଦୀର୍ଘମିୟାଦୀ ପରିଣାମ। ଆମେ ଯେପରି ଦେଖୁଛୁ-ବିଶ୍ୱ ରାଜନୀତିର ପୁନର୍ଗଠନ, ଭାରତର ବୃଦ୍ଧିଶୀଳ ଶକ୍ତି ସ୍ଥାନ, ରୁଷର ପଶ୍ଚିମବିମୁଖ ରଣନୀତି , ଚୀନର ଉତ୍ଥାନ ଏହି ଦୁଇ ଦେଶକୁ ପୁଣି ଏକାଠି କରି ଆଣିଛି। ପୁଟିନଙ୍କ ଭାରତ ଯାତ୍ରାର ମୂଳ ସନ୍ଦେଶ ଏକ-"In a changing world, India and Russia still need each other."ଭାରତ ନୂତନ ବିଶ୍ୱ ବ୍ୟବସ୍ଥାର ନିର୍ମାଣକାରୀ। ରୁଷ ତାହାର ପ୍ରାକ୍ତନ ମିତ୍ର ଓ ଭବିଷ୍ୟତ ସହପାଠୀ। ଏବଂ ଏହି ଯାତ୍ରା ଦୁଇ ଦେଶକୁ ସଂପର୍କର ନୂଆ ପର୍ବକୁ ଆଣିଛି-ଏକ ସହଯୋଗିତା ଯାହା ଇତିହାସର ଉପରେ ଭିତ୍ତି କରିଛି ଓ ଭବିଷ୍ୟତର ଦୃଷ୍ଟିକୋଣରେ ଦୃଢ଼ ହେଉଛି। ●

ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ଲୋକନାଥ ମହାବିଦ୍ୟାଳୟ, ପାଟକୁରା, କେନ୍ଦ୍ରାପଡ଼ା
ମୋ- ୯୪୩୭୨୦୪୫୮

# ବ୍ୟବସ୍ଥାପକଙ୍କ ବେତନ ବୃଦ୍ଧି: ଏକ ଅନୁଶୀଳନ

ଶ୍ରୀ ଅବନୀ ଚନ୍ଦ୍ର ଦାସ

ସମୟର ଚକ୍ର ଘୂର୍ଣ୍ଣାୟମାନ। କେବେ କାହା ଭାଗ୍ୟରେ ଧନ ସମ୍ପଦ ଅବା ଐଶ୍ୱର୍ଯ୍ୟର ବର୍ଷା ହୁଏ ତ, କେବେ କାହାକୁ ଚୁଲି ଜାଳିବା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡ଼େ। ଓଡ଼ିଶା ବିଧାନସଭାରେ ଆଗତ ହୋଇ ସଦ୍ୟ ପାରିତ ହୋଇଥିବା "ବେତନ ଓ ଭତ୍ତା ବୃଦ୍ଧି ବିଲ୍"ଏହି ସତ୍ୟକୁ ହିଁ ସ୍ପଷ୍ଟ କରିଛି। ବିଧାୟକ, ମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଓ ପୂର୍ବତନ ବିଧାୟକ ଆଦି ବିଧି ବ୍ୟବସ୍ଥାପକଙ୍କ ପେନ୍‌ସନ୍/ବେତନ ବୃଦ୍ଧିର ଘୋଷଣା ସରିଛି। ସଂସଦୀୟ ପରମ୍ପରାର ଅଂଶ ଭାବେ ଏହିପରି ବିଲ୍ ପାସ୍ ହେବା ଏକ ରାଜନୈତିକ ପ୍ରକ୍ରିୟା ନିଶ୍ଚିତ, କିନ୍ତୁ ଏହାଦ୍ୱାରା ସାଧାରଣ ଜନତାଙ୍କ ମନରେ ଗୁଞ୍ଜରୀ ଉଠୁଥିବା ପ୍ରଶ୍ନଗୁଡ଼ିକୁ କଦାପି ଅବଦମିତ କରିବା ସମ୍ଭବ ନୁହେଁ।

ଏକ ମୁଖ୍ୟ ସାମ୍ବିଧାନିକ ପ୍ରଶ୍ନ ଆଜି ସମାଜରେ ଚିନ୍ତାର କାରଣ ସାଜି ସଭିଙ୍କ ମନରେ ନିଆଁ ପରି ହୁତୁହୁତୁ ହୋଇ ଜଳୁଛି। ସମାଜ ପାଇଁ, ସରକାରଙ୍କ ପାଇଁ ଅହରହ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଯୋଜନା କର୍ମୀ, ସର୍ବନିମ୍ନସ୍ତରୀୟ କର୍ମଚାରୀ, ସଫେଇ କର୍ମଚାରୀ, ଶ୍ରମିକ/ଠିକା କର୍ମଚାରୀ, ଏପରିକି ଠିକା ସଂସ୍ଥା ଜରିଆରେ ଅନେକ ସରକାରୀ କାର୍ଯ୍ୟ କରୁଥିବା ଡାକ୍ତର, ଇଞ୍ଜିନିୟର ତଥା ଅନ୍ୟାନ୍ୟ ପଦସ୍ଥ ଅଧିକାରୀମାନଙ୍କ ବେତନ ବୃଦ୍ଧିର ଆବଶ୍ୟକତା ନାହିଁ କି ? ସେମାନେ କୌଣସି ଶ୍ରେଣୀଭୁକ୍ତ କର୍ମଚାରୀ / ଅଧିକାରୀ ନୁହନ୍ତି କି ?

ବିଧାୟକମାନଙ୍କ ଦରମା ବୃଦ୍ଧି ହେବାରେ କେତେକ ନିର୍ଦ୍ଦିଷ୍ଟ ଯୁକ୍ତି ରହିଥିବା କୁହାଯାଉଛି, ଯଥା: ସେମାନଙ୍କ ଉପରେ ରହୁଥିବା ଦାୟିତ୍ୱଭାର, ନିର୍ବାଚନୀ ଖର୍ଚ୍ଚ, ନିଜ ଅଞ୍ଚଳ / ଜିଲ୍ଲା ଭ୍ରମଣ, ଅନ୍ୟାନ୍ୟ ଜନସେବାର ଦାୟିତ୍ୱ, ଇତ୍ୟାଦି। ଏସବୁ ପ୍ରସଙ୍ଗମାନ ସଠିକ୍ ବୋଲି ଗ୍ରହଣ କରାଯାଉଥିଲେ ମଧ୍ୟ ଆମ ସମାଜର ଅନ୍ୟ କ୍ଷେତ୍ରରେ ପ୍ରତ୍ୟହ ୮ ରୁ ୧୦ ଘଣ୍ଟା ଶ୍ରମଦାନ କରୁଥିବା ୪ର୍ଥ ଶ୍ରେଣୀ କର୍ମଚାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, କ୍ଷେତ୍ର - କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀମାନଙ୍କ ଜୀବନର ସ୍ଥିତି ଉପରେ ଅନୁଧ୍ୟାନ କରିବାପାଇଁ କେବେ ସମୟ ମିଳେ ? ଯଥାଯୋଗ୍ୟ ବେତନ ପାଇଁ ସେମାନେ ଭାଜ୍ୟ ନୁହନ୍ତି କି ?

ସାଧାରଣ କର୍ମଚାରୀଙ୍କ ଘରକୁ ବହୁଥିବା ଝାଞ୍ଜିପିଟା ଗରମ ପବନରେ ମିଶ୍ରିତ ବଜାର ଦର, ପିଲାଙ୍କ ପାଠପଢ଼ା ଖର୍ଚ୍ଚ, ପରିବାର ସଦସ୍ୟଙ୍କ ଚିକିତ୍ସା ଖର୍ଚ୍ଚ ଆଦି କେମିତି ଅବା ବଡ଼ବଡ଼ିଆଙ୍କ ଚଳଣି ସହ ତୁଳନୀୟ ହୋଇପାରିବ? ଏହି ପ୍ରଶ୍ନ ଆଜି ଅନେକଙ୍କ ମନକୁ ଆନ୍ଦୋଳିତ କରୁଛି।

ଆମ ରାଜ୍ୟରେ ଜଣେ ଶିକ୍ଷକ ହୁଅନ୍ତୁ କି, ଜଣେ ଶ୍ରମିକ ୨୫-୩୦ ବର୍ଷ ପର୍ଯ୍ୟନ୍ତ 'ସମାନ କାମ କୁ ସମାନ ଦରମା' ନ୍ୟାୟରେ ତତ୍‌ଜନିତ ଅସଙ୍ଗତି ଦୂର କରିବାକୁ କିମ୍ବା ବେତନ ବୃଦ୍ଧି ପାଇଁ ଯେପରି ବିକଳ ଚିତ୍କାର କରି ଚାଲିଛନ୍ତି, ତାହା ପ୍ରାୟ କାହାରିକୁ ଅବିଦିତ ନୁହେଁ। ଏହି ନିମ୍ନବର୍ଗ କର୍ମଚାରୀ ବା ସେବା ପ୍ରଦାନକାରଙ୍କ ଦରମା ବୃଦ୍ଧି, ସୁରକ୍ଷା, ସାମାଜିକ ସମ୍ମାନ ଆଦି ସବୁ ଯେମିତି ଆଜି ମଧ୍ୟ 'ପରବର୍ତ୍ତୀ ସଭା'ର ଅପେକ୍ଷାରେ ଥିବା ନଥିପତ୍ରର ନାଲି ଫିତା ତଳେ ବନ୍ଧା ପଡ଼ିଛି।

ବିଧି ବ୍ୟବସ୍ଥାପକ ତଥା ନିର୍ବାଚିତ ଜନସେବକମାନଙ୍କ ଦରମା ବଢ଼ିବା ପାଇଁ ଯେପରି ଯୁକ୍ତି ଉପସ୍ଥାପିତ ହୋଇଥାଏ, ସେହି ଯୁକ୍ତିକୁ ନିମ୍ନ ବର୍ଗର ସରକାରୀ କର୍ମଚାରୀ, ଦିନ ମଜୁରିଆ, ଚାକିରି ପ୍ରାର୍ଥୀ ଯୁବକ, ଅଧିକୃତ ଦଖଲକାରୀ, ଗ୍ରାମାଞ୍ଚଳରେ ଜୀବିକାଧାରୀ ମାନଙ୍କ ପାଇଁ କାହିଁକି ସମାନ ପ୍ରକାର ମାପଦଣ୍ଡରେ ପ୍ରୟୋଗ କରାଯାଏ ନାହିଁ?

ସମାଜର ଅସମତା ସେତେବେଳେ ଅଧିକ ପ୍ରଗାଢ଼ ହୋଇଯାଏ, ଯେବେ କୌଣସି ବର୍ଗ ବୃତ୍ତିଧାରୀଙ୍କ ଦୀର୍ଘ ପଥ ଯାତ୍ରା ସୌଖିନ ଯାନରେ ସମାହିତ ହେଲାବେଳେ, ତଥାପି ତାହାକୁ 'ସମୟର ଆବଶ୍ୟକତା' ବୋଲି ବର୍ଣ୍ଣନା କରାଯାଏ। ଆଉ ଠିକ୍ ସେହି ବେଳେ ଅନ୍ୟ କୌଣସି ନିମ୍ନ ବର୍ଗ ସରକାରୀ କର୍ମଚାରୀଙ୍କ ପରିଶ୍ରମକୁ ବଜେଟ୍ ସଙ୍କଟର ଦ୍ୱାହି ଦେଇ ଉପେକ୍ଷା କରାଯାଏ। ଜନସେବକ/ପ୍ରତିନିଧିମାନେ ଯଦି ସମାଜର ମୂଳ ଆଧାର, ତେବେ ସମସ୍ତ ଜନସେବକଙ୍କ ପାଇଁ ସମ ନୀତି ପ୍ରଣୟନ ହେବା ଆବଶ୍ୟକ ନୁହେଁ କି ? ଏଥିରେ ବ୍ୟତିକ୍ରମ ହେଲେ ଜନତାର ବିଶ୍ୱାସ, ଯାହା ଗଣତନ୍ତ୍ରର ପ୍ରଥମ ବିଧି ବ୍ୟବସ୍ଥା ସେହିଥିରୁ ବିଚ୍ୟୁତ ହୋଇଯିବା ସ୍ୱାଭାବିକ।

ବେତନ ବୃଦ୍ଧି କୌଣସି ଅପରାଧ ନୁହେଁ କି, ଅଯୌକ୍ତିକ/ ଅବାନ୍ତର ନୁହେଁ। କିନ୍ତୁ ଏଥିରେ ସମାନତାର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ। ବିଧାୟକଙ୍କ ବେତନ ବୃଦ୍ଧିକୁ ଯେତିକି ଗୁରୁତ୍ୱ ଦିଆଯାଉଛି; କଲ୍ୟାଣକର ଯୋଜନା ବୋଲି ବିବେଚନା କରାଯାଉଛି; ଅନୁରୂପେ ଗ୍ରାମାଞ୍ଚଳରେ କାର୍ଯ୍ୟରତ ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, କ୍ଷେତ୍ର କର୍ମଚାରୀ, ଠିକା କର୍ମଚାରୀ, ନିମ୍ନ ବର୍ଗ ପଦବୀଧାରୀ କର୍ମଜୀବୀ, ଅଥବା ଶ୍ରମିକ ତଥା ଦିନ ମଜୁରିଆଙ୍କ ବେତନ ବୃଦ୍ଧି କରି ସେମାନଙ୍କୁ ମଧ୍ୟ ସ୍ୱ ସ୍ୱ ଜୀବନରେ ଆଶାର ନୂଆ ଖାତା ଖୋଲିବାର ସହଜ ଅନୁଭବ କରିବାର ସୁଯୋଗ ଦିଆଯିବା ଆବଶ୍ୟକ।

ସରକାରୀ ଦପ୍ତର ଟେବୁଲ୍ ଯଦି ସମାନ ନ୍ୟାୟର ପାଦପୀଠ ହୋଇଯାଆନ୍ତା, ତେବେ ଆମ ରାଜ୍ୟର ଦୃଶ୍ୟ ଭିନ୍ନ ହୋଇଯାନ୍ତା ଏବଂ ଅମୃତ ଅନୁଭବ ଦେବାରେ ସହାୟକ ହୋଇପାରନ୍ତା। ବିଧାନସଭାର ପବିତ୍ର ଅଟ୍ଟାଳିକା ଉପରେ ଯେପରି ସୂର୍ଯ୍ୟ ଆଲୋକ ବିଚ୍ଛୁରିତ ହୁଏ, ସେପରି ରଶ୍ମି ମଧ୍ୟ ସାଧାରଣ କର୍ମଚାରୀଙ୍କ ଘର ଅଗଣାରେ ପ୍ରତିଭାତ ହୁଏ। ତେବେ ସୂର୍ଯ୍ୟରଶ୍ମି ବିକିରଣରେ ସମାନତା ଥିବା ନ୍ୟାୟରେ ବିଧି ବ୍ୟବସ୍ଥାପକ ମାନଙ୍କ ଭଳି ସାଧାରଣ କର୍ମଚାରୀଙ୍କ ବେତନ ବୃଦ୍ଧି ବ୍ୟାପାରକୁ ସମାନ ଆଧାରରେ ବିଚାର କରାଯିବା ଜରୁରୀ। ଏହାହିଁ ହେଉଛି ସତ୍ୟ ସୁଶାସନର ମୂଳ ମନ୍ତ୍ର। ●

ପ୍ରଶାନ୍ତି ବିହାର, ଭୁବନେଶ୍ୱର-୨୪
ଦୂରଭାଷ ନଂ: ୯୯୩୭୫୩୭୯୭୪

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

**ଦ୍ୱିତୀୟ-ବୁଦ୍ଧ କଥା**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଗୁରୁ ପଦ୍ମ ସମ୍ଭବ ତାନ୍ତ୍ରିକ ବୌଦ୍ଧ ଧର୍ମ-ବଜ୍ରଯାନକୁ ତିବ୍ବତ ଏବଂ ଭୂଟାନ, ସିକ୍କିମ୍, ନେପାଳ, ଲଦାଖ, ଅରୁଣାଚଳ ପ୍ରଦେଶ ଆଦି ହିମାଳୟ ଅଞ୍ଚଳରେ ଅଷ୍ଟମ ଶତାବ୍ଦୀରେ ହିଁ ପ୍ରତିଷ୍ଠା ଓ ପ୍ରଚାର ପ୍ରସାର କରିଥିଲେ। ଗୁରୁ ପଦ୍ମସମ୍ଭବ ସେହି ଅଞ୍ଚଳରେ ଧର୍ମ ପ୍ରଚାର କାର୍ଯ୍ୟରେ ଭ୍ରମଣ କରୁଥିବା ସମୟରେ ଏହି ହଜୋ ଅଞ୍ଚଳ ସହ ମଧ୍ୟ ସମ୍ବନ୍ଧିତ ତଥା ସଂଯୁକ୍ତ ରହିଥିଲେ। ଯଦିଚ ତାହା ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ନୁହଁ, ତେବେ ହଜୋ ନିଶ୍ଚିତ ଭାବେ ଅନ୍ୟ କୌଣସି ବୌଦ୍ଧଧର୍ମର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଆଚାର୍ଯ୍ୟଙ୍କ ସହ ସଂପର୍କିତ ରହିଥିଲା। ସେହି ଆଚାର୍ଯ୍ୟ ନିଶ୍ଚିତ ରୂପେ ବୁଦ୍ଧଙ୍କ ଭଳି ସମ୍ମାନ କିମ୍ବା ପରବର୍ତ୍ତୀ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧଗୁରୁ ହୋଇଥିବେ ଏବଂ ସେହିଭଳି ସମ୍ମାନ ବୌଦ୍ଧଜଗତରେ ପାଉଥିବେ। ଗୁରୁ ପଦ୍ମସମ୍ଭବ ସମଗ୍ର ବୌଦ୍ଧଜଗତରେ ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଥିବା ସହ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀମାନେ ତାଙ୍କୁ ଭଗବାନ ବୁଦ୍ଧଙ୍କଠାରୁ ଅଧିକ ସମ୍ମାନ ତଥା ଭକ୍ତି ଅର୍ପଣ କରୁଥିଲେ। ଏଣୁ ନିଶ୍ଚିତ ଭାବେ ଏହି ହଜୋ ପୁଣ୍ୟକ୍ଷେତ୍ରଟି ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣ ସ୍ଥଳ। ସେ ଏହି ଅଞ୍ଚଳ ସହ ଅଧିକ ଜଡ଼ିତ ଏବଂ ତିବ୍ବତରୁ ଫେରିବା ପରେ ଜୀବନର ଶେଷକାଳରେ ଏ ଅଞ୍ଚଳକୁ ସେ ଅଧିକ ଯିବାଆସିବା କରୁଥିଲେ। ତାଙ୍କର ଅନ୍ତିମ ରହଣି ସ୍ଥଳ ଓଡ଼ିଶାର ଉଦୟଗିରି ମହାବିହାର ଥିଲା।

ଉଦୟଗିରି - ଇନ୍ଦ୍ରଭୂତିଙ୍କ ପୁତ୍ର ପଦ୍ମସମ୍ଭବଙ୍କର ଯାଜପୁରରେ ବିରଜାଙ୍କ ସହ ଐତିହାସିକ ସମ୍ବନ୍ଧ। ନେପାଳର ତାନ୍ତ୍ରିକ ପରମ୍ପରାରେ ବୁଦ୍ଧଙ୍କର ଭବିଷ୍ୟବାଣୀ ରହିଛି। ଏଥିରେ ଭଗବାନ ବୁଦ୍ଧ ସାରୀପୁତ୍ତଙ୍କୁ ଆଶ୍ୱାସନାବାଣୀ ଶୁଣାଉଛନ୍ତି କି ଭବିଷ୍ୟତରେ ସେ ପଦ୍ମସମ୍ଭବ ନାମ ଧାରଣ କରି ଜଣେ ବୁଦ୍ଧ ଭାବରେ ଜନ୍ମଗ୍ରହଣ କରିବେ ଏବଂ ସେତେବେଳେ ତାଙ୍କର ବିରଜାଙ୍କ ନିକଟରେ ବୋଧିପ୍ରାପ୍ତି ହେବ। ପଦ୍ମସମ୍ଭବ, ତାରା ଓ ଅନ୍ୟ ଦେବଦେବୀଙ୍କୁ ଆବାହନପୂର୍ବକ ଦଣ୍ଡାୟମାନ ଅବସ୍ଥାରେ ରହିଥିବା ବୋଧିସତ୍ତ୍ୱ ମୂର୍ତ୍ତିର ପଛପାଖରେ ପଚିଶ ଧାଡ଼ିବିଶିଷ୍ଟ ଏକ ଲମ୍ବା ଅଭିଲେଖ ଖୋଦିତ ହୋଇଛି ଏବଂ ଏହି ମୂର୍ତ୍ତି ବିରଜାଙ୍କ ନିକଟରେ ଉଦୟଗିରି ମହାବିହାରର ଧ୍ୱଂସାବଶେଷରେ ରହିଛି। ଏଥିରେ ଲେଖାଯାଇଛି- 'ତଥାଗତାଧିଷ୍ଠିତ ଧାତୁଗର୍ଭ ସ୍ତୂପ(ତଥାଗତ ବୁଦ୍ଧଙ୍କ ଦେହାବଶେଷ ଏଠାରେ ସ୍ତୂପ ମଧ୍ୟରେ ରହିଛି)। ସେହି ସ୍ତୂପ ସେହି ସ୍ଥାନରେ ରହିଥିବା ସେହି ଅଭିଲେଖ ଦର୍ଶାଉଛି। ଏହି ସ୍ତୂପରେ ନିଶ୍ଚିତଭାବେ ପଦ୍ମସମ୍ଭବଙ୍କର ଦେହାବଶେଷ ରହିଛି ଏବଂ ଏହି ସ୍ତୂପର ଧ୍ୱଂସାବଶେଷ ନିଶ୍ଚିତଭାବେ ସେହି ମୂର୍ତ୍ତି ରହିଥିବା ସ୍ଥାନଟିର ଆଖପାଖରେ ରହିଛି ବୋଲି ଗବେଷକମାନଙ୍କର ବିଶ୍ୱାସ।

ଏସବୁରୁ ଏହା ସୂଚିତ ହେଉଛି ଯେ ଗୁରୁ ପଦ୍ମସମ୍ଭବଙ୍କ ପିତା ଇନ୍ଦ୍ରଭୂତି ଯେକି ଉଡ୍ଡୀୟାନ ଅଞ୍ଚଳର ଜଣେ ରାଜା ଥିଲେ। ଏହି ଉଡ୍ଡୀୟାନ ହେଉଛି ବର୍ତ୍ତମାନର ଓଡ଼ିଶା, ଯାହା ହେଉଛି ଓଡ୍ରପୀଠ। ଏହି ପୀଠର ପୀଠ ଦେବାଦେବୀ ହେଉଛନ୍ତି ଜଗନ୍ନାଥ ଓ ବିରଜା। ଉଦୟଗିରି ମହାବିହାରରେ କୌଣସି ମତେ ଭଗବାନ ବୁଦ୍ଧଙ୍କର ଦେହାବଶେଷ ଥିବାର କୌଣସି ସୂଚନା କୌଣସିଠାରେ ହିଁ ନାହିଁ। ତେଣୁ ଭବିଷ୍ୟବାଣୀ ମୁତାବକ ଏହି ଦେହାବଶେଷ ହେଉଛି ପଦ୍ମସମ୍ଭବଙ୍କର।

ଉପରେ ପଦ୍ମସମ୍ଭବଙ୍କ ଦେହାବଶେଷ ତଥା ମହାପରିନିର୍ବାଣ ସଂପର୍କରେ ବିସ୍ତୃତଭାବେ ଆଲୋଚନା କରାଗଲା। ଆଲୋଚନା ମତେ ପଦ୍ମସମ୍ଭବଙ୍କର ଦେହାବଶେଷ ଉଭୟ ଆସାମର କୁଶନଗର ଅଥବା ହଜୋ ଏବଂ ଓଡ଼ିଶାର ଉଦୟଗିରିଠାରେ ରହିଥିବା ଜଣାଯାଉଛି। ଗବେଷକମାନେ ଏହି ଉଭୟସ୍ଥଳକୁ ମଧ୍ୟ ତାଙ୍କର ମହାପରିନିର୍ବାଣ ସ୍ଥଳଭାବେ ଚିହ୍ନଟ କରୁଛନ୍ତି। ପରମ୍ପରା ହଜୋର ଗୁରୁତ୍ୱ ଦର୍ଶାଉଥିବା ବେଳେ ପୁରାଣତ୍ତ୍ୱିକ ପ୍ରାମାଣିକ ତଥ୍ୟ ଦୃଢ଼ଭାବରେ ଉଦୟଗିରି ବିଷୟ ଦର୍ଶାଉଛି। ଗୁରୁ ପଦ୍ମସମ୍ଭବ ତିବ୍ବତରୁ ଫେରିବା ପରେ ଏହି ଉଦୟଗିରିଠାରେ ହିଁ ଅବସ୍ଥାନ କରୁଥିଲେ। ଜୀବନର ଶେଷ ଭାଗରେ ତାଙ୍କର ଜନ୍ମଭୂମି ଉଡ୍ଡୀୟମାନ (ଓଡ଼ିଶା)ରୁ ଆସାମ, ଭୂଟାନ ଅଞ୍ଚଳକୁ ଅନେକବାର ଯିବା ଆସିବା କରୁଥିଲେ। ଏଣୁ ଉଭୟ ସ୍ଥଳ ତାଙ୍କର ମହାପରିନିର୍ବାଣ ସ୍ଥଳ ହୋଇପାରେ। ମାତ୍ର ପୁରାଣତାତ୍ତ୍ୱିକ ଦୃଷ୍ଟିକୋଣରୁ ଉଦୟଗିରିକୁ ଗୁରୁ ପଦ୍ମସମ୍ଭବଙ୍କର ମହାପରିନିର୍ବାଣସ୍ଥଳ ବୋଲି ଦୃଢ଼ ଭାବେ ଗ୍ରହଣ କରାଯାଇପାରିବ। (ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଧାୟକଙ୍କ ଦରମା ବୃଦ୍ଧିକୁ ନେଇ ବର୍ଷିଲେ ପ୍ରଫୁଲ୍ଲ ସାମନ୍ତରା

# ‘ପ୍ରଶ୍ନ ପଚାରି ବ୍ୟବସ୍ଥା ପରିବର୍ତ୍ତନ କରନ୍ତୁ ଯୁବପିଢ଼ି’

**ଭୁବନେଶ୍ୱର, ୧୨ ।୧୨(ସମିସ):** ଥରେ ବିଧାୟକ ହେଲେ ସାଢ଼େ ୩ ଲକ୍ଷ ଟଙ୍କା ଦରମା ମିଳିବ । ଦିନେ ପାଇଁ ବିଧାୟକ ହେଲେ ବି ଦରମା ସାଙ୍ଗକୁ ପେନସନ ପାଇଁ ହକଦାର ହେବେ । ଜଣେ ବିଧାୟକ ଯଦି ସାଂସଦ ହେବେ ବା ହୋଇଥିବେ, ତାହେଲେ ଦୁଇଟି ପେନସନ୍ ପାଇବେ । ଲୋକଙ୍କ ସେବା ପାଇଁ ଆସୁଥିବା ଲୋକ ପ୍ରତିନିଧିମାନେ ମଧ୍ୟ ନୈତିକତା ହରାଇ ଏକାଧିକ ପେନସନ୍ ନେଉଛନ୍ତି । ଓଡ଼ିଶା ପରି ଏକ ଗରିବ ରାଜ୍ୟରେ ବିଧାୟକଙ୍କ ଦରମାକୁ ରାଜ୍ୟ ସରକାର ୩ ଗୁଣା ବୃଦ୍ଧି କରିବା ପରେ ସରକାର ଓ ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା ।

ଶ୍ରୀ ସାମନ୍ତରା କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାଧିକ ସରକାରୀ ଚାକିରି କରିଥିଲେ ମଧ୍ୟ କେବଳ ଗୋଟିଏ ପେନସନ୍ ପାଉଛନ୍ତି । ହେଲେ ଲୋକଙ୍କ ସେବା କରିବାକୁ କହି ନିର୍ବାଚିତ ହେଉଥିବା ଲୋକ ପ୍ରତିନିଧିମାନେ ଏକାଧିକ ପେନସନ୍ ଉଠାଉଛନ୍ତି । ଏହା ପେନସନ୍ ପ୍ରଦାନରେ ଅସମାନତା ସୃଷ୍ଟି କରୁଥିବାରୁ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ରାଜ୍ୟ ଓ ଦେଶର

**ଲୋକ ପ୍ରତିନିଧି ନେଉଛନ୍ତି ଏକାଧିକ ପେନସନ୍**
**ଆର୍ଥିକ ସ୍ୱଚ୍ଛଳ ସତ୍ତ୍ୱେ କାହିଁକି ମିଳୁଛି ସହାୟତା**

ନିର୍ବାଚିତ ପ୍ରତିନିଧିଙ୍କୁ ସେ ଆହ୍ୱାନ ଦେଇଛନ୍ତି । ଅନୁରୂପ ଭାବେ ନିକଟରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତିକୁ ସେ ନିନ୍ଦା କରିଛନ୍ତି । ଦେଶରେ ବେକାରୀ ହାର ବଢ଼ୁଥିବାବେଳେ ସେମାନଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଉ ନାହିଁ । କୌଣସି ଭତ୍ତା ପ୍ରଦାନ କରାଯାଉ ନାହିଁ । ଦିନ ମଜୁରିଆଙ୍କ ଦୈନିକ ମଜୁରୀ ବଢ଼ାଇବାକୁ ସରକାର ପ୍ରସ୍ତୁତ ନାହାନ୍ତି । ଅନେକ ଦିନକୁ ମାତ୍ର ଶହେ ଟଙ୍କାରେ ଖଟୁଛନ୍ତି । ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପେନସନ୍‌କୁ ସେମାନଙ୍କ ଚଳିବା ଭଳିଆ ପ୍ରଦାନ କରାଯାଉ ନାହିଁ । ହେଲେ ନୀତି ନିର୍ଦ୍ଧାରଣ କରୁଥିବା ବିଧାୟକ ନିଜର ଦରମା ନିଜେ ବଢ଼ାଇ ଦେଉଛନ୍ତି । ଏହା ଅନୈତିକ ଓ ଜନତାଙ୍କ ପ୍ରତି ସ୍ପଷ୍ଟ ପ୍ରତାରଣା ବୋଲି ଶ୍ରୀ ସାମନ୍ତରା କହିଛନ୍ତି । ସେହିପରି ବିଧାୟକ ଓ ସାଂସଦ ମାନଙ୍କୁ ଆଜୀବନ ପେନସନ୍ ପ୍ରଦାନକୁ ସେ ବିରୋଧ କରିଛନ୍ତି । ସାଧାରଣ ଲୋକେ ରାସନ୍‌କାର୍ଡ ଖଣ୍ଡେ କରିବା ପାଇଁ ଯେପରି ବିଭିନ୍ନ ମାନଦଣ୍ଡ ରହିଛି, ବିଧାୟକଙ୍କ କ୍ଷେତ୍ରରେ ମଧ୍ୟ ମାନଦଣ୍ଡ ରହିବା ଆବଶ୍ୟକ । ଅନେକ ବିଧାୟକ ଆର୍ଥିକ ସ୍ୱଚ୍ଛଳ ଥିବାରୁ ସେମାନଙ୍କୁ ପେନସନ୍ ପ୍ରଦାନ କରିବା ଯଥାର୍ଥ ନୁହେଁ । ରାଜ୍ୟ ଓ ଦେଶର ଯୁବପିଢି ଏହାକୁ ନେଇ ପ୍ରଶ୍ନ କରିବା ସହ ବ୍ୟବସ୍ଥା ପରିବର୍ତ୍ତନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି ।

# ବିଧାୟକଙ୍କ ଦରମା ବୃଦ୍ଧିକୁ ସିପିଆଇ(ଏମ୍)ର ତୀବ୍ର ବିରୋଧ

**ଭୁବନେଶ୍ୱର,୧୨ ।୧୨(ସମିସ):** ଓଡ଼ିଶା ବିଧାନସଭା ସଦସ୍ୟଙ୍କ ବେତନ, ଭତ୍ତା ଓ ପେନ୍‌ସନ୍ (ସଂଶୋଧନ) ବିଲ୍-୨୦୨୫କୁ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି(ସିପିଆଇଏମ୍)ର ଓଡ଼ିଶା ରାଜ୍ୟ କମିଟି ତୀବ୍ର ବିରୋଧ କରିଛି । ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ବିଧାୟକ ଓ ପୂର୍ବତନ ବିଧାୟକଙ୍କ ବେତନ, ଭତ୍ତା ଓ ପେନସନ୍ ବଡ଼ ପରିମାଣରେ ବଢ଼ାଇବା ପାଇଁ ଏହି ବିଲ୍ ପାରିତ ହୋଇଛି । ଏହି ବିଲ୍ କୌଣସି ଗୁରୁତ୍ୱପୂର୍ଣ୍ଣ, ଗଭୀର ଏବଂ ବ୍ୟାପକ ଆଲୋଚନା ବିନା ପାରିତ ହୋଇଛି । ତେଣୁ ରାଜ୍ୟପାଳ ଏହି ଜନବିରୋଧୀ ବିଲ୍‌କୁ ଫେରାଇ ଦିଅନ୍ତୁ ବୋଲି ଦଳ ଅନୁରୋଧ କରିଛି ।

ଦଳ ପକ୍ଷରୁ କୁହାଯାଇଛି, ଏହି ବିଲ୍ ଓଡ଼ିଶାର ଲୋକଙ୍କ ଯନ୍ତ୍ରଣା ପ୍ରତି ସମ୍ପୂର୍ଣ୍ଣ ଅସମ୍ବେଦନଶୀଳତା ପ୍ରତିଫଳିତ କରୁଛି । ଏବେ ରାଜ୍ୟରେ ଭୟଙ୍କର ବେକାରୀ, କୃଷି ସଙ୍କଟ, ଅସ୍ଥାୟୀ, ଆଉଟ୍‌ସୋର୍ସିଂ, ଠିକା କର୍ମଚାରୀଙ୍କ ପାଇଁ ଅତି କମ୍

**ବିଲ୍ ଫେରାଇଦେବାକୁ ରାଜ୍ୟପାଳଙ୍କୁ ଅନୁରୋଧ**

ମଜୁରୀ/ ବେତନ ସାଙ୍ଗକୁ ଅତ୍ୟାବଶ୍ୟକ ଜିନିଷର ଆକାଶଛୁଆଁ ଦର ରହିଛି ଏବଂ ହଜାର ହଜାର ସ୍କିମ୍ କର୍ମୀ, ଶ୍ରମିକ, ଶିକ୍ଷକ, ଚୁକ୍ତିଭିତ୍ତିକ କର୍ମଚାରୀ, ଚାଷୀ ଓ ଗ୍ରାମୀଣ ଶ୍ରମିକମାନେ ବଞ୍ଚିବା ପାଇଁ ସଂଘର୍ଷ କରି ଗାନ୍ଧୀ ମାର୍ଗରେ ହାଡ଼ଭଙ୍ଗା ଶୀତରେ ଡେରା ପକାଇଛନ୍ତି । ମାତ୍ର ଜୀବନ ଏବଂ ଜୀବିକାର ଏପରି ଏକ ସଂକଟ ସମୟରେ ନିଜ ଲାଭ ଏବଂ ଲୋଭ ପାଇଁ ନିଆଯାଇଥିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଅନ୍ୟାୟ, ଅଗଣତାନ୍ତ୍ରିକ ଏବଂ ଲୋକବିରୋଧୀ ବୋଲି ସିପିଆଇ(ଏମ୍) କହିଛି । ଲୋକପ୍ରତିନିଧିମାନେ ଲୋକଙ୍କ ସମସ୍ୟା ଏବଂ ଯନ୍ତ୍ରଣାକୁ ପ୍ରତିଫଳିତ କରିବା ଉଚିତ୍ । ନିଜ ପଦବୀକୁ ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି ସିପିଆଇ(ଏମ୍) କହିଛି । ରାଜ୍ୟବାସୀଙ୍କ ହିତରେ ପୁଣିଥରେ ବ୍ୟାପକ ଆଲୋଚନା, ପରୀକ୍ଷଣ ଓ ପୁନର୍ବିଚାର କରିବାକୁ ରାଜ୍ୟପାଳ ଏହି ବିଲ୍ ବିଧାନସଭାକୁ ଫେରାଇଦେବାକୁ ଦଳ ଦାବି କରିବା ସହ ରାଷ୍ଟ୍ରପତି ମଧ୍ୟ ଏହି ବିଲ୍ ଉପରେ ହସ୍ତକ୍ଷେପ କରନ୍ତୁ ବୋଲି ଦଳ ନିବେଦନ କରିଛି । ଏହିପରି ଲୋକବିରୋଧୀ ବିଲ୍‌କୁ ସ୍ୱଚ୍ଛ ଆଲୋଚନା ଓ ଲୋକ ପରାମର୍ଶ ବିନା କାର୍ଯ୍ୟକାରୀ ହେବାକୁ ଅନୁମତି ନ ଦେବାକୁ ଦଳ କହିଛି ।

## ଅବଶିଷ୍ଟାଂଶ...

### ସରିଲା ବିଧାନସଭା...

କରିଛନ୍ତି । ବିକ୍ଷୋଭରେ ଶିକ୍ଷକଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ଯୋଗଦେଇ କହିଥିଲେ, ବିରୋଧୀ ଦଳରେ ଥିବାବେଳେ ଶିକ୍ଷକମାନଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହ ଧାରଣାସ୍ଥଳକୁ ଆସି ଆନ୍ଦୋଳନକୁ ସମର୍ଥନ କରିଥିବା ଏବକାର ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଶାସନକୁ ଆସିବା ପରେ ଟାଳଟୁଳ ନୀତି ଆପଣାଇ ଶିକ୍ଷକମାନଙ୍କୁ ପ୍ରତାରିତ କରିଛନ୍ତି । ଅପରପକ୍ଷରେ କାଳକ୍ଷେପଣ ନୀତି ସଦୃଶ କମଟି ଗଠନ କରିଛନ୍ତି । ପୂର୍ବରୁ ଏକାଧିକବାର କମିଟି ଗଠନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏଣୁ କମିଟି ଗଠନ ଆଳରେ ବିଳମ୍ବ ନ କରି ସେମାନଙ୍କ ଦାବିକୁ ତ୍ୱରିତ ପୂରଣ କରିବାକୁ ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର କହିଛନ୍ତି । ଅପରପକ୍ଷରେ ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ସଚିବ ଆଲୋଚନା କରିଛନ୍ତି । ସମସ୍ତ ଦାବିକୁ ଶୁଣିବା ପରେ ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ସଂଘ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

ଅନୁରୂପ ଭାବେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କଳା ଓ କ୍ରୀଡ଼ା ଶିକ୍ଷକମାନେ ମଧ୍ୟ ଶୁକ୍ରବାର ଗାନ୍ଧୀମାର୍ଗରେ ଆନ୍ଦୋଳନ କରିଛନ୍ତି । ଦୀର୍ଘ ବର୍ଷରୁ ନିରବଚ୍ଛିନ୍ନ ଭାବେ ଛାତ୍ରଛାତ୍ରୀଙ୍କୁ ସେବା ଯୋଗାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ନିୟମିତ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିବା ସହ କ୍ରୀଡ଼ା ଓ କଳା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପଛରେ ରହିଥିବା ଶିକ୍ଷକଙ୍କ ଦାବିକୁ ପୂରଣ କରିବାକୁ ଦାବି କରିଛନ୍ତି । ଏଣୁ ସେମାନଙ୍କ ପାଇଁ କ୍ୟାରିଅର୍ ଆଡ୍‌ଭାନ୍ସମେଣ୍ଟ ପଲିସି ଲାଗୁ କରିବା ସହ ନିୟମିତ କରିବାକୁ ସଂଘର ଆବାହକ ଜଗଦାନନ୍ଦ ଗିରି ଓ ରଶ୍ମିରଞ୍ଜନ ସାହାଣୀଙ୍କ ନେତୃତ୍ୱରେ ଆନ୍ଦୋଳନ କରିଛନ୍ତି ।

### ରାତିରେ ଶୀତର...

କରାଯାଇଛି । ତାପମାତ୍ରା ସ୍ୱାଭାବିକ ତୁଳନାରେ ୩-୬ ଡିଗ୍ରୀ ପର୍ଯ୍ୟନ୍ତ କମ୍ ରହୁଥିବା ବେଳେ ଶୀତର ପ୍ରଭାବ ଅଧିକ ରହୁଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୨୪ ଘଣ୍ଟାରେ ୯ ଜିଲ୍ଲା ଅର୍ଥାତ ସୁନ୍ଦରଗଡ, ଅନୁଗୁଳ, ଝାରସୁଗୁଡା, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, କଳାହାଣ୍ଡି ଓ କନ୍ଧମାଳରେ ପ୍ରବଳ ଶୀତ ଅନୁଭୂତ ହେବାର ସମ୍ଭାବନା ରହିଛି । ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେପଟେ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡି ଦୃଶ୍ୟମାନ ହେଉଥିବା ବେଳେ ଆହୁରି ୪୮ ଘଣ୍ଟା ଘନ କୁହୁଡିର ପ୍ରଭାବ ରହିବ ବୋଲି ଜଣାପଡ଼ିଛି । ଆସନ୍ତା ୨୪ ଘଣ୍ଟାରେ ସୁନ୍ଦରଗଡ଼ ଓ କୋରାପୁଟରେ ଘନ କୁହୁଡ଼ିର ଦୃଶ୍ୟମାନ ହୋଇପାରେ, ତେଣୁ ଏହି ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେ ଆହୁରି କହିଛନ୍ତି, ରାଜ୍ୟରେ ଆହୁରି ଦୁଇ ଦିନ ଯାଏଁ ପ୍ରବଳରୁ ଅତିପ୍ରବଳ ଶୀତ ଅନୁଭୂତ ହେବ । ଏହାପରେ ଗୋଟିଏ କିମ୍ବା ଦୁଇ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ । ଆସନ୍ତା ୭ ଦିନ ମଧ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି ।

### ବୀମା କ୍ଷେତ୍ରରେ...

ଯାହା ଫଳରେ ସେବାର ଗୁଣବତ୍ତା ଉନ୍ନତ ହେବ । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବୀମା ଶିଳ୍ପରେ ବିଦେଶୀ ନିବେଶ ସୀମାକୁ ୭୪%ରୁ ୧୦୦% କୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ ।

### ନବମ ଶ୍ରେଣୀ...

କରିଥିଲା । ତାକୁ ଧରିବାକୁ ପୁଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା । ପୁଲିସ ତା’ ପରିବାରଲୋକଙ୍କୁ ଏ ସଂପର୍କରେ ଖବର ଦେବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେଇଛି ।

ଛାତ୍ରଜଣଙ୍କ ପୂର୍ବରୁ ମଧ୍ୟ ବହୁବାର ସ୍କୁଲକୁ ବନ୍ଧୁକ ଆଣିଥିବା କର୍ତ୍ତୃପକ୍ଷ କହିଛନ୍ତି । ଏତେ ଛୋଟ ପିଲା ପାଖରେ ବନ୍ଧୁକ, ଗୁଳି କେଉଁଠୁ ଆସିଲା, କିଏ ତାକୁ ଦେଇଛି, ସେନେଇ ପୁଲିସ ତଦନ୍ତ ଚଳାଇଛି । ଏହା ପଛରେ ଚୋରା ବନ୍ଧୁକ ରାକେଟ୍‌ର ସଂପୃକ୍ତି ଥିବା ଅନୁମାନ କରାଯାଉଛି । ପୁଲିସ ନଜରରୁ ବର୍ତ୍ତିବା ପାଇଁ ଛୋଟଚୋଟ ପିଲାଙ୍କ ଜରିଆରେ ବନ୍ଧୁକ ଚୋରା କାରବାର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ଏହି ଘଟଣା ପଦାକୁ ଆସିବା ପରେ ବୁଦ୍ଧିଜୀବୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟାଳୟ ପରିସରରେ ଶିକ୍ଷା ପରିବେଶ ନିରାପଦ କରିବା ପାଇଁ ପୁଲିସ ଓ ଶିକ୍ଷା ବିଭାଗ ଦୁହିଁଙ୍କୁ ସୁଦ୍ଧାର ଓ ନିରୀକ୍ଷଣ ବଢ଼ାଇବା ଦାବି ଉଠିଛି ।

### କୋର୍ଟ ରୁମ୍‌ରେ...

୪୦ ପର୍ଯ୍ୟନ୍ତ ଚାଲିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପୁଣି ୩ଟାରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ଚାଲିଥିଲା । ଉଭୟ ପକ୍ଷଙ୍କ ମଧ୍ୟରେ ନିଜନିଜ ଯୁକ୍ତିକୁ ନେଇ ଜୋରଦାର ତର୍କ ହୋଇଥିଲା । ଏହା ବ୍ରହ୍ମପୁର କୋର୍ଟ ଇତିହାସରେ ପ୍ରଥମ ଘଟଣା ବୋଲି କୁହାଯାଉଛି ।

ଏହି ମାମଲାରେ ପୁଲିସ ବର୍ତ୍ତମାନ ସୁଦ୍ଧା ମୋଟ ୧୬ଜଣଙ୍କୁ ଗିରଫ କରିଛି । ସେଥିମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ମେୟର ପିଣ୍ଟୁ ଦାଶ, ଆଇନଜୀବୀ ମଦନ ମୋହନ ଦଳେଇ, ସୁନୀଲ ହୋତା ଓ ଶୂନ୍ୟଚନ୍ଦ୍ର ଦାସଙ୍କ ପାଇଁ ସେମାନଙ୍କ ଓକିଲ ଜାମିନ ଆବେଦନ କରିଛନ୍ତି । କୋର୍ଟଙ୍କ ଆଦେଶକ୍ରମେ ପୁଲିସ ଗତ ୯ ତାରିଖରେ ୩୭୨ପୃଷ୍ଠା ବିଶିଷ୍ଟ କେସ୍ ଡାଏରୀ (ସିଡି) ଦାଖଲ କରିବା ପରେ ଉକ୍ତ ଦିନ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଆରମ୍ଭ ହୋଇଥିଲା । ଆଜି ପୁଣି ଶୁଣାଣି ହୋଇଥିଲା ।

ବିକ୍ରମଙ୍କ ସମେତ ଜାମିନ ଆବେଦନ କରିଥିବା ସମସ୍ତ ୫ଜଣଙ୍କ ଗିରଫଦାରୀକୁ ନେଇ ସେମାନଙ୍କ ଓକିଲମାନେ ଆପତ୍ତି ଉଠାଇଥିଲେ । ପୁଲିସ ସମସ୍ତଙ୍କୁ ବେଆଇନ ଭାବେ ଗିରଫ କରି ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରିଥିବା ଦର୍ଶାଇଥିଲେ । ଖାସ୍ କରି ଅଭିଯୁକ୍ତଙ୍କ ଗିରଫ କ୍ଷେତ୍ରରେ ପୁଲିସ ‘ମେମୋ ଅଫ ଆରେଷ୍ଟ’ ଓ ‘ଗ୍ରାଉଣ୍ଡ ଅଫ୍ ଆରେଷ୍ଟ’ ସଠିକ୍ ଭାବେ ଦର୍ଶାଇ ନଥିବା ବେଳେ ସେଥିରେ ସାକ୍ଷ୍ୟ ଭାବେ ଦର୍ଶାଇଥିବା ବ୍ୟକ୍ତିଙ୍କୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ ।

ବଡ଼ କଥା ହେଲା, ବିକ୍ରମଙ୍କୁ ତାଙ୍କ ଘରୁ ଉଠାଇନେବା ଓ ପରେ ଗିରଫ ଦର୍ଶାଯାଇଥିବା ବେଳେ ମେମୋ ଅଫ୍ ଆରେଷ୍ଟରେ ସ୍ଥାନୀୟ ଲୋକ ପରିବର୍ତ୍ତେ ବଡ଼ବଜାର ଅଞ୍ଚଳର ଚନ୍ଦ୍ରଶେଖର ଗୌଡ଼ ନାମକ ଜଣେ ସମ୍ମାନିତ ବ୍ୟକ୍ତିଙ୍କୁ ପୁଲିସ ସାକ୍ଷୀ ରଖିବା ଘଟଣାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଜୋରଦାର୍ ବିତର୍କ ହୋଇଥିଲା । ଜଣେ ମଦ ବ୍ୟବସାୟୀ, ଯାହାଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଛି, ସେ କିଭଳି ଭାବେ ପୁଲିସ ଆଖିରେ ଜଣେ ସମ୍ମାନିତ ବ୍ୟକ୍ତି ହେଲେ ଏବଂ ବିକ୍ରମଙ୍କ ପରିବାର ସଦସ୍ୟଙ୍କୁ କାହିଁକି ପୁଲିସ ବିଶ୍ୱାସକୁ ନେଲା ନାହିଁ, ତାକୁ ନେଇ ମଧ୍ୟ ପ୍ରଶ୍ନ କରିଥିଲେ ବିକ୍ରମଙ୍କ ଓକିଲ । ପୁଲିସର ଏଭଳି ବିଭିନ୍ନ ଭୁଲଭଟ୍‌କୋକୁ ଦର୍ଶାଇ ଅଭିଯୁକ୍ତଙ୍କ ଓକିଲ ଜାମିନ ପ୍ରଦାନ କରିବାକୁ କୋର୍ଟକୁ ନିବେଦନ କରିଥିଲେ ।

ସେପଟେ, ଜାମିନ ଆବେଦନକୁ ଖାରଜ କରିବାକୁ ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ ଯେ ବର୍ତ୍ତମାନ ମାମଲାର ତଦନ୍ତ ଜାରି ରହିଛି । ସିଡିଆର୍ ରିପୋର୍ଟ ଏବଂ ସିସିଟିଭି ଫୁଟେଜ୍‌ରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଅନେକ ସୁରାକ ମିଳିଛି । ବର୍ତ୍ତମାନ ପରିସ୍ଥିତିରେ ଜାମିନ ପ୍ରଦାନ କରାଗଲେ ସାକ୍ଷୀଙ୍କୁ ପ୍ରଭାବିତ କରି ତଦନ୍ତ ବିଗହରା ହେବାର ଆଶଙ୍କା ରହିଛି ବୋଲି ଯୁକ୍ତି ବାଢ଼ିଥିଲେ ।

ନିଜନିଜ ଯୁକ୍ତି ସପକ୍ଷରେ ଉଭୟ ପକ୍ଷର ଓକିଲଙ୍କ ପକ୍ଷରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟ ସମେତ ସୁପ୍ରିମକୋର୍ଟଙ୍କ ରାୟକୁ ଉପସ୍ଥାପନ କରିଥିଲେ । ଦୀର୍ଘ ସମୟ ଧରି ଉଭୟ ପକ୍ଷର ଯୁକ୍ତି ଓ ସେମାନଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ଉଚ୍ଚ ଅଦାଲତର ରାୟକୁ ଧ୍ୟାନର ସହ ଶୁଣିଥିଲେ ବିଚାରପତି । ଜାମିନ ଆବେଦନର ଶୁଣାଣି ଶୁକ୍ରବାର ଶେଷ ହୋଇଥିବା ବେଳେ ଆସନ୍ତା ୧୬ ତାରିଖ ମଙ୍ଗଳବାର ରାୟ ପ୍ରକାଶ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ସରକାରଙ୍କ ଦ୍ୱାରା ନିଯୁକ୍ତ ତଥା ମକଦ୍ଦମା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି କାଳୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମାନସ ଚାନ୍ଦଙ୍କ ସମେତ କୁମାରକାନ୍ତ ବେହେରା, କୈଳାଶ ପଣ୍ଡା, ଦୀପକ ପଟ୍ଟନାୟକ, ସଂଜିତ କୁମାର ପାଣିଗ୍ରାହୀ, ଶିବ ନାରାୟଣ ସାହୁ, ଅନନ୍ତ ନାରାୟଣ ମହାନ୍ତି, ରବୀନ୍ଦ୍ର କୁମାର ଦେଓ, ଚକ୍ରପାଣି ନାହକ ଓ ଶୈଳଜା ନନ୍ଦନ ଦାସ ପ୍ରମୁଖ ମକଦ୍ଦମା ପରିଚାଳନା କରିଥିଲେ ।

### ରାଜଧାନୀର ହୁକ୍କା ବାର୍‌ରେ...

ଅଗ୍ନିଶମ ବିଭାଗକୁ ଫୋନ୍ ଯାଇଥିଲା । ୭ଟି ଦମକଳ ଗାଡି ଓ ଅଗ୍ନିଶମ କର୍ମଚାରୀ ୨ ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ ।

ତେବେ ନିଆଁ କେମିତି ଲାଗିଲା ଏହାକୁ ନେଇ ଏବେ ବିବାଦ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକଙ୍କ ସହ ବିବାଦ ଯୋଗୁଁ ରେସ୍ତୋରାଁରେ କେହି ଜାଣିଶୁଣି ନିଆଁ ଲଗାଇ ଦେଇଥିବା ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ରେସ୍ତୋରାଁ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ କହିବା ମୁତାବକ ନିକଟସ୍ଥ ଏକ ହୋଟେଲର ଏୟାର କଣ୍ଡିସନରରେ ପ୍ରଥମେ ସର୍ଟ ସର୍କିଟ୍ ହୋଇଥିଲା ଓ ପରେ ନିଆଁ ସାରା ରେସ୍ତୋରାଁକୁ ବ୍ୟାପିଥିଲା । ଅନ୍ୟପକ୍ଷରେ ଅନ୍ୟ କିଛି ଲୋକ ଅଗ୍ନିକାଣ୍ଡ ପାଇଁ ରେସ୍ତୋରାଁ ମାଲିକ ଏବଂ କର୍ମଚାରୀଙ୍କୁ ସିଧାସଳଖ ଦାୟୀ କରିଛନ୍ତି । ପ୍ରକୃତ କାରଣ ଖୋଜିବାକୁ ପୁଲିସ ଏହାର ଅନୁସନ୍ଧାନ ଚଳାଇଛି ।

ଏହି ରେସ୍ତୋରାଁରେ ଅଗ୍ନିକାଣ୍ଡ ପରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ଲୋକେ ଏକତ୍ର ହୋଇ ରେସ୍ତୋରାଁରେ ଚାଲିଥିବା ଅନୈତିକ କାର୍ଯ୍ୟକୁ ବିରୋଧ କରିଥିଲେ । ଅଗ୍ନିକାଣ୍ଡ ପରେ ରେସ୍ତୋରାଁ ପରିଚାଳନାକୁ ନେଇ ଉଠିଛି ଅନେକ ପ୍ରଶ୍ନ । ଏହି ରେସ୍ତୋରାଁକୁ ବାର୍ ଭଳି ପରିଚାଳନା କରାଯାଉଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଥିଲା । ଏଠାରେ ମଦ ପରସେ ଯାଉଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ରାତି ୪ଟା ପର୍ଯ୍ୟନ୍ତ ଖୋଲାଯାଉଥିଲା । ସ୍ଥାନୀୟ ଲୋକେ ବାରମ୍ବାର ଏହାକୁ ନେଇ ଭୁବନେଶ୍ୱର ଡିସିପିଙ୍କୁ ଅଭିଯୋଗ କରିଥିଲେ । ଏହାପରେ ଅବକାରୀ ବିଭାଗ ଉକ୍ତ ରେସ୍ତୋରାଁରେ ରେଡ୍ କରିଥିଲେ ମଧ୍ୟ କିଛି ଲାଭ ହୋଇ ନଥିଲା ।

ତେବେ ସତ୍ୟବିହାର ଭଳି ଏକ ରେସିଡେଣ୍ଟାଲ୍ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କିଭଳି ଭାବେ ରେସ୍ତୋରାଁ ଅପରେଟ୍ କରୁଥିଲା ବୋଲି ପ୍ରଶ୍ନ ଉଠିଛି । ଯଦି ଏଠାରେ ମଦ ପରସାଯାଉଥିଲା ପୁଲିସ କିମ୍ବା ଅବକାରୀ ବିଭାଗ କିପରି କିଛି ଜାଣିପାରୁ ନ ଥିଲା । ଅନ୍ୟପକ୍ଷରେ ବାରରେ ଥିବା ଏକ ଖାତା କିଛି ଫର୍ଦ୍ଦ ଗଣମାଧ୍ୟମ ସାମ୍ନାକୁ ଆସିବା ପରେ ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ । ରେସ୍ତୋରାଁ ପକ୍ଷରୁ ପ୍ରତ୍ୟେକ ମାସରେ ବିଏମ୍‌ସି ପାଇଁ ୩ହଜାର ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ପିସିଆର୍ କର୍ମଚାରଙ୍କ ପାଇଁ ଦୈନିକ ୫ଶହ ଟଙ୍କା ଖର୍ଚ୍ଚ କରାଯାଉଥିବା ଉଲ୍ଲେଖ ରହିଛି । ଏହି ଟଙ୍କା ସେମାନେ ପୁଲିସ ଏବଂ ବିଏମ୍‌ସି ପାଇଁ ଖର୍ଚ୍ଚ କରୁଥିଲେ ତାହାକୁ ନେଇ ଏବେ ସନ୍ଦେହ ବଢ଼ିବାରେ ଲାଗିଛି ।

ଏନେଇ ଅଗ୍ନିକାଣ୍ଡ ପରେ ସାମ୍ନାକୁ ଆସିଛି ଅବକାରୀ ବିଭାଗ । ଅବକାରୀ ବିଭାଗ ପକ୍ଷରୁ କୌଣସି ବାର୍ ଲାଇସେନ୍ସ ଦିଆଯାଇ ନାହିଁ ବୋଲ ସ୍ପଷ୍ଟ କରାଯାଇଛି । ଅବକାରୀ ସୁପରିଟେଣ୍ଡ ଦେବାଶିଷ ପଟେଲ କହିଛନ୍ତି ଏକ ମାସ ତଳେ ଏଠାରେ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ହୋଇଥିଲା । ଏହାପରେ ଅବକାରୀ ବିଭାଗ ଘଟଣାସ୍ଥଳରେ ପହଁଞ୍ଚି ଯାଞ୍ଚ କରିଥିଲେ ବି ସେପରି କିଛି ସାମଗ୍ରୀ ମିଳି ନ ଥିଲା ।

ତେବେ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ମଧ୍ୟ ସନ୍ଦେହ ଘେରକୁ ଆସିଛି । ଏହି ରେସ୍ତୋରାଁର ଫାୟାର ଲାଇସେନ୍ସ ନ ଥିଲା ବେଳେ ଏହାକୁ ଚାଲିବାକୁ କିପରି ଅନୁମତି ଦିଆଯାଇଥିଲା । କଣ ପାଇଁ ରେସ୍ତୋରାଁକୁ ବନ୍ଦ କରାଗଲା ନାହିଁ । କିଛିଦିନ ତଳେ ଗୋଆ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା । ଏହି ଘଟଣାରୁ ଅଗ୍ନିଶମ ବିଭାଗ କିପରି କିଛି ଶିଖି ପାରିଲା ନାହିଁ ବୋଲି ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି । ଏହି ସମୟରେ ଫାୟାର ଡ଼ିଜି ସୁଧାଂଶୁ ଷଡ଼ଙ୍ଗୀ ଆସନ୍ତା ୧୦ଦିନ ମଧ୍ୟରେ ସମସ୍ତ ବାର୍‌ର ଫାୟାର ଲାଇସେନ୍ସ ଯାଞ୍ଚ କରାଯିବ ବୋଲି ଘୋଷଣା କରିଛନ୍ତି ।

# ଦୋଷମୁକ୍ତ କର୍ମଚାରୀଙ୍କୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦଣ୍ଡିତ କରାଯାଇପାରିବ ନାହିଁ: ହାଇକୋର୍ଟ

**କଟକ,୧୨ ।୧୨(ସମିସ):** ଭିଜିଲାନ୍ସ ପ୍ରକ୍ରିୟାରେ ଦୋଷମୁକ୍ତ ହୋଇଥିବା କର୍ମଚାରୀଙ୍କୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏଥିସହ ଆବେଦନକାରୀଙ୍କ ବିରୋଧରେ ପୁଲିସ ଡିଜିଙ୍କ ପକ୍ଷରୁ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଗତ ୨୦୧୯ ଜୁନ୍ ୩୦ରେ ପ୍ରଦାନ କରାଯାଇଥିବା ଦୁଇଟି ବ୍ଲାକ୍ ମାର୍କ ଦଣ୍ଡକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି । ଅନ୍ୟପଟରେ ଆବେଦନକାରୀଙ୍କ ପକ୍ଷରୁ ଉପରୋକ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରି ସରକାର ପ୍ରଦାନ କରିଥିବା ଗତ୨୦୨୧ ଅକ୍ଟୋବର୩୦ର ଆଦେଶକୁ ମଧ୍ୟ ଅଦାଲତ ରଦ୍ଦ କରିଦେଇଛନ୍ତି । ଅଜୟ କୁମାର ଜେନାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଚାକିରିରେ ଥିବା ବେଳେ ତାଙ୍କ ବିରୋଧରେ ଗତ ୨୦୧୧ରେ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା ରୁଜୁ ହୋଇଥିଲା । ତେବେ ଏହି ମାମଲାରେ ତଙ୍କୁ ଗତ ୨୨.୦୯.୨୦୧୫ ତାରିଖର ରାୟ ଅନୁଯାୟୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ । ହେଲେ ଭିଜିଲାନ୍ସ ମାମଲା ଆଧାରରେ ଆବେଦନକାରୀଙ୍କ ବିରୋଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ଦୁଇଟି ବ୍ଲାକ ମାର୍କ ଦଣ୍ଡ ଦେଇଥିଲେ । ଯେଉଁ ଭିଜିଲାନ୍ସ ମାମଲା ଆଧାରରେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ସେହି ମାମଲାରେ ଦୋଷମୁକ୍ତ ହେବା ସତ୍ତ୍ୱେ ତାଙ୍କୁ ବ୍ଲାକ ମାର୍କ ମିଳିବା ବେଆଇନ ଦର୍ଶାଇ ସରକାରଙ୍କୁ ଫେରାଦ ହୋଇଥିଲେ ।


**PUBLIC NOTICE**

This is to inform that my client, Mrs. Kamini Kar, has lost the original registered sale deed No. 552, dated 14/02/1992 relating to Khata No. 519/74, Plot No. 23/1066, Mouza-Puri Sahar Unit No. 17, Dolamandap Sahi, Puri. An FIR (Complaint No. 245020390 72500150) has been lodged at Puri Town Police Station on 11th Dec 2025. Any person having a claim or objection over the said property is required to submit it with proof within 15 days from the date of this notice. If the original deed is not found within this period, the certified copy from the registry office will be treated as the original document.

Jayashree Jena (Advocate) Puri Court Ph: 8144775325

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:* 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**Tender Notice**

IGSSS invites quotations from reputed and experienced service providers for Pond Desilting and Toilet Construction work. Interested firms are requested to submit their Expression of Interest (EOI) to receive the detailed BOQ /RFQ by emailing procurement@igsss.net within 5 days. For more information, **please contact 9711387171 / 8984983103**

**AFFIDAVIT**

By Virtue of an affidavit Before the Executive Magistrate: Sadar, Cuttack, Odisha. I **Smt. HARSHITA KANKARIA,** aged about 25 years, D/O: Rajendra Kankaria, Village: Gulab Badi, PO: Arya Samaj Road, P.S.: Kota, Kota City, Dist: Rajasthan-324006. declare by this Affidavit No.: 10680, dtd: 13.10.2023, I have Changed my name from Harshita Kankaria to **HARSHITA CHORARIA.** Harshita Kankaria & Harshita Choraria is one and the same person. Henceforth I shall be known as **HARSHITA CHORARIA** for all purposes.

**AFFIDAVIT**

By virtue of an affidavit no.2927, before Executive Magistrate, Phulbani dated 24.11.2025 I, Krishnamayee Majhi, residing at Bandhagada, P.O. Bandhagada, P.S.: Phiringia, Dist.: Kandhamal, - 762011 have changed my name from Krishnamayee Majhi to Krishna Majhi. Henceforth I shall be known as Krishna Majhi for all purposes.

Sd/- Krishna Majhi

**AFFIDAVIT**

By virtue of an affidavit sworn before the Executive Magistrate, Oupada, Balasore, Odisha vide Sl. No. 617 on dated 09/12/2025 I, Hemanta Kumar Malik, S/o. Krushna Chandra Malik, At. Similipal, Po. Badapokhari, Ps. Oupada, Dist. Balasore, Odisha, Pin code- 756047, declare that I have changed the name of my daughter from Meghana Malik to Meghnarani Malik. Henceforth, she will be known as **Meghnarani Malik** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, No 113, dated. 10.12.2025 I, PADMAN JANI, S/o- Late. Somnath Jani, At Village- Nua Hirli, PO - Agnipur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PADMA JANI to PADMAN JANI. Henceforth, I shall be known as PADMAN JANI for all purposes.

Sd/- PADMAN JANI

**AFFIDAVIT**

By virtue of an affidavit no.2955, before Notary Public, Sukinda, dtd.19.11.2025 I, Rekha Pradhan, residing at Village Madhapur (Rangitangar), Po/Ps.: Sukinda, Dist: Jajpur,-755018 hereby declare that my correct name is Rekha Pradhan but in my Aadhaar Card wrongly recorded as Rekh Pradhan. That both names "Rekha Pradhan" and "Rekh Pradhan" refer to the same and one person, i.e., myself.

यूनियन बैंक Union Bank of India
**ଏଡଲାପାଡୁ ଶାଖା,** ଡୋର ନଂ. 4-53/1, ଆନ୍ଧ୍ରା ବ୍ୟାଙ୍କ କମ୍ପ୍ଲେକ୍ସ, ମେନ୍ ରୋଡ୍, ଏଡଲାପାଡୁ – 522 232,
ଇ-ମେଲ: ubin0819221@unionbankofindia.bank

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ସୂଚନା**

ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନୋଲିଖିତ ଗ୍ରାହକମାନେ ଯେଉଁମାନେ ଆମ ଶାଖା ଦ୍ୱାରା ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଥିଲେ, ସେମାନେ ଅନେକଥର ସୂଚନା ଦେବା ସତ୍ତ୍ୱେ ମଧ୍ୟ ଋଣ ପରିଶୋଧ କରିନାହାନ୍ତି । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରିପେମେଣ୍ଟ ନ ହେବାରୁ, ସେମାନଙ୍କ ସ୍ୱର୍ଣ୍ଣ ଅଳଙ୍କାର ତା.୨୯.୧୨.୨୦୨୫ରିଖ (ସୋମବାର), ସନ୍ଧ୍ୟା ୪.୦୦ ଶାଖା ପରିସରରେ ସାର୍ବଜନିକ ନିଲାମରେ ବିକ୍ରୟ କରାଯିବ । ବିକ୍ରୟ ରାଶି ସମ୍ବନ୍ଧିତ ଖାତାକୁ ଜମା ହେବ । ନିଲାମରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୯.୧୨.୨୦୨୫ରିଖ ଅପରାହ୍ନ ୨.୦୦ ଘଟିକା ପୂର୍ବରୁ ତାଙ୍କ ଅସ୍ତିତ୍ୱ ପରିଚୟ ପତ୍ର ଦେଖାଇବା ସହ ଏବଂ ୫,୦୦୦/-ଟଙ୍କା ଅମାନତ ରାଶି ଜମା କରିବା ଆବଶ୍ୟକ । ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ନିଲାମ ବାତିଲ କିମ୍ବା ସ୍ଥଗିତ କରିବାର ଅଧିକାର ସୁରକ୍ଷିତ ରଖିଅଛି । ନିଲାମ ପରେ ମଧ୍ୟ ସୁନା ବିକ୍ରୟ ରାଶି ପରେ ଯଦି କୌଣସି ଅବଶେଷ ଦାବୀ କିମ୍ବା ଖର୍ଚ୍ଚ ରହିଯାଏ, ତେବେ ଗ୍ରାହକଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ । ଯଦି ଗ୍ରାହକ ଦେହାନ୍ତରଣ ହୋଇଛନ୍ତି, ଏହି ସୂଚନା ତାଙ୍କ ବିଧିସମ୍ମତ ଉତ୍ତରାଧିକାରୀଙ୍କୁ ପ୍ରଯୁଜ୍ୟ ହେବ ।

| ଋଣ ଆକାଉଣ୍ଟ ନଂ. | ଆକାଉଣ୍ଟଧାରୀଙ୍କ ନାମ ଏବଂ ଠିକଣା | ଓଜନ (ଗ୍ରାମରେ) |
|---|---|---|
| 192216540005034 | ମେଦିମି ଜନାର୍ଦ୍ଦନ ରାଓ, ପିତା: ଏମ୍. ରାଜା ରାଓ, ଗଣେଶ ନଗର ୪ର୍ଥ ଲେନ୍, ବ୍ରହ୍ମପୁର ଗାଁ, ବ୍ରହ୍ମପୁର ସଦର, ଗଞ୍ଜାମ, ଓଡ଼ିଶା-୭୬୦୦୦୨ | ୧୩.୮୦ |

ତା.୧୧.୧୨.୨୦୨୫, ସ୍ଥାନ: ଏଡଲାପାଡୁ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଡଲାପାଡୁ ଶାଖା, ପାଲନାଡୁ ଜିଲ୍ଲା

MM-366

**GOVERNMENT OF ODISHA**
**OFFICE OF THE DIVISIONAL FOREST OFFICER, REDHAKHOL FOREST DIVISION**
E-mail id – dfo.redhakhol@odisha.gov.in
**OFFICE ORDER NO.339/1F (Accounts), Dt. 11.12.2025**

The following E-Tenders under Tender Bid Notification No. F&E /RKL/01,1(02),1(03),1(04) (Online)/2025-26 dt.18.11.2025 are hereby cancelled due to following reasons.

| SL No. | Name of the Work | Tender Amount in Rs. | No of Bidder applied | Remarks |
|---|---|---|---|---|
| 1 | Construction of Forest Guard Quarter at Jharapada of Rairakhol Forest Range under Redhakhol Forest Division | Rs.13,35,593/- | 0 | Cancelled due to non receipt of minimum bid |
| 2 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 3 | Construction of Ministerial Quarter at Forest Colony under Redhakhol Forest Division | Rs.10,81,356/- | 1 | Cancelled due to participation of Single Bidder. |
| 4 | Construction of ACF Quarter at Forest Colony under Redhakhol Forest Division | Rs.16,77,966/- | 1 | Cancelled due to participation of Single Bidder. |

OIPR-08146/11/0035/2526

Divisional Forest Officer
Redhakhol Forest Division

**CENTRE FOR REHABILITATION SERVICES & RESEARCH (CRSR)**

**APPOINTMENT**

Applications are invited from the eligible candidates with requisite qualifications to fill up the following vacancies of CRSR, Bhadrak on contractual basis. The candidates are required to file their applications with complete Bio-data through Registered Post / Speed Post / E-mail by 01.01.2026 positively to the General Secretary, Centre for Rehabilitation Services & Research (CRSR), At- Prasanti Bhawan, Dahanigadia, Po- Charampa, Bhadrak-756101 (E-mail-crsrorissa@gmail.com). Suitable candidates will be call for interview after due scrutiny.

| Post | Nos. | Qualification |
|---|---|---|
| Physiotherapist | 03 | BPT with 03 years' experience / MPT from any recognized university. |
| Clinical Psychologist | 01 | M.A in Clinical Psychology with 03 years exp, in Disability management. Preference will given to exp. In Counseling & guidance of IDD. |
| Occupational Therapist | 01 | BOT with 03 years' experience / MPT from any recognized university. |
| Social Worker | 01 | MSW from reputed Institution with 05 years' experience in Disability rehabilitation and management. |
| Multipurpose Rehabilitation Assistant | 01 | PG Diploma in Community Based Rehabilitation/Diploma in Community Based Rehabilitation with 02 Yrs. Exp. |
| Speech Language Pathologist | 01 | BASLP from recognized university with 02 years' experience. |



ଭୁବନେଶ୍ୱର ସିଟି

# ବର୍ଷସାରା ମଳ; ଦୁଇଦିନ ମାଳ

## ଅବହେଳିତ ଅବସ୍ଥାରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର, ୧୨।୧୨(ସମିସ): ରାଜଧାନୀର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ଦେଖିବାକୁ ମିଳୁଛି। ଜୟନ୍ତୀ ଓ ତିରୋଧାନ ବ୍ୟତୀତ ବର୍ଷତମାମ ଏହି ପ୍ରତିମୂର୍ତ୍ତିଗୁଡିକ ଉପରେ କାହାର ନଜର ପଡୁନାହିଁ। କୌଣସି ରାଜନୈତିକ ବ୍ୟକ୍ତିବିଶେଷ ନା ପ୍ରଶାସନ ଏଥିପ୍ରତି କାହାରି ନିଘା ନାହିଁ। ପରିସ୍ଥିତି ଏମିତି ଯେ, କେଉଁଠି ପ୍ରତିମୂର୍ତ୍ତିରେ ଅନାବନା ଗଛ ମାଡଗଲାଣି ତ କେଉଁଠି କାଉ କୋଇଲିଙ୍କ





ମଳରେ ରଙ୍ଗହରା ହୋଇଗଲାଣି। ସେହିପରି ରକ୍ଷଣାବେକ୍ଷଣ ଅଭାବରୁ ଅନେକଙ୍କୁ ଚିହ୍ନିବା କଷ୍ଟକର ହୋଇ ପଡୁଛି।

ମହାପୁରୁଷଙ୍କ ଅବଦାନ ପ୍ରତି ସମ୍ମାନ ଜଣାଇବା ସହ ସମାଜରେ ତାଙ୍କ ତ୍ୟାଗ ଓ ବଳିଦାନ ବିଷୟରେ ଅବଗତ କରିବା ପାଇଁ ହିଁ ବିଭିନ୍ନ ସ୍ଥାନରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଛି। ହେଲେ ତାର ପ୍ରକୃତ ଅର୍ଥ ଲୁଚିଗଲା ପରି ମନେ ହେଉଛି। କାରଣ ଜୟନ୍ତୀ ଓ ତିରୋଧାନ ବ୍ୟତୀତ ଅନ୍ୟ କୌଣସି ଦିନ ଏହି ପ୍ରତିମୂର୍ତ୍ତିଗୁଡିକ ନିକଟରେ କାହାରିକୁ ଦେଖିବାକୁ ମିଳୁନାହିଁ। କିଛି ପ୍ରତିମୂର୍ତ୍ତି ପାଖକୁ ଯିବା ଆସିବା ରାସ୍ତା ଅନାବନା ଗଛରେ ବନ୍ଦ ହୋଇଯାଇଛି। ସେହିଭଳି ପକ୍ଷୀମାନଙ୍କ ମଳ ପ୍ରତିମୂର୍ତ୍ତି ଉପରେ ପଡ଼ି ବିକୃତ ଦେଖାଗଲାଣି। ଉଦାହରଣ ସ୍ୱରୂପ ମାଷ୍ଟର କ୍ୟାଣ୍ଟିନ ଛକରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ତାଙ୍କ ମୁହଁରେ ପକ୍ଷୀ ମଳରେ ବିକୃତ ହୋଇଥିବାବେଳେ ସନ୍ଧ୍ୟା ହେଲେ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିଭଳି ଲୋକନାୟକ ଜୟପ୍ରକାଶ ନାରାୟଣ ପ୍ରତିମୂର୍ତ୍ତି ତଳେ ଅଳିଆ ଆବର୍ଜନା ପଡ଼ି ରହିଛି। କେଉଁଠି ପ୍ଲାଷ୍ଟିକ ବୋତଲ ତ କେଉଁଠି କଳଙ୍କି ଲଗା ଭଙ୍ଗା ଜାଲି। ୟୁନିଟ ୯ ସ୍ଥିତ ମଧୁସୂଦନ ରାଓଙ୍କ ପ୍ରତିମୀର୍ତ୍ତିର ମଧ୍ୟ ସମାନ ଅବସ୍ଥା। କେବଳ ଏହି ଗୋଟିଏ ଦୁଇଟି ସ୍ଥାନ ନୁହଁ ରାଜଧାନୀରେ ଏପରି ଅନେକ ପ୍ରତିମୂର୍ତ୍ତି ଅବହେଳିତ ହୋଇ ପଡ଼ିରହଛି। ଯେଉଁ ସମୟରେ ସେମାନଙ୍କର ଜୟନ୍ତୀ ଓ ତିରୋଧାନ ଦିବସ ରହୁଛି, ପ୍ରଶାସନଠାରୁ ଆରମ୍ଭକରି ବିଭିନ୍ନ ରାଜନୈତିକ ଦଳ ମାନେ କେବଳ ଫୁଲମାଳ ଦେଇ ଚାଲିଯାଉଛନ୍ତି। ସେ ଫୁଲମାଳ ଶୁଖିବା ପରେ ବି କାହାରି ହାତ ଯାଉନି କାଢିବାକୁ। ଅନ୍ୟସମୟରେ ସେହି ସ୍ଥାନ ଉପରେ କାହାରି ନଜର ମଧ୍ୟ ଯାଉନାହିଁ। ଏପରିସ୍ଥଳେ ପ୍ରତିମୂର୍ତ୍ତି ଗୁଡିକର ରଙ୍ଗ ଛାଡି ଗଲାଣି। ଏନେଇ କେବେ ପଦକ୍ଷେପ ନିଆଯିବ ସେ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି।



## ଇନ୍ସପେକ୍ଟରଙ୍କ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୨।୧୨ (ସମିସ): କମିସନରେଟ ପୁଲିସର ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ୮ ଜଣ ଇନ୍ସପେକ୍ଟରଙ୍କର ବଦଳି ହୋଇଥିବା ବେଳେ ଜିଲ୍ଲା ବାହାରକୁ ବଦଳି ହୋଇଥିବା ୭ ଜଣ ଇନ୍ସପେକ୍ଟରଙ୍କୁ ଦାୟିତ୍ୱରୁ ଅବ୍ୟାହତ (ରିଲିଭ୍) କରାଯାଇଛି।

ନିର୍ଦ୍ଦେଶନାମା ଅନୁଯାୟୀ, ପାହାଳ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ସ୍ମୃତିରଞ୍ଜନ ମହାନ୍ତିଙ୍କୁ ଧଉଳି ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଥିବା ବେଳେ ଧଉଳି ଥାନା ଅଧିକାରୀ ପ୍ରଦୀପ୍ତ କିଶୋର ନାୟକଙ୍କୁ ଡିପିଓକୁ ବଦଳି ହୋଇଛି। କଟକ ମହିଳା ଥାନା ଅଧିକାରୀ ବିୟୁଟି ମହାନ୍ତିଙ୍କୁ ନନ୍ଦନକାନନ ଥାନା ଓ ନନ୍ଦନକାନନ ଥାନା ଅଧିକାରୀ ଦୟାନିଧି ନାୟକଙ୍କୁ ମଞ୍ଚେଶ୍ୱର ଥାନାକୁ ବଦଳି ହୋଇଛି। ୪୨ ମୌଜା ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କୁ ଭୁବନେଶ୍ୱର ସାଇବର ଥାନା ଓ ଲାଲବାଗ ଥାନାରେ କାର୍ଯ୍ୟରତ ହେମନ୍ତ କୁମାର ସେଠୀଙ୍କୁ ୪୨ ମୌଜା ଥାନା ଅଧିକାରୀ ଭାବରେ ଅବସ୍ଥାପିତ କରାଯାଇଛି। ସେହିପରି କଟକ ଡିସିଆରବିର ତେରେସ୍କୋଭା ମହାପାତ୍ରଙ୍କୁ କଟକ ମହିଳା ଥାନା ଓ ଭୁବନେଶ୍ୱର ପୁଲିସ ମୁଖ୍ୟାଳୟର ଦୀପିକା ଦେବୀ ରାୟଙ୍କୁ ଏୟାରଫିଲ୍ଡ ଥାନା ଅଧିକାରିଣୀ ଭାବେ ଦାୟିତ୍ୱ ମିଳିଛି। ସେହିଭଳି ଇନ୍ସପେକ୍ଟର ମିନତୀ କୁମାରୀ ନାୟକ, ରାମହରି ସେଠୀ, ଅସିତ୍ ରଞ୍ଜନ ଜେନା, ଲିତାରାଣୀ ପରିଡ଼ା, କୃଷ୍ଣାମୟୀ ବରାଳ, ବବିତା ସାହୁ ଓ ମଧୁସ୍ମିତା ପାଗଡ଼ଙ୍କୁ ଦାୟିତ୍ୱ ଅବ୍ୟାହତ କରାଯାଇଛି। ଏନେଇ ଆଜି ପୁଲିସ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ବେକରେ କଟୁରି ଲଗାଇ ମାଛ ବେପାରୀଙ୍କୁ ଲୁଟ୍



ଭୁବନେଶ୍ୱର, ୧୨।୧୨ (ସମିସ): ବେକରେ କଟୁରି ଲଗାଇ ମାଛ ବେପାରୀଙ୍କୁ ଲୁଟିଛନ୍ତି। ଭୟଭୀତ କରି ମାଛ, ଟଙ୍କା ଓ ଫୋନ୍ ଲୁଟି ନେଇଛନ୍ତି। ମାଉସୀମା ଛକରେ ଏଭଳି ଘଟଣା ଘଟିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପୁରୁଣା ଭୁବନେଶ୍ୱର ବଶିଷ୍ଠ ନଗରର ଶୁଭମ୍ ଦାସ (୧୮) ଓ ପିପିଲି ସିଙ୍ଘ ସାହିର ସନ୍ତୋଷ ନାଥ (୧୮)।

ପୁଲିସ ସୂଚନା ଅନୁସାରେ, କପିଳେଶ୍ୱର ଅଞ୍ଚଳରେ ରହୁଥିବା ବ୍ୟବସାୟୀ ଗଙ୍ଗାରାମ ବେହେରା ଶୁକ୍ରବାର ଭୋରରୁ ୟୁନିଟ୍-୪ ବଜାରରୁ ମାଛ କିଣି ସାଇକେଲ ଯୋଗେ ଫେରୁଥିଲେ। ମାଉସି ମା ଛକ ନିକଟରେ ଶୁଭମ, ସନ୍ତୋଷ ଓ ନାବାଳକ ସହଯୋଗୀ ବାଇକରେ ଆସି ତାଙ୍କୁ ଠେଲି ଦେବାରୁ ସେ ତଳେ ପଡ଼ିଯାଇଥିଲେ। ଅଭିଯୁକ୍ତମାନେ ଗଙ୍ଗାରାମଙ୍କ ବେକରେ କଟୁରି ଲଗାଇ ପାଖରେ ରଖିଥିବା ଟଙ୍କା ଦେଇଦେବା ଲାଗି ଧମକ ଦେଇଥିଲେ। ଟଙ୍କା ନଦେଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତମାନେ ତାଙ୍କୁ ଭୟଭୀତ କରି ୯୫୦୦ ଟଙ୍କା, ୧୫ କିଲୋ ଓଜନର ମାଛ ଥିବା ବ୍ୟାଗ ଓ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଗଙ୍ଗାରାମ ଘରକୁ ଫେରି ପରିବାର ଲୋକଙ୍କୁ ଜଣାଇବା ସହ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେଇଥିଲେ।

ପୁଲିସ ସିସିଟିଭି ଫୁଟେଜରୁ ଗାଡ଼ି ନମ୍ବର ଚିହ୍ନଟ କରିବା ସହ ବଡ଼ଗଡ଼ ଥାନା ବ୍ରହ୍ମେଶ୍ୱର ପାର୍କ ନିକଟରେ ଚଢ଼ଉ କରି ଶୁଭମ୍ ଓ ସନ୍ତୋଷଙ୍କୁ ଗିରଫ କରିଥିଲା। ଛାନଭିନ ସମୟରେ ସେମାନଙ୍କ ହେପାଜତରୁ ଗୋଟିଏ କଟୁରି, ଗୋଟିଏ ମୋବାଇଲ ଫୋନ, ୧୫ କେଜି ଓଜନର ମାଛ, ଗୋଟିଏ ବାଇକ୍ ଓ ୧୧୮୦ ଟଙ୍କା ଜବତ କରିଥିଲା। ପୂର୍ବରୁ ଶୁଭମ ନାମରେ ଶ୍ରୀ ଲିଙ୍ଗରାଜ ଥାନାରେ ୩ ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଦୁର୍ଘଟଣାରେ ଜଣେ ଗୁରୁତର

ଯାଁଳା, ୧୨ ।୧୨(ସମିସ): ପୂର୍ବାହ୍ନ ୧୧ଟା ବେଳେ ଇନଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଭୁଆସୁଣୀ ମନ୍ଦିର ସମ୍ମୁଖରେ ଏକ ଦୁର୍ଘଟଣା ଘଟିଛି ।ରାସ୍ତା ପାରି ହେଉଥିବା ବେଳେ ଏକ କାର ଧକ୍କା ଦେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି ।ଆହତ ବ୍ୟକ୍ତି ଜଣଙ୍କ ପରିଚୟ ଜଣାପଡ଼ି ନାହିଁ। ମିଳିଥିବା ସୂଚନା ଅନୁସାରେ ଆଜି ଏକ କାର ଖୋର୍ଦ୍ଧା ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା ।ସେହି ସମୟରେ ଭୁଆସୁଣୀ ମନ୍ଦିର ସମ୍ମୁଖରେ ଜଣେ ବ୍ୟକ୍ତି ହଠାତ୍ ରାସ୍ତା ପାରି ହେବାପାଇଁ ପଶି ଆସିଥିଲା ।ଫଳରେ କାରଟି ବ୍ୟକ୍ତି ଜଣଙ୍କୁ ଧକ୍କା ଦେଇଥିଲା। ବ୍ୟକ୍ତି ଜଣକ କିଛି ବାଟ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ଗୁରୁତର ଆହତ ବ୍ୟକ୍ତି ଜଣଙ୍କୁ ଉଦ୍ଧାର କରି ଇନଫୋଭ୍ୟାଲି ଥାନା ସହାୟତାରେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। କିନ୍ତୁ ଗୁରୁତର ଆହତ ବ୍ୟକ୍ତି ଜଣକଙ୍କ ପରିଚୟ ଜଣାପଡ଼ି ନାହିଁ।

## ଜୟଦେବ ବିହାର 'ଏସ୍‌ଆଇପି ଆବାକସ୍'ର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୨।୧୨(ସମିସ): ଜୟଦେବ ବିହାର ସ୍ଥିତ 'ଏସଆଇପି ଆବାକସ୍'ର ପଞ୍ଚମ ବାର୍ଷିକ ଉତ୍ସବ ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଏସଆଇପି ଓଡ଼ିଶା ରାଜ୍ୟ ମୁଖ୍ୟ ସୁନିଲ କୁମାର ନାୟକ, କେଭି-୨ ପ୍ରିନ୍ସିପାଲ ଡିପି ଶର୍ମା, ଜିଆଇଇଟି ଡିନ୍ ଡ.ଦିଲ୍ଲୀପ କୁମାର ଦାଶ ଯୋଗଦେଇଥିବା ବେଳେ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶିକା ସୁଜାତା ଧଳଙ୍କ ସହିତ ଦିଲ୍ଲୀପ କୁମାର ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛତିଶଗଡ଼ର ଇଶା ଶତପଥୀ ଚୌବେ, ନୃତ୍ୟଗୁରୁ ପାର୍ଥ ଦାସ ଏବଂ ତାଙ୍କ ଦଳ ଦ୍ୱାରା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାପରେ ଶାଖାସ୍ତରୀୟ ପ୍ରତିଯୋଗିତାରେ ବିଜେତାଙ୍କ ସହ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗ୍ରାଜୁଏସନ ଉତ୍ସବ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ।

## ଏଥର ଏକାମ୍ର ୱାକ୍ସରେ ସାହିତ୍ୟ ଟ୍ରେଲ୍ ଓ ଓଡ଼ିଆ ଫିଲ୍ମ ପାନୋରାମା

ଭୁବନେଶ୍ୱର, ୧୨।୧୨(ସମିସ): ଆସନ୍ତା ରବିବାର ଏକାମ୍ର ୱାକ୍ସରେ ସାହିତ୍ୟ ଟ୍ରେଲ୍ ଏବଂ ଫିଲ୍ମ ସ୍କ୍ରିନିଂ ଅନୁଷ୍ଠିତ ହେବ। ସକାଳ ୧୧ଟା ୩୦ରେ ଓଡ଼ିଆ ଭାଷାର ଗୌରବ ଗାଥା ସାହିତ୍ୟ ସହିତ ଆରମ୍ଭ ହେବାକୁ ଥିବା ବେଳେ ସନ୍ଧ୍ୟାରେ କଳାଭୂମିରେ ଓଡ଼ିଆ ଫିଲ୍ମ ପାନୋରାମା କାର୍ଯ୍ୟକ୍ରମ ଆୟୋଜିତ ହେବ। ତେବେ 'ଓଡିଆ ଭାଷାର ଗୌରବ ଗାଥା'ରେ ଓଡ଼ିଆ ସାହିତ୍ୟ ଯାତ୍ରାରେ ଗପ ଅଧିବେଶନ କରାଯିବ। ଓଡ଼ିଆ ଗଳ୍ପ 'ସ୍ୱପ୍ନଭଙ୍ଗ' ଉପରେ ଆଧାରିତ ଏହି ଗଳ୍ପ କାର୍ଯ୍ୟକ୍ରମରେ ସମସ୍ତେ ଏକାଠି ବସି ଗପ ଶୁଣିବା ସହ ପ୍ରଶ୍ନ ପଚାରିବା ଏବଂ ନିଜର ମତାମତ ମଧ୍ୟ ଦେଇପାରିବେ। ଏଥିରେ କନ୍ଧ ସମ୍ପ୍ରଦାୟର ପାରମ୍ପରିକ ଢାପ୍ ନୃତ୍ୟ ପରିବେଷିତ ହେବ। ସେହିପରି ସନ୍ଧ୍ୟା ସାଢ଼େ ୫ଟାରେ କଳାଭୂମିରେ ହେବାକୁ ଥିବା ସନ୍ଧ୍ୟା ଅଧିବେଶନର ଓଡ଼ିଆ ଚଳଚ୍ଚିତ୍ର ପରିକ୍ରମାରେ ଓଡ଼ିଆ ଫିଲ୍ମ 'ଅହଲ୍ୟା' ପ୍ରଦର୍ଶିତ ହେବ। ଏହି ଫିଲ୍ମଟି ପୌରାଣିକ ଚରିତ୍ର ଅହଲ୍ୟାଙ୍କ ନୂଆ ଭାବେରେ ଚିତ୍ରଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଫିଲ୍ମର ଡାଇରେକ୍ଟର ବିଜୟ କେତନ ମିଶ୍ର ଉପସ୍ଥିତ ରହି ଦର୍ଶକଙ୍କ ସହ ଆଲୋଚନା କରିବେ। ଏଥିପାଇଁ ଆଗ୍ରହୀମାନେ ଏକାମ୍ରୱାକ୍ସ ଡଟ୍ କମ୍‌ରେ ସିଟ୍ ବୁକ୍ କରିବାକୁ ଏକାମ୍ର ୱାକ୍ସର ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ହୋ ଭାଷାକୁ ସମ୍ବିଧାନର ୮ ସୂଚୀରେ ସାମିଲ କରାଯାଉ

ଭୁବନେଶ୍ୱର, ୧୨ ।୧୨(ସମିସ): ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହୋ ଭାଷାକୁ ସମ୍ବିଧାନର ୮ ସୂଚୀରେ ସାମିଲ କରିବା, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ସହିତ ଅନ୍ୟାନ୍ୟ ଦାବି ନେଇ ଶୁକ୍ରବାର ଲୋୟର ପିଏମରେ ହୋ ଜନଜାତି ଦ୍ୱାରା ଏକ ଦିନିକିଆ ଶାନ୍ତିପୂର୍ଣ୍ଣ ଗଣ-ଧାରଣା ଅନୁଷ୍ଠିତ ହୋଇଯାଇଛି। କମିଟି ।ପକ୍ଷରୁ ହୋ ଭାଷାକୁ ଭାରତୀୟ ସମ୍ବିଧାନର ୮ମ ସୂଚୀରେ ସମ୍ମିଳିତ କରିବା, ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜ୍ୟଭାଷା ଭାବେ ସ୍ୱୀକୃତି ଦେବା, ଓଡ଼ିଶାର ୮୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡ଼ିକରେ ହୋ ଭାଷା ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରି ହୋ ଭାଷାରେ ଶିକ୍ଷା ପ୍ରଚଳନ, ହୋ ଆଦିବାସୀ ବହୁଳ ଅଙ୍ଗନବାଡି କେନ୍ଦ୍ରରେ ନିଜ ମାତୃଭାଷା ହୋ ଶିକ୍ଷା ପ୍ରଚଳନ କରିବା ସହ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହୋ ସମୁଦାୟର ଲୋକ, ଛାତ୍ରଛାତ୍ରୀ, ମହିଳା ଦଳ, ବୃଦ୍ଧ ସଦସ୍ୟ, ଭାଷା ଅଭିଯାନୀ ଏବଂ ବିଭିନ୍ନ ହୋ ସଂଗଠନର ପ୍ରାୟ ରୁ ଅଧିକ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଉ ବୋଲି ଦାବୀ କରାଯାଇଛି। ଭାରତ ବର୍ଷରେ ବସବାସ କରୁଥିବା ୫୦ ଲକ୍ଷରୁ ଅଧିକ ହୋ ଭାଷାଭାଷୀ ଜନଜାତିର ଦୀର୍ଘ ୩୦ ଦଶନ୍ଧି ର ନ୍ୟାଯ୍ୟ ଭାଷା ସମ୍ବନ୍ଧୀୟ ଦାବିଗୁଡ଼ିକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଗ୍ରହଣଯୋଗ୍ୟତା ପାଇଁ ଏହି ଗଣ-ଧାରଣା ଆୟୋଜିତ ହୋଇଥିଲା।

## ପିକଅପ୍ ଭ୍ୟାନ୍ ଧକ୍କାରେ ସ୍କୁଟି ଆରୋହୀ ମୃତ; ଚାଳକ ଗିରଫ



ହଂସପାଳ, ୧୨।୧୨(ସମିସ): ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଇବା ଅଭିଯୋଗରେ ପାହାଳ ଥାନା ପୋଲିସ ସୁବ୍ରତ ନାୟକଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଅଭିଯୁକ୍ତ ଗାଡି ଚାଳକ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ରାମ୍ପିଲାର ଚିକୁ ଦାସ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନା ଅନୁସାରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସୁଶାନ୍ତ କୁମାର ନାୟକ ହେଉଛନ୍ତି ଅଭିଯୋଗକାରୀ ସୁବ୍ରତଙ୍କ ବାପା। ଗତ ନଭେମ୍ବର ୨୦ ତାରିଖରେ ସକାଳ ପ୍ରାୟ ୬.୦୦ଟା ସମୟରେ ସେ ନିଜ ଡ୍ୟୁଟି ସମ୍ପାଦନ କରି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଠିକ୍ ଉତ୍କଳ ହାଇଟ୍ସ ଫ୍ଲାଏଓଭର ନିକଟରେ ଗାଡ଼ି ଚାଳକ ଚିକୁ ଏକ ବୋଲେରୋ ପିକଅପ୍ ଭ୍ୟାନ୍ ଅତି ଦ୍ରୁତଗତିରେ ତଥା ବେପରୁଆ ଭାବେ ଗାଡ଼ି ଆଣି ତାଙ୍କ ସ୍କୁଟିକୁ ପଛ ପାଖରୁ ଜୋର୍ ସେ ଧକ୍କା ଦେଇଥିଲେ। ଫଳରେ ସେ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ ସେଠାରୁ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୧ତାରିଖ ସକାଳ ୧୧.୪୦ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ କେନ୍ଦ୍ରକରି କଟକ ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ସୁବ୍ରତ ଏନେଇ ପାହାଳ ଥାନାରେ ଅଭିଯୋଗ କରିଥିଲେ। ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା ଘଟଣାର ତଦନ୍ତ କରି ପିକଅପ୍ ଚାଳକ ଚିକୁଙ୍କୁ ଗିରଫ କରିଥିଲେ। ତଦନ୍ତ ସମୟରେ ସେ ନିଜର ଅପରାଧ ସ୍ୱୀକାର କରିଥିଲେ।

## ଚେକ୍ ବାଉନ୍ସ ମାମଲାରେ ୬ ମାସ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୧୨।୧୨(ସମିସ): ଭରତପୁର ଥାନାର ଏକ ଚେକ୍‌ବାଉନ୍ସ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୫ର ବିଚାରପତି ଇତିଶ୍ରୀ ମହାପାତ୍ର ମାମଲାର ବିଚାର କରି ପ୍ରଦୀପ୍ତ କୁମାର ନାୟକଙ୍କୁ ୬ ମାସ ଜେଲ୍ ଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି।

ପୁଲିସ ସୂଚନାନୁସାରେ, ଖଣ୍ଡଗିରି ବାରିରେ ରହୁଥିବା ପର୍ଶୁରାମ ସାସମଲ ଓ ପ୍ରଦୀପ୍ତ ମଧ୍ୟରେ ପୂର୍ବରୁ ଚିହ୍ନାପରିଚୟ ଥିଲା। ପ୍ରଦୀପ୍ତ ନିଜର ଅଫିସର ଜରୁରୀ କାମ ଲାଗି ୨୦୨୩ ମସିହା ଅଗଷ୍ଟ ମାସରେ ପର୍ଶୁରାମଙ୍କ ଠାରୁ ଏକଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲା। ଉଭୟଙ୍କ ମଧ୍ୟରେ ଏକ ଚୁକ୍ତି ହେବା ସହ ସେହିବର୍ଷ ଡିସେମ୍ବର ୩୧ ସୁଦ୍ଧା ଟଙ୍କା ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲା। ଏଥିସହିତ ପର୍ଶୁରାମଙ୍କୁ ଏକ ବ୍ୟାଙ୍କ ଚେକ୍ ଦେଇଥିଲା। ପର୍ଶୁରାମ ନିର୍ଦ୍ଧାରିତ ତାରିଖ ଦିନ ଚେକକୁ ବ୍ୟାଙ୍କରେ ଜମା କରିଥିଲେ ମଧ୍ୟ ପର୍ଯ୍ୟାପ୍ତ ପରିମାଣର ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରଦୀପ୍ତଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଏହାରି ଭିତରେ ବର୍ଷେ ବିତିଯାଇଥିଲେ ମଧ୍ୟ ଟଙ୍କା ନ ପାଇବାରୁ ପର୍ଶୁରାମ ଭରତପୁର ଥାନାରେ ଅଭିଯୋଗ କରିଥିଲେ।

ଭରତପୁର ଥାନା ପୁଲିସ କେସ୍ ନଂ - ୯୧/୨୫ ରେ ଦଫା - ୩୧୮ (୪) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ସବ୍ ଇନ୍ସପେକ୍ଟର ଚନ୍ଦ୍ର ମୁଣ୍ଡା ଆସାମୀ ପ୍ରଦୀପ୍ତଙ୍କୁ ଗିରଫ କରିଥିଲେ। ଘଟଣା ସହ ସମ୍ପୃକ୍ତ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଦାଲତ ଉପରୋକ୍ତ ମାମଲାର ବିଚାରକରି ଦଫା ୩୧୮ (୪) ବିଏନ୍‌ଏସ୍ ଆଧାରରେ ୬ ମାସର ସଶ୍ରମ କାରାଦଣ୍ଡ ସହ ୩୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୬ ମାସର କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରିଥିଲେ।



ଭୁବନେଶ୍ୱର: ଓଡ଼ିଶାର ଯୁବ ଟେକ୍ ଉଦ୍ୟୋଗପତି ନିହାର ରଞ୍ଜନ ରାଉତ, ଟେକ୍ କମ୍ପାନୀ କ୍ରିଉଟୋର ସ୍ଥାପକ ଓ ସିଇଓଙ୍କୁ ଏକ୍ସଲେନ୍ସି ଇନ୍ ଇମରଜିଂ ଏଆଇ ଓ ଟେକ୍ନୋଲୋଜି ଇନୋଭେସନ ସମ୍ମାନରେ ସମ୍ମାନିତ କରାଯାଇଛି।

## ଭତ୍ତାବୃଦ୍ଧି ଦାବିରେ ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ

ଭୁବନେଶ୍ୱର,୧୨।୧୨(ସମିସ): ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ତରଫରୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଅଙ୍ଗନବାଡି କର୍ମୀ ଭତ୍ତା ବୃଦ୍ଧି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ୍ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପିଏମ୍‌ଜି ଛକଠାରେ ବିକ୍ଷୋଭ ସଂଗଠିତ ହୋଇ ଦାବି ପୂରଣ ପାଇଁ ଅଡ଼ି ବସିଥିଲେ। ତେବେ ଶାସକ ଦଳ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲେ ହେଁ ଦାବି ପୂରଣ ନ ହେଲେ ଆଗାମୀ ବଜେଟ ଅଧିବେଶନ ସମୟରେ ଅନିର୍ଦ୍ଦିଷ୍ଟକାଳ ଅହୋରାତ୍ର ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

**ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

**ଦାବି ପୂରଣ ନ ହେଲେ ଅହୋରାତ୍ର ଧାରଣା ଚେତାବନୀ**



ସୂଚନା ଅନୁସାରେ, ଗତ ନିର୍ବାଚନ ସମୟରେ ଅଙ୍ଗନବାଡି କର୍ମୀଙ୍କ ଭତ୍ତା ବୃଦ୍ଧି ଘୋଷଣା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ସରକାର କାର୍ଯ୍ୟକାରୀ ନ କରିବାକୁ ନେଇ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ ତୁରନ୍ତ ଭତ୍ତା ବୃଦ୍ଧି ଘୋଷଣା, ଫେସ୍ କ୍ୟାପଚର୍ ଓ ଇ-କେୱାଇସି ଅପ୍‌ଡେଟ୍ କରିବା ନିଷ୍ପତ୍ତି ପ୍ରତ୍ୟାହାର, ୨୦୨୦ ମସିହାରେ ଦିଆଯାଇଥିବା ମୋବାଇଲ୍‌ରେ ସମସ୍ତ ତଥ୍ୟ ଅପ୍‌ଲୋଡ୍ କରିବା ପାଇଁ ଅନ୍‌ଲିମିଟେଡ୍ ଡାଟା ପ୍ୟାକ୍ ସହ ବଜାର ଦର ଅନୁସାରେ ରିଚାର୍ଜ ଦେୟ ପ୍ରଦାନ, ଜାତୀୟ ଶ୍ରମ ସମ୍ମିଳନୀର ନିଷ୍ପତ୍ତି ଅନୁସାରେ ୱାର୍କର ମାନ୍ୟତା, ସାମାଜିକ ସୁରକ୍ଷା, ଅବସରକାଳୀନ ଦେୟ ୫ଲକ୍ଷ ଟଙ୍କାକୁ ବୃଦ୍ଧି, ବଜାର ଦର ଅନୁସାରେ ଏସ୍‌ଏନ୍‌ପି ଦର ସଂଶୋଧନ, ସଂସଦୀୟ କମିଟି ସୁପାରିସ ଅନୁସାରେ ଏଏନ୍‌ଏମ୍ ଓ ପ୍ରାଥମିକ ଶିକ୍ଷକ ପଦବୀ ପାଇଁ କୋଟା ଧାର୍ଯ୍ୟ, ଅଘୋଷିତ ଭାବରେ ବନ୍ଦ ହୋଇଥିବା ୫ବର୍ଷ ଓ ୧୦ ବର୍ଷର ଇନ୍‌କ୍ରିମେଣ୍ଟ ଓ ବିଭିନ୍ନ ବୈଠକ ପାଇଁ ଟିଏ/ଡିଏ ପ୍ରଦାନ ଆଦି ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।

ସଂଘ ଆନ୍ଦୋଳନର ଅବ୍ୟବହିତ ପୂର୍ବରୁ ମହିଳା ଓ ଶିଶୁବିକାଶ ବିଭାଗ ସଚିବଙ୍କ ସହ ଏକ ପ୍ରତିନିଧିମଣ୍ଡଳୀ ଗତକାଲି ଆଲୋଚନା କରିଥିଲେ। ଆଜି ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯିବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ସଂଘର ସଭାପତି ତଥା ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇ ସମ୍ପାଦକ ଡ. ପ୍ରସନ୍ନ ମିଶ୍ର, ସୁର ଜେନା, ଜୟନ୍ତ ଦାସ, ମମତାଜ ଖୁଣ୍ଟିଆ, ବିଷ୍ଣୁପ୍ରିୟା ଜେନା, ମଳୟ ମଞ୍ଜରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ବଢୁଛି ଶୀତ, ଜମୁଛି ବେପାର



ଭୁବନେଶ୍ୱର, ୧୨।୧୨(ସମିସ): ଉପକୂଳରୁ ଉପାନ୍ତ ସବୁଠି ଖସିଛି ପାରଦ। ଶୀତର ପ୍ରକୋପ ଯୋଗୁଁ ଲୋକ ଶୀତବସ୍ତ୍ର ବିନା ଘରୁ ଗୋଡ କାଢି ପାରୁନାହାନ୍ତି। ଏହାରି ଭିତରେ ରାଜଧାନୀର ବିଭିନ୍ନ ସ୍ଥାନରେ ଖୋଲିଥିବା ଶୀତବସ୍ତ୍ର ବଜାରରେ ଏବେ ଲୋକଙ୍କ ଭିଡ ବଢୁଥିବା ଦେଖିବାକୁ ମିଳୁଛି। ମାର୍କେଟଠୁ ବଡ ବଡ ମଲ ସବୁଠି ମେଳିଛି ଶୀତବସ୍ତ୍ରର ଆସର। ବିଭିନ୍ନ ପ୍ରକାରର ଟ୍ରେଣ୍ଡ ସ୍ୱେଟର, ଜ୍ୟାକେଟ ସାଙ୍ଗକୁ କମ୍ବଳର ଭେରାଇଟି ବଜାରରେ ଖୋଜା ପଡୁଛି।

ଶୀତକୁ ନଜରରେ ରଖି ରାଜଧାନୀର ବିଭିନ୍ନ ମାର୍କେଟ, ଛକ, ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବାହାର ରାଜ୍ୟରୁ ବ୍ୟବସାୟୀମାନେ ଆସର ଜମେଇଛନ୍ତି। ସେନେଇ ରାଜସ୍ଥାନୀ, ବଙ୍ଗାଳି ବେପାରୀମାନେ ବିଶେଷକରି ଖଣ୍ଡଗିରି ଛକ, ସହିଦନଗର, ଏକ ନଂ ହାଟରେ ଷ୍ଟଲ ଖୋଲିଛନ୍ତି। ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସ୍ୱେଟର, ଜାକେଟ୍, ସାଲ କମ୍ବଳ, ଟୋପି, ମଫଲର୍ ଆଦି ସାଙ୍ଗରେ ନେଇ ଆସିଛନ୍ତି। ଯେଉଁଥିରେ କଶ୍ମିରୀ ସାଲ, ରାଜସ୍ଥାନୀ ସ୍ୱେଟର, ସେରିନୋ ଉଲ ଯାକେଟ୍, ସ୍ରଗ୍ ଆଦି ଭେରାଇଟି ରହିଛି। ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ପର୍ଯ୍ୟନ୍ତ ରହିଛି। ତେବେ ଏଥର ଶୀତ ଅଧିକ ପଡୁଥିବାରୁ ଶୀତବସ୍ତ୍ର ବ୍ୟବସାୟୀଙ୍କ ଭଲ ବେପାର ହେଉଛି ବୋଲି ବ୍ୟବସାୟୀ ମତ ଦେଉଛନ୍ତି। କେବଳ ସେତିକି ନୁହଁ ବରଂ ସାଙ୍ଗରେ ଆସିଥିବା ସବୁ ଷ୍ଟକ ଗଲାବେଳକୁ ସରିଥିବ ବୋଲି ଆଶା ରଖିଛନ୍ତି।

## ରାସ୍ତାକଡ଼ରେ ଶସ୍ତା ଜ୍ୟାକେଟ୍

ଦୋକାନ ବଜାର ବ୍ୟତୀତ ବିଭିନ୍ନ ଛକରେ କିଛି ବ୍ୟବସାୟୀ ଖୋଲାରେ ଶୀତବସ୍ତ୍ର ଏବଂ କମ୍ବଳ ବିକ୍ରି କରୁଥିବା ମଧ୍ୟ ନଜରରେ ଆସୁଛି। ରସୁଲଗଡ଼, ଆଚାର୍ଯ୍ୟବିହାର, ରାମମନ୍ଦିରଛକ, ସିଆରପି, ଖଣ୍ଡଗିରି, ଆଇଗିଣିଆ ଆଦି ସ୍ଥାନରେ ଏହି ବ୍ୟବସାୟୀ ଆସର ମେଲାଇଛନ୍ତି। ଯେଉଁଠି ଜ୍ୟାକେଟର ମୂଲ୍ୟ ୩ ଶହରୁ ୪ ଶହ ଟଙ୍କାରେ ମିଳିଯାଉଥିବା ବେଳେ ପତଳା କମ୍ବଳ ୧୦୦ ଟଙ୍କାରେ ମିଳୁଛି। ବିଶେଷକରି ଏହା ସାଧାରଣ ଲୋକ କମ ମୂଲ୍ୟରେ କିଣିବାକୁ ପସନ୍ଦ କରୁଛନ୍ତି।

## ମଲ୍‌ରେ ଦାମୀ କମ୍ବଳ

ଶୀତବସ୍ତ୍ର ମେଳା ଏବଂ ଛକରେ ମିଳୁଥିବା ଜ୍ୟାକେଟ ଓ କମ୍ବଳ ତୁଳନାରେ ମଲରେ ମିଳୁଥିବା ଏହି ଶୀତବସ୍ତ୍ରଗୁଡିକର ମୂଲ୍ୟ ସାଧାରଣଠୁ ଅଧିକ ରହିଥାଏ। ବର୍ତ୍ତମାନ ଶୀତରର ଲହରୀ ସାଙ୍ଗକୁ ବଡ ବଡ ମଲରେ ମଧ୍ୟ କଷ୍ଟଲି କମ୍ବଳ ଓ ଜ୍ୟାକେଟ କିଣିବାକୁ ଆସୁଛନ୍ତି ଲୋକ। ଯେଉଁଠି ୨ ହଜାରରୁ ଆରମ୍ଭକରି ୯ରୁ ୧୦ ହଜାର ପର୍ଯ୍ୟନ୍ତ ବ୍ରାଣ୍ଡେଡ କମ୍ପାନୀର କମ୍ବଳ ବିକ୍ରି ହେଉଛି। ରେମଣ୍ଡ, ୱେକଫିଟ, ଲା ଭର୍ନି ଏବଂ ଭାସ କଲେକ୍ସନ ଇତ୍ୟାଦି ରହିଛି। ସେହିଭଳି ଲେଦର ଜ୍ୟାକେଟ ଏବଂ ସ୍ୱେଟରର ମୂଲ୍ୟ ମଧ୍ୟ ଏଠାରେ ଅଧିକ ରହିଛି।

## ଯୁବପିଢି ଖୋଜୁଛନ୍ତି ୱିଣ୍ଟର ଇଅରମଫ୍

ଶୀତ ବସ୍ତ୍ରକୁ ଏବେ ଟ୍ରେଣ୍ଡି କରିବା ପାଇଁ ବଜାରରେ ମିଳୁଛି ଭିନ୍ନ ଭିନ୍ନ ଡିଜାଇନର ସ୍ୱେଟର ଓ ମଫଲର। ସେଥିମଧ୍ୟରୁ ଅନ୍ୟତମ ହେଉଛି ୱିଣ୍ଟର ଇଅରମଫ୍। ଏହା ଦେଖିବାକୁ ଯେତିକି ଆକର୍ଷଣୀୟ, ପିନ୍ଧିବାକୁ ମଧ୍ୟ ସେତିକି ଆରାମଦାୟ। ଦେଖିବାକୁ ଏହା ହେଡ ଫୋନ ପରି ହୋଇଥିବାବେଳେ କାନରେ ଥଣ୍ଡା ପବନ ଦାଉରୁ ରକ୍ଷା କରିବାକୁ ପିନ୍ଧାଯାଏ। ହେଲେ ଏଥିରେ ଭିନ୍ନତା ହେଉଛି ଠେକୁଆ କାନ ପରି ଦିଶୁଥିବା ଇଅରମଫ ପାଖରେ ଏକ ଫିତା ସଦୃଶ ଓହଳି ଥାଏ, ଯାହାକୁ ହେତରେ ଚିପିଲେ କାନ ଦୁଇଟି ଠିଆ ହୋଇଯାଇଥାଏ। ଏହା ମାର୍କେଟରୁ ମଲ ସବୁଠି ବିକ୍ରି ହେଉଛି। ଯାହାର ମୂଲ୍ୟ ୧୫୦ରୁ ୫ ଶହ ପର୍ଯ୍ୟନ୍ତ ରହିଛି। ଯୁବପିଢିଙ୍କ ମଧ୍ୟରେ ଏହାର କ୍ରେଜ ଅଧିକ ରହିଛି।

## ବିଜେଡି ପକ୍ଷରୁ ବିଭୂତି କାନୁନଗୋଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୨।୧୨(ସମିସ): ମହାନ୍ ଶିଳ୍ପୀ ବିଭୂତି କାନୁନଗୋ ଥିଲେ ଚାରୁ ଓ କାରୁକଳାର ଆମ ରାଜ୍ୟ ପାଇଁ ଆଦ୍ୟ ସ୍ଥପତି। ତାଙ୍କର ଅଦ୍ୟମ ଓ ଆନ୍ତରିକ ପ୍ରଚେଷ୍ଟା ଫଳରେ ଓଡ଼ିଶାରେ ଚାରୁ ଓ କାରୁ କଳାର ଏକ ଅଭୁତପୂର୍ବ ଭିତ୍ତିଭୂମି ସୃଷ୍ଟି ହୋଇପାରିଥିଲା ବୋଲି ଶୁକ୍ରବାର ଜୟନ୍ତୀ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ବିଭୂତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟଠାରେ ଅବସ୍ଥିତ ଶିଳ୍ପୀଙ୍କର ପୂର୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଳନ୍ଦୀ ପଟ୍ଟନାୟକ, ଯୋଗେନ୍ଦ୍ର ଡାକୁଆ, ହରିଶ ନନ୍ଦ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ପ୍ରଦୀପ କୁମାର ପାତ୍ର ଏବଂ ଅମିତ୍ ପାତାଳ ସିଂ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ବରପୁତ୍ରଙ୍କ ସ୍ମୃତିଚାରଣ ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୁସ୍ତକ ମହୋତ୍ସବ ବୁଲିଲେ ମନ୍ତ୍ରୀ



ଭୁବନେଶ୍ୱର, ୧୨।୧୨(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୭ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ପ୍ରତି ସନ୍ଧ୍ୟାରେ ଗହଳି ଦେଖିବାକୁ ମିଳୁଛି। ସପ୍ତମ ଦିନରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁସ୍ତକ ମହୋତ୍ସବ ପରିଦର୍ଶନରେ ଯାଇ ୧୦୦ରୁ ଅଧିକ ବହି କିଣିବା ସହ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଷ୍ଟଲ ବୁଲି ଦେଖିଛନ୍ତି। ବିଭିନ୍ନ ଷ୍ଟଲମାନଙ୍କରେ ପ୍ରକାଶକ ଓ ପାଠକ ବନ୍ଧୁମାନଙ୍କ ସହ ବାର୍ତ୍ତାଳାପ କରିବା ସହ ପୁସ୍ତକ ମହୋତ୍ସବରେ ପାଠକମାନଙ୍କ ଅନୁଭୂତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୂରଜ ପଚାରି ବୁଝିଥିଲେ। ସେହିପରି କୋରାପୁଟ କଫି ଷ୍ଟଲରେ କଫି ପିଇବା ସହ ପାଠକମାନଙ୍କ ସହ ବିଭିନ୍ନ ପୁସ୍ତକ ସମ୍ବନ୍ଧରେ ଆଲୋଚନା କରିଥିଲେ। ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ତରଫରୁ ପଡ଼ିଥିବା ଲାଇଭ ସ୍କେଚିଙ୍ଗ ଷ୍ଟଲକୁ ପରିଦର୍ଶନରେ ଯାଇ ମନ୍ତ୍ରୀ ଶ୍ରୀ ସୂରଜ ଛାତ୍ରଛାତ୍ରୀମାନଙ୍କର ଦ୍ୱାରା ପ୍ରସ୍ତୁତ ହୋଇଥିବା ଚିତ୍ରକଳାଗୁଡ଼ିକୁ ବୁଲି ଦେଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଚିତ୍ରକଳା ବିଭାଗର ଛାତ୍ର ମନ୍ତ୍ରୀଙ୍କ ଲାଇଭ ସ୍କେଚିଙ୍ଗ ଚିତ୍ର ଆଙ୍କି ତାଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

## ବିଜେବି କଲେଜ ପିଅନଙ୍କୁ ହତ୍ୟା

ଭୁବନେଶ୍ୱର, ୧୨।୧୨(ସମିସ): ବିଜେବି କଲେଜ ପିଅନଙ୍କୁ ହତ୍ୟା। ହତ୍ୟା କରାଯାଇଥିବା ବ୍ୟକ୍ତି ଜଣଙ୍କ ହେଲେ ଅଶୋକ କୁମାର ସେଠୀ। ତାଙ୍କ ବୟସ ୫୧। ସେ ୟୁନିଟ୍- ୯ ସ୍ଥିତ କ୍ୱାର୍ଟର ନମ୍ବର ୧ଆର୍/୨ରେ ରହୁଥିଲେ। ତାଙ୍କ ପୈତୃକ ଘର ନନ୍ଦନକାନନ ଥାନା କେନ୍ଦୁପାଟଣା ଗ୍ରାମରେ। ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ସେ ଘରୁ ବାହାରକୁ ଆସିଥିଲେ। ହେଲେ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କଲେ ମଧ୍ୟ ପାଇ ନଥିଲେ। ତେବେ ଶୁକ୍ରବାର ତାଙ୍କୁ ସହିଦ ନଗର ଥାନା ଅନ୍ତର୍ଗତ ଆନନ୍ଦ ବଜାର ନିକଟରେ ଏକ ଟାୱାର ଲାଇନ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେ ସେଠାରୁ ଚଢିଲେ କିପରି। ମାତ୍ର ୪ଫୁଟ୍ ଉଚ୍ଚରେ କପାଡାରେ କିପରି ଫାଶି ଲଗାଇଲେ। ପରିବାର ଲୋକେ ହତ୍ୟା ଅଭିଯୋଗ କରିବାରୁ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

● ତୀରତରଙ୍ଗର ପୁସ୍ତକ ପାଠକାର୍ପଣ ଉତ୍ସବ

## ଭାଷା ହିଁ ଆମର ମୂଳଭିତ୍ତି, ଆମ ଅସ୍ତିତ୍ୱ



ଭୁବନେଶ୍ୱର, ୧୨।୧୨(ସମିସ): ପ୍ରକାଶନ ସଂସ୍ଥା 'ତୀରତରଙ୍ଗ' ପକ୍ଷରୁ ସପ୍ତମ ରାଜ୍ୟ ପୁସ୍ତକ ମହୋତ୍ସବ ପରିସରରେ ସହିଦ ବାଜି ରାଉତ ସଭାମଞ୍ଚରେ ଆୟୋଜିତ ୫ଟି ପୁସ୍ତକର ପାଠକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଲୋକସେବା ଆୟୋଗର ଅଧକ୍ଷ ଅରୁଣ କୁମାର ଷଡ଼ଙ୍ଗୀ କହିଥିଲେ ଯେ ଅନ୍ୟ ରାଜ୍ୟରେ ଭାଷା ସେମାନଙ୍କର ମୂଳଭିତ୍ତି। ଆଶ୍ଚର୍ଯ୍ୟର କଥା ଓପିଏସସିରେ ଓଡ଼ିଆ ଭାଷାରେ ପରୀକ୍ଷା ଦେବା ପାଇଁ ୪ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୪୦ ଜଣ ନିଜର ନାମ ଦେଇଛନ୍ତି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭାଷା ମନୋବିଜ୍ଞାନୀ ପ୍ରଫେସର ଅଜିତ ମହାନ୍ତି ଓ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପାଠକାର୍ପଣ ଉତ୍ସବରେ ପ୍ରକାଶକୀୟ ଅଭିବ୍ୟକ୍ତି ରଖିଥିଲେ ପ୍ରକାଶିକା ବନ୍ଦନା ମିଶ୍ର। ଏହି ଅବସରରେ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦଙ୍କ ଗଳ୍ପ ସଂକଳନ 'ଭ୍ରମ', ଚିତ୍ତରଞ୍ଜନ ଚିରଞ୍ଜିତଙ୍କ ଉପନ୍ୟାସ 'ଭୂମି ଭୂମା' ଚିନ୍ମୟୀ ପଣ୍ଡାଙ୍କ କବିତା ସଂକଳନ 'ନିଜ ନିଜର ଆକାଶ', ଲଳିତ କୁମାର ସ୍ୱାଇଁଙ୍କ କବିତା ସଂକଳନ 'ବତୁରା କାନି' ଓ ବନ୍ଦନା ମିଶ୍ରଙ୍କ ଗଳ୍ପ ସଂକଳନ 'ହାସିନାର ହସ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହାପରେ ବୀରେନ୍ଦ୍ର ନାୟକ ଓ ରଶ୍ମିତା ବେହେରା କବିତା ପାଠ କରିଥିଲେ।

## ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା




ଭୁବନେଶ୍ୱର, ୧୨।୧୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତଃମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୁଳସଚିବ ଅନାମିକା ଅଧିକାରୀ ଯୋଗଦେଇ ଅପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଦୃଶ୍ୟକଳା, ପରିବେଷଣ କଳା, ବକ୍ତୃତା, ସାଧାରଣ ଜ୍ଞାନ ପ୍ରଭୃତି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ଶେଷରେ ପୁରସ୍କୃତ କରାଯାଇଥିବା ବେଳେ କୃତୀ ଛାତ୍ରଛାତ୍ରୀ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଞ୍ଚାଳନ କରିଥିବା ବେଳେ ସହକାରୀ ପ୍ରଫେସର ଡ. ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପକ୍ଷୀଘର ପ୍ରକାଶନୀର ପୁସ୍ତକ ଉନ୍ମୋଚନ ପର୍ବ



ଭୁବନେଶ୍ୱର, ୧୨।୧୨(ସମିସ): ପକ୍ଷୀଘର ପ୍ରକାଶନୀ ଦ୍ୱାରା ଆୟୋଜିତ ପୁସ୍ତକ ଉନ୍ମୋଚନ ପର୍ବ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଏଥିରେ ଉଦ୍‌ଘାଟକ ଭାବେ କବି ହରପ୍ରସାଦ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, କବି ଆଶୁତୋଷ ପରିଡ଼ା, କବି ତଥା ପ୍ରାକ୍ତନ ପ୍ରଶାସକ ରଞ୍ଜନ ଦାସ, କଥାଶିଳ୍ପୀ ବିଦ୍ୟୋତ ପ୍ରଜ୍ଞା ତ୍ରିପାଠୀ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ କବି ବବିତା ଦାଶଙ୍କ ପୁସ୍ତକ ଶୈଶବରେ ଶବ୍ଦ, ସୁଧାକର ଦାସଙ୍କ କବିତା ପୁସ୍ତକ ଟଗର ଫୁଲ ତାରା ଓ ଜହ୍ନ, କାର୍ତିକ ସ୍ୱାଇଁଙ୍କ ଅମୃତ ଲୋକ, ଜ୍ୟୋତ୍ସ୍ନା ସାମନ୍ତରାୟଙ୍କ ରାଧାୟନ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୯ ହଜାର ସର୍ବନିମ୍ନ ପେନ୍‌ସନ୍ ଦାବି

## ଯନ୍ତର ମନ୍ତରରେ ଇପିଏଫ୍ ପେନସନ୍‌ଭୋଗୀଙ୍କ ଧାରଣା




ଭୁବନେଶ୍ୱର, ୧୨।୧୨(ସମିସ) : ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି ସମେତ ୪ ଦଫା ଦାବି ନେଇ ଜାତୀୟ ଇପିଏଫ୍ ପେନସନ୍‌ଭୋଗୀ ସଂଘ ସହଯୋଗରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଇପିଏଫ ପେନସନ୍‌ଧାରୀମାନେ ଆଜି ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ଧାରଣା ଦେଇଛନ୍ତି। ସମାବେଶରେ ଓଡିଶା ସମେତ କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୋଆ, ହରିୟାନା, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ର , ତେଲେଙ୍ଗାନା, ତାମିଲନାଡୁ ଓ କେରଳ ଆଦି ୩୦ ରାଜ୍ୟରୁ ପ୍ରାୟ ୫ ହଜାରରୁ ଉର୍ଦ୍ଧ ପ୍ରତିନିଧି ଯୋଗଦେଇଥିଲେ। ଏହି ସମାବେଶକୁ ମହାରାଷ୍ଟ୍ର,କେରଳ ତଥା ଅନ୍ୟାନ୍ୟ ରାଜ୍ୟର ସାଂସଦମାନେ ସମ୍ବୋଧିତ କରି ପେନସନଭୋଗୀମାନଙ୍କ ଏହି ଦାବିକୁ ଦୃଢ ସମର୍ଥନ ଜଣାଇବା ସହ ସଂସଦରେ ଏହି ପ୍ରସଙ୍ଗ ଉପସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶ ଏଣ୍ଡେଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଉପସଭାପତି ତଥା ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଏଆଇସିସି ଇପିଏଫ ପେନସନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଅତୁଲ ଦିଘେ, ଏନସିଆର ସଂଘର ଅଧ୍ୟକ୍ଷ ଗୁରୁମୁଖ ସିଂ, ଭୀମରାଓ ଡୁଙ୍ଗରେ, କେ କନକ ରାଜ ,ଏମ୍ ଜନାର୍ଦ୍ଦନ ରେଡ୍ଡୀ, ଦାଦା ଟୋକାରାମ ଯୋଡ୍ଡେ, ସିବିଟି ସଭ୍ୟ ଆର. କରୁମୁଲାୟମ, ଏଆଇଟିୟୁସି ର ଜାତୀୟ ସାଧାରଣ ସମ୍ପାଦିକା ଅମରଜିତ କାଉଲ ଓ ଅନ୍ୟ ପ୍ରମୁଖ ବରିଷ୍ଠ ନେତାମାନେ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦେଶରେ ଆନ୍ଦୋଳନକୁ ତୀବ୍ରତର କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥିରେ ସଂଘର ଓଡିଶା ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଉପସଭାପତି ଗୀତାଞ୍ଜଳି ପାତ୍ର , ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ତଥା ପେନସନର୍ସ ଆସୋସିଏସନର ରାଜ୍ୟ ଉପସଭାପତି ସରୋଜ କାନ୍ତ ମଲ୍ଲିକ, ଉପସଭାପତି ବିକ୍ରମ ଛୋଟରାୟ ଓ ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**■ ୩୦ ରାଜ୍ୟରୁ ଏକାଠି ହେଲେ ୫ ହଜାରରୁ ଅଧିକ ପ୍ରତିନିଧି**

# ହର୍ବାଲ ମେଳାରେ ଗଛ କିଣିବାକୁ ଭିଡ଼



ଭୁବନେଶ୍ୱର, ୧୨।୧୨(ସମିସ): ଓଡ଼ିଶା ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳାରେ ଔଷଧୀୟ ସାମଗ୍ରୀ କିଣିବା ପାଇଁ ଭିଡ଼ ଜମୁଛି। ମେଳାରେ ୧୩୦ରୁ ଅଧିକ ଷ୍ଟଲ ପଡ଼ିଥିବା ବେଳେ ରାଜ୍ୟ ଓ ରାଜ୍ୟ ବାହାରୁ ଔଷଧୀୟ ବୃକ୍ଷଲତା ସହ ବିଭିନ୍ନ ଜିଲ୍ଲାର ଅଭିଜ୍ଞ ବୈଦ୍ୟ ଓ କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ଓ ଓଡ଼ିଶାର କିଛି ଔଷଧ ପ୍ରସ୍ତୁତକାରୀ କମ୍ପାନି ଏଥିରେ ଅଂଶଗ୍ରହଣ କରିଛନ୍ତି। ମେଳାରେ ସର୍ବସାଧାରଣଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହେଉଥିବାରୁ ଲୋକେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଆୟୁର୍ବେଦ ଚିକିତ୍ସାର ଚାହିଦା ଦିନକୁ ଦିନ ବଢୁଥିବାରୁ ଲୋକଙ୍କ ଏହି ଚିକିତ୍ସା ପ୍ରତି ଆସ୍ଥା ବଢ଼ିଛି। ଏଥିସହ ବୟସ୍କ ଲୋକଙ୍କ ପାଇଁ ଦୁରାରୋଗ୍ୟ ବ୍ୟାଧି ଯଥା ଅମ୍ଳପିତ୍ତ, ଆମବାତ, ଗଣ୍ଠିବାତ, ଶ୍ୱାସରୋଗ, ମଧୁମେହ, ସ୍ତ୍ରୀରୋଗ, ଉଚ୍ଚ ରକ୍ତଚାପ ଓ ହୃଦରୋଗ ଆଦି ପାଇଁ ଚେରମୂଳୀ ଓ ବନୌଷଧି ଦିଆଯାଉଛି। ଏହାସହିତ ବୈଦ୍ୟ କର୍ମଶାଳା, ବନସ୍ପତି କ୍ରେତା-ବିକ୍ରେତାମାନଙ୍କ କର୍ମଶାଳା, ଆୟୁର୍ବେଦ ଡାକ୍ତରମାନଙ୍କ ସମ୍ମିଳନୀ ମଧ୍ୟ କରାଯାଉଛି। ଏହାବ୍ୟତିତ ବିଭିନ୍ନ ପ୍ରକାର ଚିକିତ୍ସା ପଦ୍ଧତି ଯଥା, ଆୟୁର୍ବେଦ, ପଞ୍ଚକର୍ମ, ଯୋଗ ଓ ପ୍ରାକୃତିକ ଚିକିତ୍ସା, ହୋମିଓପାଥି, ଆକ୍ୟୁପ୍ରେସର ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି।

ମେଳା ପରିସରରେ ଲୋକମାନେ ବିଭିନ୍ନ ଔଷଧୀୟ ବୃକ୍ଷ କିଣୁଥିବା ଦେଖିବାକୁ ମିଳିଛି। ରୁଦ୍ରାକ୍ଷ, ତ୍ରିଫଳା, ଅନନ୍ତ ମୂଳ, ପାତାଳ ଗରୁଡ଼, ଆୟପାନ, ଷ୍ଟିଭିଆ, ଅଳେଇଚ, ଜୁଆଣି, ଲେମନଗ୍ରାସ୍, ବାସଙ୍ଗ, ଗୁଡ଼ମାର, ଚିରେଇତା, ଗିଲୟ, ତେଜପତ୍ର, ରୁଦ୍ରାକ୍ଷ, ଧଳା ଚନ୍ଦନ, ଅଶ୍ୱଗନ୍ଧା, ରୋଜମେରୀ, ପାନ, ହରିଦ୍ୱାର ତୁଳସୀ, ଇନସୁଲିନ୍ ଆଦି ଗଛର ବେଶ୍ ଚାହିଦା ରହିଥିବା ଦେଖିବାକୁ ମିଳିଛି। ଏହାସହିତ ବାତ, ମଳକଣ୍ଟ, ମୁଣ୍ଡବ୍ୟଥା, ଅର୍ଦ୍ଧ କପାଳି, ଚର୍ମରୋଗ, କାନ ବିନ୍ଧା ଆଦି ପାଇଁ ବିଭିନ୍ନ ଷ୍ଟଲରେ ମିଳୁଛି ବିଭିନ୍ନ ବନୌଷଧି। ଜଙ୍ଗଲ ପାହାଡରୁ ଚେରମୂଳି ସଂଗ୍ରହ କରି ବୈଦ୍ୟମାନେ ଆଣିଛନ୍ତି। ସେହିପରି ବିଭିନ୍ନ ଇଣ୍ଡୋର ପ୍ଲାଣ୍ଟକୁ ଅନେକ କିଣୁଥିବା ଦେଖିବାକୁ ମିଳିଛି। ଘର ଭିତରେ ଅମ୍ଳଜାନ ପରିମାଣକୁ ବଢ଼ାଇବା ପାଇଁ ଏୟାର୍ ପ୍ଲାଟ ଅଧିକ ବିକ୍ରି ହେଉଥିବା ବିଭିନ୍ନ ଷ୍ଟଲରେ ଦେଖିବାକୁ ମିଳିଛି।

## 'ବୈଦ୍ୟଶାଳା'ରେ ପାରମ୍ପରିକ ଚିକିତ୍ସା ପଦ୍ଧତିର ନିଦର୍ଶନ

ଭୁବନେଶ୍ୱର, ୧୧।୧୨(ସମିସ): ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା କଳିଙ୍ଗ ହର୍ବାଲ ମେଳାରେ ଦିବ୍ୟ ଦିଗନ୍ତ ପକ୍ଷରୁ ନିର୍ମାଣ ହୋଇଥିବା ବୈଦ୍ୟଶାଳା ମାଧ୍ୟମରେ ବୈଦ୍ୟ ପରମ୍ପରାର ନିଦର୍ଶନ ଦେଖିବାକୁ ମିଳିଛି। ଏହାର ପ୍ରବେଶ ପଥରେ ରହିଛି ମର୍ମ ଚିକିତ୍ସା ପଥ। ସେହିପରି ଭିତରକୁ ଭିତରକୁ ଗଲେ ବଉଳ, ଅଶୋକ, ଅର୍ଜୁନ, ଫାସୀ, ଫଣଫଣା, ସୁନାରୀ, ପଣସ, ଆମ୍ବ, ପିଜୁଳି, କଦମ୍ବ, ପିପ୍ପଳୀ, ଇନସ୍ୟୁଲିନ୍ ଆଦି ଗଛର ଉପକାରିତରା ସମ୍ପର୍କରେ ଉଲ୍ଲେଖ ରହିଛି। ସେହିପରି ପୁରାତନ କାଳରେ ବୈଦ୍ୟ ଚିକିତ୍ସାର ପଦ୍ଧତିକୁ ବେଶ୍ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। କେବଳ ସେତିକି ନୁହେଁ ମହର୍ଷି ଚରକଙ୍କ ଦ୍ୱାରା ପାରମ୍ପରିକ ଔଷଧ ପ୍ରସ୍ତୁତି, ମହର୍ଷି ଶୁଶ୍ରୁତଙ୍କ ଦ୍ୱାରା ପାରମ୍ପରିକ ଚିକିତ୍ସା, ଲେଖୁଥିବା ବେଳେ ମହର୍ଷି ବାଗଭଟ୍ଟ ଶିଷ୍ୟମାନଙ୍କୁ ଜଡିବୁଟି ବିଷୟରେ ଶିକ୍ଷାଦାନ କରୁଥିବାର ଦୃଶ୍ୟକୁ ଏହି ବୈଦ୍ୟଶାଳାରେ ପ୍ରଦର୍ଶିତ ହୋଇଛି ବୋଲି କୁହନ୍ତି ଦିବ୍ୟ ଦିଗନ୍ତର ପ୍ରତିଷ୍ଠାତା ପ୍ରତିଷ୍ଠାତା ସଭାପତି ଜୟପ୍ରକାଶ ମିଶ୍ର।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୨୫ ● ପାଉଣ୍ଡ ୧୨୧.୯୯
- ୟୁରୋ ୧୦୬.୫୯ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୧୯୩ (ଭୁବନେଶ୍ୱର)
- ରୁପା : ୨,୧୩,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୨୬୭.୦୦
- ନିଫ୍ଟି ୨୬,୦୪୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବାସ୍ମତୀ ଆଗରେ 'ଟେକ୍ସମତୀ' ଫେଲ୍

## ପୁଣି ଟ୍ରମ୍ପ ଦେଲେ ଅତିରିକ୍ତ ଟାରିଫ୍ ଧମକ

ୱାଶିଂଟନ୍,୧୨।୧୨(ଏଜେନ୍ସି): ଭାରତୀୟ ବାସମତୀ ଚାଉଳର ସୁଗନ୍ଧ ଓ ଚାହିଦା ସାରା ବିଶ୍ୱରେ ରହିଛି। ତେବେ ଆମେରିକାରେ ମଧ୍ୟ ବାସୁମତୀ ଚାଉଳର ଚାହିଦା ଅଧିକ। ଆମେରିକା ଏହାର ଆମଦାନୀ ହ୍ରାସ କରିବା ଏବଂ ସେଠାକାର ବଜାରରେ ଭାରତୀୟ ବାସମତୀର ମୁକାବିଲା ନିମନ୍ତେ ୧୯୮୦ ଦଶକରେ 'ଟେକ୍ସମତୀ' ନାମରେ କପି ଚାଉଳ ପଉତ୍ପାଦନ କରିଥିଲା। ହେଲେ ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଆମେରିକୀୟ ହାଇବ୍ରିଡ ଚାଉଳ ଭାରତୀୟ ବାସମତୀର ସମକକ୍ଷ ହୋଇପାରିନି। ଆଜି ପରିସ୍ଥିତି ଏପରି ଯେ ଆମେରିକୀୟ ଚାଷୀ ଚାପରେ ଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଟାରିଫର ଚେତାବନୀ ଦେଇ ନୂଆ ବିବାଦ ଛିଡା କରିଛନ୍ତି।

ସମ୍ପ୍ରତି, ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଦେଶରୁ ଆସୁଥିବା ଚାଉଳ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ଏଥିରେ ଆମେରିକାକୁ ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ ଭାରତ ସବୁଠାରୁ ଅଧିକ ପ୍ରଭାବିତ ହୋଇପାରେ। ଭାରତ ପୂର୍ବରୁ ଆମେରିକାର ଗହମ ସହାୟତା ଉପରେ ନିର୍ଭର କରୁଥିଲା ଏବଂ ବର୍ତ୍ତମାନ ଏହାର ସବୁଠାରୁ ବଡ଼ ଚାଉଳ ଯୋଗାଣକାରୀ। ଯଦିଓ ଆମେରିକା 'ଟେକ୍ସମତୀ' ଏବଂ ଜସମତୀ ପରି କିସମ




୮୦ ଦଶକରେ ହାଇବ୍ରିଡ ଚାଉଳ 'ଟେକ୍ସମତୀ' ପ୍ରସ୍ତୁତ ହୋଇଥିଲା

ଚାଷ କରି ଚାଉଳ ଆମଦାନୀ ହ୍ରାସ କରିବାକୁ ଚେଷ୍ଟା କରିଥିଲା, ଏହି କିସମଗୁଡ଼ିକ ଭାରତୀୟ ବାସୁମତୀ ସହିତ ପ୍ରତିଯୋଗିତା କରିପାରିଲା ନାହିଁ।

ଆମେରିକାର ଟେକ୍ସାସ-ଭିତ୍ତିକ କମ୍ପାନୀ ରାଇସଟେକ୍ ଆମେରିକୀୟ ଲମ୍ବା-ଦାନା ଚାଉଳକୁ ବାସୁମତୀ ସହିତ ମିଶ୍ରଣ କରି ଏକ ହାଇବ୍ରିଡ୍ ଚାଉଳ କିସମ ବିକଶିତ କରିଥିଲା। ଲକ୍ଷ୍ୟ ଥିଲା ବାସୁମତୀ ପରି ସୁଗନ୍ଧ ଏବଂ ଆମେରିକୀୟ ଜଳବାୟୁ ପରିସ୍ଥିତିରେ ବଢ଼ିପାରୁଥିବା ଲମ୍ବା ଶସ୍ୟ ସହିତ ଚାଉଳ ସୃଷ୍ଟି କରିବା। ଏହାକୁ ‹ଟେକ୍ସମତୀ› ନାମ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ଆମେରିକା ଜସମତୀ ଚାଉଳ ପ୍ରଚଳନ କରିଥିଲା। ବାସମତିର ଆକୃତି ଥାଇ ଜସମତୀ ଚାଉଳର ସୁଗନ୍ଧ ସହିତ ମିଶ୍ରଣ କରିଥିଲା, କିନ୍ତୁ ଏହା ମଧ୍ୟ ବିଫଳ ହୋଇଥିଲା। ଏହାକୁ ରୋଷେଇ କଲେ ସ୍ୱାଦ ଓ ସୁଗନ୍ଧରେ ମୂଳ ବାସମତୀ ଚାଉଳ ସମକକ୍ଷ ହୋଇ ପାରୁନି। ଏଣୁ ଆମେରିକୀୟ ଉପଭୋକ୍ତା ଧିରେ ଧିରେ ପୁଣି ଭାରତୀୟ ବାସମତୀକୁ ଫେରି ଆସିଥିଲେ। ଏଣୁ ଆମେରିକୀୟ ବଜାରରେ ଭାରତୀୟ ବାସମତୀର ଚାହିଦା ପାଖାପାଖି ୮୫% ପର୍ଯ୍ୟନ୍ତ ରହିଛି।

ଏବେ ବାସମତୀର ବଢୁଥିବା ଲୋକପ୍ରିୟତା ଆମେରିକୀୟ ଚାଷୀଙ୍କ ଉପରେ ଚାପ ପକାଉଛି। ଅନେକ ମିଲ୍ ମାଲିକ ବିଦେଶୀ ଚାଉଳ ଆମେରିକା ଉତ୍ପାଦିତ ଚାଉଳର ବଜାର ଅଂଶ କମାଉଥିବାର ଅଭିଯୋଗ କରିଛନ୍ତି। ଏହାପରେ ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଚାଉଳ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାକୁ ଚେତାବନୀ ଦେଇଛନ୍ତି। ଏହାଛଡା ଟ୍ରମ୍ପ ଆମେରିକୀୟ ଚାଷୀଙ୍କ ଲାଗି ୧୨ ବିଲିୟନ ଡଲାରର ଆର୍ଥିକ ପ୍ୟାକେଜ୍ ଯୋଜନା ମଧ୍ୟ ଘୋଷଣା କରିଛନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ ଆମେରିକୀୟ ଟାରିଫର ଭାରତୀୟ ବାସମତୀ ଉପରେ ଆଂଶିକ ପ୍ରଭାବ ରହିବ। କାରଣ ଆମେରିକାକୁ ମାତ୍ର ୩% ଭାରତୀୟ ଚାଉଳ ରପ୍ତାନୀ ହେଉଛି। ଏହାଛଡା ଭାରତୀୟ ଚାଉଳର ମୁଖ୍ୟ ଆମଦାନୀକାରୀ ଉପସାଗରୀୟ ଦେଶ। ଏଥିରେ ଏବେ ଆଫ୍ରିକା ବଜାର ନୂଆ କରି ଯୋଡିହୋଇଛି। ଏଣୁ ଟ୍ରମ୍ପ ପ୍ରଶାସନ ଟାରିଫ ବଢାଇଲେ ଆମେରିକୀୟ ଉପଭୋକ୍ତା ପ୍ରଭାବିତ ହେବେ ଓ ଦେଶରେ ଭାରତୀୟ ରପ୍ତାନୀ ଚାଉଳର ମୂଲ୍ୟ ବଢିବ। ତେବେ ଏଥିରେ ଭାରତୀୟ ରପ୍ତାନୀକାରୀ ପ୍ରଭାବିତ ହେବେନାହିଁ।

# ଓମ୍‌ଫେଡ୍‌କୁ 'ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦ ଓଡ଼ିଶା' ଆୱାର୍ଡ



**ଭୁବନେଶ୍ୱର,୧୨।୧୨(ସମିସ):** ଓଡିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍)କୁ ମିଳିଲା ଟ୍ରଷ୍ଟ ବ୍ରାଣ୍ଡ ଅଫ୍ ଦ ଓଡିଶା ସମ୍ମାନ। ଭୁବନେଶ୍ୱରଠାରେ ଆୟୋଜିତ ଆତ୍ମନିର୍ଭର ଓଡିଶା ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀକୁ ଏହି ପୁରସ୍କାର ମିଳିଛି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଓ ଡେପୁଟି ମ୍ୟାନେଜର ଡାକ୍ତର ବିଶ୍ୱରଞ୍ଜନ ତ୍ରିପାଠୀ ମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସ୍ୱୀକୃତି ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ କଠୋର ପରିଶ୍ରମ ଏବଂ ଅଗଣିତ ଗ୍ରାହକଙ୍କର ଭଲ ପାଇବାର ପ୍ରତୀକ। ଓମ୍‌ଫେଡ୍ ରାଜ୍ୟର କୋଟି କୋଟି ଲୋକଙ୍କ ନିକଟରେ ପହଞ୍ଚିପାରିଥିବାରୁ ସେମାନଙ୍କ ନିକଟରେ ଆମେ କୃତଜ୍ଞ ବୋଲି ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ପ୍ରଧାନୀ କହିଛନ୍ତି। ଏହି ସମ୍ମାନ ଓ ଶ୍ରେୟ ଓମ୍‌ଫେଡ୍‌ର ଲକ୍ଷ ଲକ୍ଷ ଚାଷୀ, ଅଗଣିତ ଗ୍ରାହକ ଏବଂ କଠୋର ପରିଶ୍ରମ କରୁଥିବା କର୍ମଚାରୀଙ୍କର ବୋଲି ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତ କୁଲାଙ୍ଗେ କହିଛନ୍ତି।

# କଟକରେ ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀର ନୂତନ ଷ୍ଟୋରର ଶୁଭାରମ୍ଭ

**କଟକ,୧୨।୧୨(ସମିସ):** ଇନ୍ଦ୍ରିୟା, ଆଦିତ୍ୟ ବିର୍ଲା ଜୁଏଲାରୀ, କଟକରେ ଏହାର ଦ୍ୱିତୀୟ ଷ୍ଟୋର ଖୋଲିଛି। ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ



ରିଟେଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ କଟକର ନୂତନ ଇନ୍ଦ୍ରିୟା ଷ୍ଟୋରକୁ ପ୍ରସ୍ତୁତ କରାଯାଇଛି। ଏଠାରେ ବ୍ରାଇଡାଲ୍ ଲାଉଞ୍ଜ୍ ଏବଂ ବିଶେଷ କାରିଗରୀ କକ୍ଷ ସହିତ ୨୮,୦୦୦ରୁ ଅଧିକ ସୁନ୍ଦର ଡିଜାଇନ୍‌ର ବିଶାଳ କଲେକ୍ସନ ରହିଛି। ଏହି ଶୁଭାରମ୍ଭ ଅବସରରେ ଫ୍ରାଞ୍ଚାଇଜ ସଞ୍ଜୀବ ହଂସ, ସଙ୍ଗୀତା ହଂସ, ଇନ୍ଦ୍ରିୟା ରିଟେଲ ମୁଖ୍ୟ ଅମିତ ଧରପ, ଇନ୍ଦ୍ରିୟା ଫ୍ରାଞ୍ଚାଇଜ ମୁଖ୍ୟ ଗୌରବ କୁମାର, ଇଷ୍ଟର ଆଞ୍ଚଳିକ ବ୍ୟବସାୟ ମ୍ୟାନେଜର ଦୀପଞ୍ଜନ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଇନ୍ଦ୍ରିୟାର ସିଇଓ ସନ୍ଦୀପ କୋହଲି କହିଛନ୍ତି, ଆମର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରରେ ଆମର ପ୍ରଥମ ଷ୍ଟୋର ପ୍ରତି ସକାରାତ୍ମକ ପ୍ରତିକ୍ରିୟା ପ୍ରକୃତରେ ପ୍ରେରଣାଦାୟକ ହୋଇଛି। କଟକରେ ଆମର ଦ୍ୱିତୀୟ ଷ୍ଟୋରର ଶୁଭାରମ୍ଭ କେବଳ ଓଡ଼ିଶାରେ ନୁହେଁ ବରଂ ପୂର୍ବାଞ୍ଚଳରେ ଇନ୍ଦ୍ରିୟାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ଟାଟା ସିଆରା

**ମୁମ୍ବଇ,୧୨।୧୨:** ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ (ଟିଏମ୍‌ପିଭି) ନୂତନ ପ୍ରବେଶକାରୀ ଟାଟା ସିଆରା ୧୨ ଘଣ୍ଟା ମଧ୍ୟରେ ସର୍ବାଧିକ ଇନ୍ଧନ ଦକ୍ଷତା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ କରିଛି। ନାଟ୍ରାକ୍ସ ଇନ୍ଦୋରରେ ଏକ ସାର୍ଟିଫିକେଟ୍ ରନ୍‌ରେ ସିଆରା ପୂର୍ବ ଜାତୀୟ ମାନଦଣ୍ଡକୁ ଅତିକ୍ରମ କରି ୨୯.୯ କିମିର ବିତରଣ କରିଥିଲା। ପିକ୍ସେଲ ମୋସନ ଦଳ ଦ୍ୱାରା ଏହି କୀର୍ତ୍ତିମାନ କାର୍ଯ୍ୟକାରୀ କରାଯାଇଥିଲା, ଯିଏ ନଭେମ୍ବର ୩୦ରେ ସକାଳ ୭ରୁ ରାତି ୭ ପର୍ଯ୍ୟନ୍ତ ୧.୫ଲିଟର ହାଇପରିଅନ୍ ଚାଳିତ ସିଆରାକୁ ଚଲାଇଥିଲା। ଏହି ସଫଳତାର ମୂଳରେ ହେଉଛି ସର୍ବ ନୂତନ ୧.୫ ଲିଟର ହାଇପରିଅନ୍ ପେଟ୍ରୋଲ୍ ଇଞ୍ଜିନ୍, ବିଶୋଧନ, କାର୍ଯ୍ୟଦକ୍ଷତା କିମ୍ବା ଡ୍ରାଇଭିବିଲିଟିକୁ ସାମ୍ନା ନ କରି ଉଚ୍ଚ ଦକ୍ଷତା ପ୍ରଦାନ କରିବାକୁ ଇଞ୍ଜିନିୟରିଂ। ଏହାର ଉନ୍ନତ ଜାଳେଣି ପ୍ରଣାଳୀ, ଟର୍କ-ସମୃଦ୍ଧ କାର୍ଯ୍ୟଦକ୍ଷତା ବ୍ୟାଣ୍ଡ ଏବଂ ଘର୍ଷଣ-ଅପ୍ଟିମାଇଜ୍ ସ୍ଥାପତ୍ୟ କ୍ରମାଗତ ଇନ୍ଧନ ବିତରଣ ଏବଂ ଚାଲିବା ସମୟରେ ସ୍ଥିର କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରେ।

# ସବୁ ରେକର୍ଡ ଭାଙ୍ଗିଲା ସୁନା, ରୁପା ଦର

## ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟପିଲା; ରୁପା କିଲୋ ୨.୧୩ ଲକ୍ଷ

**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** ଘରୋଇ ବଜାରରେ ଥମୁନି ସୁନା ଓ ରୁପା ଦର ବୃଦ୍ଧି। ଏଥିରେ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୩୪ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକୀୟ ଫେଡେରାଲ ରିଜର୍ଭ ସୁଧ ହାରରେ ହ୍ରାସ ଘଟାଇବା ପାରେ ଭାରତୀୟ ବଜାରରେ ରେକର୍ଡ ବେଗରେ ବଢୁଛି ସୁନା ଓ ରୁପା ଦର। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୨.୧୩ ଲକ୍ଷ ଟଙ୍କା ଅତିକ୍ରମ କରିଛି।

ଗତ କିଛି ବର୍ଷ ମଧ୍ୟରେ ଦେଶରେ ସୁନା ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସୁନା ମୂଲ୍ୟ ପ୍ରାୟ ୫୦% ବୃଦ୍ଧି ପାଇଛି, ଯାହା ନିଫ୍ଟି



ସୂଚକାଙ୍କ ଏବଂ ଅନ୍ୟାନ୍ୟ ପ୍ରମୁଖ ସୂଚକାଙ୍କକୁ ପଛରେ ପକାଇଦେଇଛି। ଏହି ବୃଦ୍ଧି ଅନେକ କାରଣ ଦ୍ୱାରା ପରିଚାଳିତ ହୋଇଛି, ଯେଉଁଥିରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅତ୍ୟଧିକ କ୍ରୟ, ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ବାଣିଜ୍ୟ ଅନିଶ୍ଚିତତା, ଡଲାର ସୂଚକାଙ୍କ ଦୁର୍ବଳ ହେବା, ଆର୍ଥିକ ମାନ୍ଦାବସ୍ଥାର ଭୟ ଏବଂ ଇଟିଏଫ୍‌ରେ ଦୃଢ଼ ନିବେଶ ପ୍ରବାହ ଅନ୍ତର୍ଭୁକ୍ତ।

ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩୩, ୯୧୮ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୨,୧୦୦ ଟଙ୍କା ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୩୪,୦୫୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୨୩,୦୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୨.୧୩,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି। ନିବେଶ ପାଇଁ ସୁରକ୍ଷିତ ମାଧ୍ୟମ ହୋଇଥିବାରୁ, ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପ୍ରଚୁର ମାତ୍ରାରେ ସୁନା କ୍ରୟ କରୁଥିବାରୁ ଏହି ହଳଦିଆ ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ପୂର୍ବତଟ ରେଳପଥର ସୌରଚାଳିତ ସିସିଟିଭି ଓ ଡ୍ରୋନ୍ ନିରୀକ୍ଷଣ ବ୍ୟବସ୍ଥା

**ଭୁବନେଶ୍ୱର, ୧୨।୧୨ (ସମିସ):** ପୂର୍ବତଟ ରେଳପଥ ଏହାର ଅଧିକାରକ୍ଷେତ୍ରରେ ସୌରଚାଳିତ ସିସିଟିଭି କ୍ୟାମେରା ବ୍ୟାପକ ଭାବରେ ନିୟୋଜିତ କରି ଏବଂ ଉନ୍ନତ ମାନର ନିରୀକ୍ଷଣ ଡ୍ରୋନ ପ୍ରଚଳନ କରି ସୁରକ୍ଷା ଏବଂ ନିରୀକ୍ଷଣ ଢାଞ୍ଚାକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରିଛି। ଏହି ପଦକ୍ଷେପଗୁଡ଼ିକର ଉଦ୍ଦେଶ୍ୟ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା, ଅନଧିକାର ପ୍ରବେଶକୁ ରୋକିବା, ଦୁର୍ଗମ ଅଞ୍ଚଳ ଗୁଡିକରେ ନିରୀକ୍ଷଣରେ ଉନ୍ନତି ଆଣିବା ଏବଂ ରେଳ ସମ୍ପତ୍ତି ଏବଂ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ପୂର୍ବତଟ ରେଳପଥ ଅଧିନସ୍ଥ ମଣ୍ଡଳ ଗୁଡ଼ିକରେ ସୌରଚାଳିତ ସିସିଟିଭି କ୍ୟାମେରା ସଂସ୍ଥାପନ କରାଯାଇଛି। ଦୁର୍ଗମ ଅଞ୍ଚଳ କିମ୍ବା କୌଣସି ବିଦ୍ୟୁତ ଯୋଗାଣ ନ ଥିବା ଅଞ୍ଚଳରେ ନିରବଚ୍ଛିନ୍ନ ନିରୀକ୍ଷଣ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳପଥ ଏହାର ତିନୋଟି ଡିଭିଜନର ଦୁର୍ଗମ ଏବଂ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସୌରଚାଳିତ ସିସିଟିଭି ବ୍ୟବସ୍ଥା ସ୍ଥାପନ କରାଯାଇଛି।

# ଦିବ୍ୟାଙ୍ଗଙ୍କୁ ସହଯୋଗର ହାତ ବଢ଼ାଇଲା ବେଦାନ୍ତ ଆଲୁମିନିୟମ୍

**ଭୁବନେଶ୍ୱର, ୧୨।୧୨ (ସମିସ):** ବେଦାନ୍ତ ଆଲୁମିନିୟମ ଓଡ଼ିଶାର ସୁନ୍ଦରଗଡ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଦିବ୍ୟାଙ୍ଗମାନଙ୍କୁ ହ୍ୱିଲଚେୟାର ଓ ଶ୍ରବଣ ଯନ୍ତ୍ର ଉପକରଣ ପ୍ରଦାନ କରି ଗୋଷ୍ଠୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଏହି ପଦକ୍ଷେପର ଅଂଶବିଶେଷ ସ୍ୱରୂପ, କମ୍ପାନୀ ଛତାବର, କୁଡାଲୋଇ, ପିପିଲିମାଲ ଏବଂ ବଞ୍ଜାରୀ ଗ୍ରାମ ପଞ୍ଚାୟତଗୁଡ଼ିକର ୨୦ ଜଣ ବ୍ୟକ୍ତିଙ୍କୁ ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହାୟତା ପ୍ରଦାନ କରିଥିଲା। ଏହି ପ୍ରୟାସକୁ ଆଗକୁ ବଢ଼ାଇ କମ୍ପାନୀ ୩୦




ଜଣ ଗୋଷ୍ଠୀ ସଦସ୍ୟଙ୍କୁ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଜୀବନଯାପନ କରିପାରିବେ।

ଏହି ସହାୟକ ଉପକରଣଗୁଡ଼ିକ ବିଲିମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଡା. ଅଭିଲାଷ, ପିପଲିମାଲ୍ ସରପଞ୍ଚ ରଙ୍ଗାଧର ଡିଲା, ଆଶା କର୍ମୀ ଏବଂ ସମ୍ପ୍ରଦାୟର ସଦସ୍ୟମାନେ, କମ୍ପାନୀ ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗର ଭାବନାକୁ ସୁଦୃଢ଼ କରୁଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ବେଦାନ୍ତରେ, ଆମର ସାମାଜିକ କାର୍ଯ୍ୟକ୍ରମ ସମ୍ପ୍ରଦାୟ ପାଇଁ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବାରେ ନିହିତ। ହୁଇଲଚେୟାର ଏବଂ ଶ୍ରବଣ ଯନ୍ତ୍ର ସହିତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହାୟତା କରିବା ସହିତ ସେମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବାକୁ ସଶକ୍ତ କରିଥାଏ ଏବଂ ଗୋଷ୍ଠୀ ଅନ୍ତର୍ଭୂକ୍ତିକରଣ ଏବଂ ସଶକ୍ତିକରଣକୁ ମଜବୁତ କରିଥାଏ।

# ପ୍ରପେଲ ଇଣ୍ଡଷ୍ଟ୍ରିଜ୍‌ର ୪ ନୂଆ ଟିପ୍ପର ମଡେଲ

**ବେଙ୍ଗାଲୁରୁ, ୧୨।୧୨:** କ୍ରସିଂ ଏବଂ ସ୍କ୍ରିନିଂ ଉପକରଣଗୁଡିକରେ ଭାରତରେ ଅଗ୍ରଣୀ ସ୍ଥାନରେ ରହିଥିବା ତଥା ଇଲେକଟ୍ରିକ ଟିପ୍ପର ବିନିର୍ମାଣରେ ପ୍ରମୁଖ ସ୍ଥାନ ନେଉଥିବା ପ୍ରପେଲ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ ଚାରିଟି ନୂଆ ଟିପ୍ପର ମଡେଲ, ଏକ ସମ୍ପୂର୍ଣ୍ଣ ନୂଆ ସଂଯୋଗକାରୀ ପ୍ଲାଟଫର୍ମ ଏବଂ ପୂର୍ଣ୍ଣାଙ୍ଗ ବିକ୍ରି-ପର ସମାଧାନ ବ୍ୟବସ୍ଥାକୁ ଏକ୍ସକନ୍ ୨୦୨୫ରେ ଉନ୍ମୋଚନ କରିବା ସହିତ ଏହାର ଇଲେକ୍ଟ୍ରିକ ଖଣି ଖନନ ଏବଂ ନିର୍ମାଣ ବର୍ଗମାଳାରେ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରିଛି। ଏହି ଅବସରରେ ଡ. ସୌମ୍ୟ ରଞ୍ଜନ ସାମଲ, ଫାଉଣ୍ଡର ଓ ସିଏମ୍‌ଡି କଳିଙ୍ଗ କମର୍ସିଆଲ କର୍ପୋରେସନ ଲିମିଟେଡ ଓ ଜେ. ରୁଦ୍ରଶେକର, ଡାଇରେକ୍ଟର, ରାଜିରାଜ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ, ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ।

## ରାଜ୍ୟସଭାରେ ରେଳମନ୍ତ୍ରୀଙ୍କ ଉତ୍ତର

# ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ୨୨୬ କିମି ସେକ୍ସନରେ ରେଳ ଚଳାଚଳ

**ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି):** ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ମୋଟ୍ ଦୂରତା ୩୦୧ କିମି ହୋଇଥିବାବେଳେ ନଭେମ୍ବର ୨୦୨୫ ସୁଦ୍ଧା ଏଥିମଧ୍ୟରୁ ୨୨୬ କିମିର ରେଳ ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ କରିଛି। ଆଜି ରାଜ୍ୟସଭାରେ ଓଡ଼ିଶାରେ ରେଳ ବିକାଶ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ରେଳ ମନ୍ତ୍ରୀଙ୍କ ସୂଚନା ମୁତାବକ, ୫,୦୮୯ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବଲାଙ୍ଗିର ରେଳପଥ କାମ ଦ୍ରୁତ ଗତିରେ ଜାରି ରହିଛି। ମାର୍ଚ୍ଚ ୨୦୨୫ ସୁଦ୍ଧା ଏହି ପ୍ରକଳ୍ପରେ ୪,୩୧୧ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଏହି ପ୍ରକଳ୍ପ ପାଇଁ ମୋଟ୍ ଆବଶ୍ୟକ ୩୨୭୪.୪୧ ଜମି ମଧ୍ୟରୁ ୩୧୫୮.୧୦ ହେକ୍ଟର ଜମି ଅଧିଗ୍ରହଣ ଶେଷ ହୋଇଛି। ୨୨୬ କିମିର ଲମ୍ବ ଏହି ପ୍ରକଳ୍ପ ମଧ୍ୟରୁ ଖୋର୍ଦ୍ଧା ପଟରୁ ଖୋର୍ଦ୍ଧା ରୋଡ-ଦଶପଲ୍ଲା ୧୦୬ କିଲୋମିଟର ଏବଂ ବଲାଙ୍ଗିର ପଟୁ ବଲାଙ୍ଗିରରୁ ପୁରୁଣା କଟକ ପର୍ଯ୍ୟନ୍ତ ୧୨୦ କିଲୋମିଟର ରେଳ ମାର୍ଗରେ ରେଳ ଚଳାଚଳ ଆରମ୍ଭ କରିସାରିଛି ବୋଲି ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି। ଅବଶିଷ୍ଟ କାମ ଜାରି ରହିଛି। ସେ କହିଛନ୍ତି ଯେ, ଝାରସୁଗୁଡ଼ା-ସମ୍ବଲପୁର-ଅନୁଗୁଳ ଏବଂ ଭୁବନେଶ୍ୱର-ପୁରୀ କ୍ଷେତ୍ରରେ ରେଳ ଯୋଗାଯୋଗରେ ସୁଧାର ଲାଗି ତାଳଚେର-ବିମଳାଗଡ଼ ନୂଆ ଲାଇନ୍ (୧୫୦ କିମି), ଜରପଡ଼ା-ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ (୧୦୧ କିମି), ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ (୨୦୬ କିମି), ସମ୍ବଲପୁର-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ (୧୨୭ କିମି), ନିର୍ଗୁଣ୍ଡି-ବିଜୟନଗରମ ତୃତୀୟ ଲାଇନ (୩୮୫କିମି) ସମେତ ମୋଟ୍ ୧୪ଟି ରେଳ ଲାଇନ ପ୍ରକଳ୍ପ, ଫ୍ଲାଇଓଭର ଏବଂ ଅନ୍ୟ କାର୍ଯ୍ୟ ଜାରି ରହିଛି।

## ମିଳିଲା କେନ୍ଦ୍ର ସରକାରଙ୍କ ମଞ୍ଜୁରି

# ଓଡ଼ିଶାରେ ଖୋଲିବ ଦୁଇ ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍

**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ଖୋଲିବ ଦୁଇଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍। ଏଥିପାଇଁ କେନ୍ଦ୍ର ସରକାର ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ଦୁଇ ୟୁନିଟ୍‌ରେ ୪,୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଶୁକ୍ରବାର ରାଜ୍ୟସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହାଛଡା ଭୁବନେଶ୍ୱରରେ ଏକ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର ପ୍ରତିଷ୍ଠାକୁ କେନ୍ଦ୍ର ସରକାର ମଞ୍ଜୁରି ଦେଇଛନ୍ତି। ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି କ୍ଲଷ୍ଟର ୧୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଦୁଇଟି ସେମିକଣ୍ଡକ୍ଟର କାରଖାନାରୁ ଉତ୍ପାଦିତ



### ବ୍ୟୟ ହେବ ୪ ହଜାର କୋଟି

### ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଲଷ୍ଟର

ଚିପ୍ସଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ୱେରଲେସ୍ ଉପକରଣ, ବୈଦ୍ୟୁତିକ ବାହନ, ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। ଏହାଛଡ଼ା ଚିପ୍ ଟୁ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ସରକାର ଓଡ଼ିଶାର ୧୧ଟି ବିଶ୍ୱବିଦ୍ୟାଳୟକୁ ମାଗଣା ଡିଜାଇନ୍ ଟୁଲ୍ ଯୋଗାଇ ଦେଇଛନ୍ତି। ଶ୍ରୀ ବୈଷ୍ଣବଙ୍କ ସୂଚନା ଅନୁଯାୟୀ, ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୯୮ କୋଟି ଟଙ୍କା ନିବେଶ କରାଯାଇଥିବାବେଳେ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ (ଏନଆଇଇଏଲଆଇଟି) ଓଡ଼ିଶାରେ ଦୁଇଟି କେନ୍ଦ୍ର ସ୍ଥାପନ କରିବା ସହିତ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ଏସବୁ କେନ୍ଦ୍ର କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅବସ୍ଥିତ। ବର୍ତ୍ତମାନ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକ ଜରିଆରେ ପ୍ରାୟ ୨୫ ହଜାର ପ୍ରାର୍ଥୀ ତାଲିମ ଗ୍ରହଣ କରିଛନ୍ତି।

ଓଡ଼ିଶାରେ ଉଦ୍ୟୋଗ ବିକାଶ ଲାଗି ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଇଲେକ୍ଟ୍ରୋପ୍ରନର୍ ପାର୍କ ସ୍ଥାପନ କରାଯାଇଛି। ଟ୍ରିପଲ୍ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଏହାକୁ ବିକଶିତ କରାଯାଇଛି।

## ଚାଟ୍‌ଜିପିଟି କଥାରେ ମା’ଙ୍କୁ ମାରିଦେଲେ ଆମେରିକୀୟ ଅଧିକାରୀ



ହାର୍ଟଫର୍ଡ, ୧୨।୧୨(ଏଜେନ୍ସି): ଆମେରିକାର ପୂର୍ବ ଉପକୂଳରେ ଥିବା କନେକ୍ଟିକଟ୍ ରାଜ୍ୟରେ ଜଣେ ବ୍ୟକ୍ତି ଅଜବ କାଣ୍ଡ ଘଟାଇଛନ୍ତି। ସେ ନିଜ ମାଙ୍କୁ ଗଳାକାଟି ହତ୍ୟା କରିବା ପରେ ଆତ୍ମହତ୍ୟା କରି ଜୀବନ ହାରିଛନ୍ତି। ଜଣାଶୁଣା ଓପନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଟଜିପିଟି କହିବା ଅନୁସାରେ,୫୬ ବର୍ଷର ପୂର୍ବତନ ଟେକ୍ କମ୍ପାନୀ ଅଧିକାରୀ ଷ୍ଟିଭ-ଏରିକ ସୋଲବର୍ଗ ଏହି କାଣ୍ଡ ଘଟାଇଛନ୍ତି। ଚାଟ୍‌ଜପିଟି କାରଣରୁ ତାଙ୍କ ମନ ଭିତରେ ଭୟ ବୃଦ୍ଧି ପାଇଥିଲା। ଏଥିପାଇଁ ଶେଷରେ ସେ ନିଜର ମାଙ୍କୁ ହତ୍ୟା କରିଥିଲେ । ସୋଲବର୍ଗ ଚାଟ୍‌ଜିପିଟ୍‌ର ନୂଆ ସଂସ୍କରଣ ଜିପିଟି-୪ଓ’ର ବ୍ୟବହାର କରୁଥିଲେ। ଏହି ଏଆଇ କହିବା ଅନୁସାରେ ସେ ତାଙ୍କ ମା’ଙ୍କୁ ତାଙ୍କର ସବୁଠାରୁ ବଡ଼ ଶତ୍ରୁ ବୋଲି ବିଚାର କରି ନେଇଥିଲେ। ଏଆଇ ତାଙ୍କ ମାଙ୍କୁ ଜଣେ ଗୁଇନ୍ଦା ଏଜେଣ୍ଟ ଓ ତାଙ୍କର ବଡ଼ ଶତ୍ରୁ ବୋଲି କହିଥିଲା। ଫଳରେ ଅଗଷ୍ଟ ୩ରେ ସେ ନିଜ ମାଙ୍କୁ ହତ୍ୟା କରିଥିଲେ। ଏହାପରେ ତାଙ୍କ ମା’ଙ୍କ ପରବାର ଲୋକେ ଚାଟ୍‌ଜିପିଟି ତିଆରି କରିଥିବା କମ୍ପାନୀ ଓପନଏଆଇ ବିରୋଧରେ ଏତଲା ଦାଏର କରିଛନ୍ତି। ଏହି ଘଟଣା ପାଇଁ ଚାଟଜିପିଟିକୁ ଦାୟୀ କରାଯାଇଛି। ତେବେ ଏହି ଘଟଣାରେ ଆମେ ମର୍ମାହତ ଓ ଚାଟଜିପିଟିକୁ ଆହୁରି ଅଧିକ ଉନ୍ନତ କରିବାକୁ ଆମେ ପ୍ରୟାସ କରୁଛୁ ବୋଲି କମ୍ପାନୀ ତରଫରୁ କୁହାଯାଇଛି।

**ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ମାମଲା**

## ୪୨ ଜାଲ୍ କମ୍ପାନୀ ସହ ଲୁଥ୍‌ରା ଭ୍ରାତା ଜଡ଼ିତ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ଗୋଆ ନାଇଟ୍ କ୍ଲବ ‘ବିର୍ଚ ବାଇ ରୋମିଓ ଲେନ୍’ ଅଗ୍ନିକାଣ୍ଡ ମାମଲାରେ ଗିରଫ ହୋଇଥିବା କ୍ଲବ ମାଲିକ ତଥା ଦୁଇଭାଇ ସୌରଭ ଓ ଗୌରବ ଲୁଥରାଙ୍କୁ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି। ଏହି ଦୁଇ ଭାଇ ବର୍ଚ କ୍ଲବ ସମେତ ଅନ୍ୟ ୪୨ଟି ଜାଲ୍ କମ୍ପାନୀ ସହିତ ଜଡିତ ଅଛନ୍ତି। ଏଗୁଡିକ ମଧ୍ୟ କେତୋଟି କମ୍ପାନୀର ଅସ୍ତିତ୍ୱ କେବଳ କାଗଜ କଲମରେ ରହିଛି। ଏହି ସବୁ କମ୍ପାନୀ ଦିଲ୍ଲୀର ଗୋଟିଏ ଠିକଣାରେ ପଞ୍ଜୀକୃତ ହୋଇଛି। କର୍ପୋରେଟ୍ ରେକର୍ଡରୁ ଜଣାପଡ଼ିଛି ଯେ, ଏହି ଦୁଇ ଲୁଥରା ଭାଇ ନକଲି କମ୍ପାନୀ ଓ ଲିମିଟେଡ ଲାୟବିଲିଟି (ଏଲ୍‌ଏଲ୍‌ପି)ରେ ନିର୍ଦ୍ଦେଶକ କିମ୍ବା ଅଂଶୀଦାର ଭାବେ ତାଲିକାଭୁକ୍ତ ଅଛନ୍ତି।

ଅନ୍ୟପଟେ ଗିରଫ ପରେ ଉଭୟଙ୍କୁ ଥାଇଲାଣ୍ଡରୁ ଭାରତ ଅଣା ଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏବେ ତାଙ୍କୁ ରାଜଧାନୀ ବ୍ୟାଙ୍କକ୍ ନିଆଯାଉଛି। ସେମାନଙ୍କୁ ସୁଆନ ଫୁ ଇମିଗ୍ରେସନ ଡିଟେନସନ ସେଣ୍ଟରକୁ ନିଆଯାଇଛି। ପାସପୋର୍ଟ ରଦ୍ଦ ହୋଇଥିବାରୁ ଭାରତୀୟ ଦୂତାବାସ ସେମାନଙ୍କୁ ଜରୁରୀକାଳୀନ ଯାତ୍ରା ପ୍ରମାଣପତ୍ର ପ୍ରଦାନ କରିବେ। ଥାଇଲାଣ୍ଡରୁ ଗୋଆକୁ ସିଧା ବିମାନ ଉଡାଣ ନ ଥିବାରୁ ଦୁହିଁଙ୍କୁ ପ୍ରଥମେ ଦିଲ୍ଲୀ ନିଆଯିବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ୪ ଦିନ ଲାଗିବ। ସୋମବାର ବେଳକୁ ଦୁଇ ଭାଇଙ୍କୁ ଦିଲ୍ଲୀ ଅଣାଯିବାର ସମ୍ଭାବନା ରହିଛି। ଦିଲ୍ଲୀ ପହଞ୍ଚିବା ପରେ ହିଁ ଗୋଆ ପୁଲିସ ଦୁଇଜଣଙ୍କୁ ନିଜ ହେପାଜତକୁ ନେବେ।

## ‘ମନରେଗା’ ଏବେ ‘ପିବିଜିଆରୱାଇ’

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ (ମନରେଗା)ର ନାମ ପରିବର୍ତ୍ତନ କରାଯାଇଛି। କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଏହାକୁ ବଦଳାଇ ପୂଜ୍ୟ ବାପୁ ଗ୍ରାମୀଣ ରୋଜଗାର ଯୋଜନା (ପିବିଜିଆରୱାଇ)ରେ କରିଦେଇଛି। ସରକାର ଏହି ଯୋଜନାରେ ସର୍ବନିମ୍ନ ରୋଜଗାର ଦିନ ସଂଖ୍ୟାକୁ ୧୦୦ରୁ ୧୨୫ କରିଛନ୍ତି। ଅର୍ଥାତ ଗୋଟିଏ ଆର୍ଥିକ ବର୍ଷରେ ଜଣେ ଅକୁଶଳୀ ଶ୍ରମିକ ୧୨୫ ଦିନର ରୋଜଗାର ପାଇପାରିବେ। ପ୍ରଥମେ ଏହି ଯୋଜନା ୨୦୦୫ରେ ନରେଗା ନାମରେ ଆରମ୍ଭ ହୋଇ ଥିଲା। ପରେ ଏହାକୁ ମନରେଗା କରାଯାଇଥିଲା।

## ଘାଟିରୁ ଖସିଲା ବସ୍; ୯ ଯାତ୍ରୀ ମୃତ

ଜଗଦଲପୁର, ୧୨।୧୨(ଏଜେନ୍ସି): ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ସୀମାରେ ଥିବା ମାରେଡମିଲି ଘାଟିରେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିଛି। ଶୁକ୍ରବାର ଘଟିଥିବା ଏହି ଦୁର୍ଘଟଣାରେ ୯ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ଅନେକ ଆହତ ହୋଇଛନ୍ତି। ଘାଟିରୁ ଖସି ବସ ବୁଦା ଭିତରେ ଫସି ଯାଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଭଦ୍ରାଚଳମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ‘ସମସ୍ତଙ୍କୁ ଚନ୍ଦ୍ରକୁ ପଠାଇ ଦେବୁ କି’

ନୂଆଦିଲ୍ଲୀ: ସାରା ଦେଶରେ ଭୂକମ୍ପ ଜନିତ ବିପଦକୁ ନେଇ ମାର୍ଗଦର୍ଶିକା ଜାରି କରିବା ଆବେଦନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଆମେ ସମସ୍ତଙ୍କୁ ଚନ୍ଦ୍ର କିମ୍ବା ଆଉ କେଉଁଠିକୁ ପଠାଇ ପାରିବୁ ରକି ବୋଲି ଆବେଦନକାରୀଙ୍କୁ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଥିଲେ ଯେ କୋର୍ଟରେ ଗଣମାଧ୍ୟମର ରିପୋର୍ଟ ଆଧାରରେ ଶୁଣାଣି ହୁଏ ନାହିଁ। ଏହି ମାମଲା ସରକାରୀଙ୍କ ନୀତି ସହ ଜଡ଼ିତ। ଏଥିରେ କେହି ଦଖଲ ଦେଇପାରିବେ ନାହିଁ। ଆବେଦନକାରୀ ଜାପାନ ଉଦାହରଣ ଦେବାରୁ କୋର୍ଟ କହିଥିଲେ ଯେ ପ୍ରଥମେ ଆମକୁ ଭାରତରେ ଆଗ୍ନେୟଗିରି ଉଦ୍‌ଗୀରଣ କରିବାକୁ ହେବ। ଏହା ପରେ ଯାଇ ଜାପାନ ସହ ତୁଳନା ହୋଇପାରିବ।

## ଟ୍ରମ୍ପଙ୍କ ଅସୁସ୍ଥ ଖବରକୁ ହ୍ୱାଇଟ୍ ହାଉସ୍‌ର ଖଣ୍ଡନ

ୱାସିଂଟନ, ୧୨।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁତର ଭାବେ ଅସୁସ୍ଥ ଥିବା ନେଇ ପ୍ରଚାରପ୍ରସାର ହେଉଛି। ତେବେ ଏହି ଗୁଜବକୁ ହ୍ୱାଇଟ୍ ହାଉସ୍ ପ୍ରେସ ସଚିବ କାରୋଲିନ ଲେଭିଟ୍ ଖଣ୍ଡନ କରିଛନ୍ତି। ଗତ କିଛିଦିନ ମଧ୍ୟରେ ଟ୍ରମ୍ପଙ୍କ ଡାହାଣ ହାତରେ ବ୍ୟାଣ୍ଡେଜ ଓ ନୀଳ ଓ ଲାଲ ରଙ୍ଗର ଚିହ୍ନ ଦେଖିବାକୁ ମିଳିଥିଲା। ଫଳରେ ଟ୍ରମ୍ପ କୌଣସି ରୋଗ ଦ୍ୱାରା ସଂକ୍ରମିତ ହୋଇଥିବା ଓ ହାତରେ ଇଞ୍ଜେକସନ ନେଇଥିବା ରିପୋର୍ଟ ଆସିଥିଲା

## ବିଦ୍ରୋହୀଙ୍କ ଆକ୍ରମଣରେ ୪୦୦ ମୃତ

ଗୋମା, ୧୨।୧୨ (ଏଜେନ୍ସି): କଙ୍ଗୋ ଏବଂ ରୱାଣ୍ଡା ମଧ୍ୟରେ ସଂଘର୍ଷ ଜୋରାଦାର ହେବାରେ ଲାଗିଛି। ରୱାଣ୍ଡା ସମର୍ଥିତ ଏମ-୨୩ ବିଦ୍ରୋହୀ ଗୋଷ୍ଠୀ ପୂର୍ବ କଙ୍ଗୋର ଦକ୍ଷିଣ କିଭୁ ପ୍ରଦେଶରେ ଆକ୍ରମଣ କରି ୪୦୦ରୁ ଅଧିକ ସାଧାରଣ ନାଗରିକଙ୍କୁ ହତ୍ୟା କରିଛନ୍ତି। ଅଧିକାରୀମାନେ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଚିନ୍ତାର ବିଷୟ ଏହି କି ଯେ ଗତ ସପ୍ତାହରେ ଆମେରିକା ମଧ୍ୟସ୍ଥତାରେ ୱାଶିଂଟନରେ କଙ୍ଗୋ ଏବଂ ରୱାଣ୍ଡା ରାଷ୍ଟ୍ରପତିଙ୍କ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିଲା।

# ଅନ୍ତର୍ଜାତୀୟ ବୈଠକରେ ପୁଣି ପାକିସ୍ତାନ ଅପଦସ୍ଥ

ଆସଗାବତ, ୧୨।୧୨ (ଏଜେନ୍ସି): ଅନ୍ତର୍ଜାତୀୟ ସ୍ତରରେ ପାକିସ୍ତାନ ପୁଣି ଅପଦସ୍ଥ ହୋଇଛି। ମହିଳା ସାମ୍ବାଦିକଙ୍କୁ ପାକିସ୍ତାନ ସେନାର ଜେନେରାଲ ଆଖି ମାରିବାକୁ ନେଇ ତୀବ୍ର ସମାଲୋଚନା କରାଯାଉଥିବାବେଳେ ଏବେ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ କାର୍ଯ୍ୟକଳାପ ପାଇଁ ଇସଲାମାବାଦକୁ ନିନ୍ଦିତ ହେବାକୁ ପଡ଼ିଛି। ସେ ଶାଳୀନତାର ସମସ୍ତ ସୀମା ଲଙ୍ଘନ କରିଛନ୍ତି। ସେ ଅତିଷ୍ଠ ହୋଇ ବିନା ଆମନ୍ତ୍ରଣରେ

**■ ୪୦ ମିନିଟ ଅପେକ୍ଷା କରି ଧୈର୍ଯ୍ୟ ହରାଇଲେ ପାକ୍ ପ୍ରଧାନମନ୍ତ୍ରୀ**
**■ ରାଷ୍ଟ୍ରପତି ପୁଟିନଙ୍କ ରୁଦ୍ଧଦ୍ୱାର ବୈଠକକୁ ଜବରଦସ୍ତି ପଶିଲେ**

ଦୁଇ ରାଷ୍ଟ୍ରମୁଖ୍ୟଙ୍କ ବୈଠକରେ ଅନୁପ୍ରବେଶ କରିଛନ୍ତି। ତୁର୍କମେନିସ୍ତାନରେ ଏଭଳି ଲଜ୍ଜାଜନକ ଘଟଣା ଘଟିଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ସୂଚନା ଅନୁଯାୟୀ, ତୁର୍କମେନିସ୍ତାନରେ ‘ଇଣ୍ଟରନ୍ୟାସନାଲ ପିସ୍ ଆଣ୍ଡ ଟ୍ରଷ୍ଟ ଫୋରମ’ ବୈଠକ ଚାଲିଛି। ଏହି ଅବସରରେ ଶେହବାଜ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ହେବାର ଥିଲା। ଏଥିପାଇଁ ଶେହବାଜ ପହଞ୍ଚି ଯାଇଥିଲେ। ସେ ପୁଟିନଙ୍କୁ ଅପେକ୍ଷା କରି ଚାହିଁ ବସିଥିଲେ। ୫ ମିନିଟ ଯାଇ ୩୫ ମିନିଟ ବିତିଗଲା ପରେ ବି ପୁଟିନଙ୍କ ଦେଖା ମିଳି ନ ଥିଲା। ୪୦ ମିନିଟ ଅତିକ୍ରମ ହେବା ପରେ ପାକ୍



ପ୍ରଧାନମନ୍ତ୍ରୀଙ୍କ ଧୈର୍ଯ୍ୟ ତୁଟି ଯାଇଥିଲା। ପୁଟିନ ଅପମାନିତ କରୁଥିବା ଭାବି ଶେହବାଜ ରାଗି ଲାଲ ପଡ଼ି ଯାଇଥିଲେ। ପୁଟିନ ନ ଆସିବାରୁ ବୈଠକ ପ୍ରକୋଷ୍ଠରୁ ଶେହବାଜ ବାହାରି ଯାଇଥିଲେ। ଏହି ସମୟରେ ପୁଟିନ ଏବଂ ତୁର୍କୀ ରାଷ୍ଟ୍ରପତି ରେସେପି ତାଇପେ ଏର୍ଦୋଗାନଙ୍କ ମଧ୍ୟରେ ଅନ୍ୟ ଏକ ସ୍ଥାନରେ ରୁଦ୍ଧ ଦ୍ୱାର ବୈଠକ ଚାଲିଥିଲା। ଏହି ବୈଠକରେ ଯୋଗ ଦେବାକୁ ଆଉ କାହାକୁ ଅନୁମତି ନ ଥିଲା। କିନ୍ତୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଅମାନିଆ ହୋଇ ସିଧା ପୁଟିନ-ଏର୍ଦୋଗାନଙ୍କ ବୈଠକ ସ୍ଥଳରେ ପହଞ୍ଚି ଯାଇଥିଲେ। ସେଠାରେ ଯାଇ ପୁଟିନଙ୍କୁ ଭେଟିଥିଲେ। ମାତ୍ର ୧୦ ମିନିଟ ପରେ ଶେହବାଜ ଏକାକୀ ସେଠାରୁ ବାହାରି ଯାଇଥିଲେ। ଏହାର କିଛି ସମୟ ପରେ ରୁଷ୍ ରାଷ୍ଟ୍ରପତି ମଧ୍ୟ ବାହାରି ଥିଲେ। ଏଠାରେ ସେ ସାମ୍ବାଦିକଙ୍କୁ ଦେଖି ଆଖି ଠାର ମାରି ସଙ୍କେତ ଦେଇଥିଲେ।

ଲୋକେ ସାମାଜିକ ଗଣମାଧ୍ୟମରେ ଏହି ଭିଡିଓକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି। ଏହାକୁ କୂଟନୈତିକ ଅବମାନନା କହୁଛନ୍ତି। ଆଉ ଜଣେ ଲେଖିଛନ୍ତି ଯେ ଭିକାରୀଙ୍କ ଆଗରେ ପୁଟିନ ସମୟ ନଷ୍ଟ କରିବାକୁ ଚାହୁଁନାହାନ୍ତି। ସେହିପରି ଟ୍ରମ୍ପ ବି ଏଭଳି କରିଥିଲେ ବୋଲି ଅନ୍ୟ ଜଣେ ଲେଖିଛନ୍ତି। ସୂଚନାଯୋଗ୍ୟ ଯେ ପୁଟିନ ଏବଂ ଶେହବାଜଙ୍କ ଭେଟ ସର୍ବଦା ଚର୍ଚ୍ଚାରେ ରହିଛି। ଉଭୟ ନେତା ଯେବେ ବି ପରସ୍ପରକୁ ଭେଟିଛନ୍ତି ଏଭଳି କିଛି ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି।

## ଜାନୁଆରୀ ୩୦ରୁ ଆନ୍ନାଙ୍କ ଅନଶନ



**■ ମହାରାଷ୍ଟ୍ରରେ ଲୋକାୟୁକ୍ତ ଆଇନ୍ କାର୍ଯ୍ୟକାରୀ ଦାବି**
**■ ‘ଏହା ହେବ ମୋର ଶେଷ ଆନ୍ଦୋଳନ’**

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ସାମାଜିକ କର୍ମୀ ଆନ୍ନା ହଜାରେ ପୁଣିଥରେ ଅନସନରେ ବସିବାକୁ ଯାଉଛନ୍ତି। ମହାରାଷ୍ଟ୍ରରେ ଲୋକଯୁକ୍ତ ଆଇନ୍ ଲାଗୁ କରିବା ଦାବିରେ ସେ ଶୁକ୍ରବାର ଆମରଣ ଅନଶନ ବସିବାକୁ ଘୋଷଣା କରିଛନ୍ତି। ସେ ଜାନୁଆରୀ ୩୦ରୁ ତାଙ୍କ ଗାଁ ରାଲେଗାନ ସିଦ୍ଧିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ କରିବେ। ଏହା ମୋର ଶେଷ ଆନ୍ଦୋଳନ ହେବ ବୋଲି ଆନ୍ନା ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଥାଉ କି, ଆନ୍ନା ୨୦୨୨ରେ ଏହି ଦାବିକୁ ନେଇ ଅନଶନରେ ବସିଥିଲେ। କିନ୍ତୁ ସମୟରେ ତତ୍କାଳୀନ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କ ମଧ୍ୟସ୍ଥତାରେ ସେ ଅନଶନ ଭାଙ୍ଗିଥିଲେ। ଏହାପରେ ଏକ କମିଟି ଗଠନ କରାଯିବା ସହ ଆଇନ୍ ପ୍ରସ୍ତୁତ ହୋଇଥିଲା। ବିଲ୍‌କୁ ମହରାଷ୍ଟ୍ର ବିଧାନସଭାର ଉଭୟ ଗୃହରେ ପାରିତ ହୋଇଥିଲା ଏବଂ ପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ତୃଣମୂଳସ୍ତରରେ ଆଇନ୍ କାର୍ଯ୍ୟକାରୀ ହୋଇନାହିଁ ବୋଲି ଆନ୍ନା କହିଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କୁ ୭ଟି ଚିଠି ଲେଖିଛନ୍ତି। ମାତ୍ର ସେ କୌଣସି ଉତ୍ତର ପାଇନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ସରକାରଙ୍କ ନୀରବତା ନେଇ ସେ ଅସନ୍ତୋଷ ଜାହିର କରିଛନ୍ତି। ଜନ କଲ୍ୟାଣ ପାଇଁ ଏହି ଆଇନ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଉଲ୍ଲେଖଥାଉ କି, ‘୨୦୧୧ରେ ଇଣ୍ଡିଆ ଏଗେନଷ୍ଟ କରପସନ’ ଆନ୍ଦୋଳନରେ ଦେଶକୁ ଉତ୍ସାହିତ କରିବା ପାଇଁ ଆନ୍ନା ଅନଶନରେ ବସିଥିଲେ ଓ ସାରା ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଏହି ଆନ୍ଦୋଳନ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲା।

## କେହି କ୍ୟାବିନେଟ ମନ୍ତ୍ରୀ ନ ଥିବାରୁ ରାଜ୍ୟସଭା ୧୦ ମିନିଟ ମୁଲତବୀ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ରାଜ୍ୟସଭାରେ ଶୁକ୍ରବାର ଅଜବ ସ୍ଥିତି ସୃଷ୍ଟି ହୋଇଛି। ଉଚ୍ଚ ସଦନରେ କୌଣସି କ୍ୟାବିନେଟ ମନ୍ତ୍ରୀ ଉପସ୍ଥିତ ନ ଥିବାରୁ ଗୃହକୁ ୧୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଥିଲା। ସୂଚନା ଅନୁଯାୟୀ, ୨୦୦୧, ଡିସେମ୍ବର ୧୩ର ସଂସଦ ଆକ୍ରମଣକୁ ବିଫଳ କରି ପ୍ରାଣବଳୀ ଦେଇଥିବା ବ୍ୟକ୍ତିଙ୍କୁ ଆଜି ଗୃହରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ଏହି ସମୟରେ କୌଣସି କ୍ୟାବିନେଟ ମନ୍ତ୍ରୀ ଗୃହରେ ନ ଥିବା ବିରୋଧୀ ଦଳ ସଦସ୍ୟ କହିଥିଲେ। ଏହି ପ୍ରସଙ୍ଗ ସରକାରଙ୍କ ସାମ୍ନାରେ ଉଠାଇ ଜଣେ ଜୁନିୟର ମନ୍ତ୍ରୀଙ୍କୁ ଉପସ୍ଥିତ ରହିବା ପାଇଁ କହିବେ ବୋଲି ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକୃଷ୍ଣନ ସୂଚନା ଦେଇଥିଲେ। କିନ୍ତୁ ଏଥିରେ ବିରୋଧୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ମନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ଜିଦ୍ ଧରିଥିଲେ। କଂଗ୍ରେସ ସାଂସଦ ଜୟରାମ ରମେଶ କହିଥିଲେ ଯେ ଏହା ଗୃହ ପାଇଁ ଅପମାନ। ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିବାକୁ ପଡ଼ିବ। ତେବେ ୫ ମିନିଟ ଅପେକ୍ଷା କରିବା ପରେ କେହି ନଆସିବାରୁ ଅଧ୍ୟକ୍ଷ ୧୦ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ। କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ ଆସିବା ପରେ ଗୃହ ପୁଣି ଚାଲିଥିଲା। କେହି ସଦସ୍ୟ ଉପସ୍ଥିତ ନ ଥିବାରୁ ସେ ସମସ୍ତଙ୍କୁ କ୍ଷମା ମାଗିଥିଲେ।

## ହାତ ଟେକିଦେଲେ ସରକାର: ସାରା ବର୍ଷ ବିମାନ ଭଡ଼ା ଧାର୍ଯ୍ୟ କରିପାରିବୁନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଇଣ୍ଡିଗୋ ଏୟାରଲାଇନର ସ୍ଥିତି ସୁଧୁରିବାର ନା ଧରୁନି। ଏପରି ସମୟରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବିମାନ ଭଡ଼ା ନିୟନ୍ତ୍ରଣ କରନ୍ତୁ ବୋଲି ଦାବି ହେଉଛି। ମାତ୍ର ଏ ନେଇ ସରକାର ହାତ ଟେକି ଦେଇଛନ୍ତି। ଲୋକସଭାରେ ଏକ ‘ପ୍ରାଇଭେଟ ମେମ୍ବର୍ସ ରିଜୋଲ୍ୟୁସନ’ ଉପରେ ଚର୍ଚ୍ଚା କରି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ଯେ ସରକାର ବର୍ଷ ଯାକ ବିମାନ ଭଡ଼ା ଧାର୍ଯ୍ୟ କରିପାରିବେ ନାହିଁ। ପାର୍ବଣ ଋତୁରେ ଚାହିଦା ବଢ଼ିଥାଏ। ତେଣୁ ମୂଲ୍ୟ ମଧ୍ୟ ବଢ଼ି ଥାଏ। ପାର୍ବଣ ଋତୁରେ କ୍ଷମତା ବଢ଼ାଇବା ପାଇଁ ଏୟାରଲାଇନ ଗୁଡ଼ିକୁ କୁହାଯାଇଥାଏ। ଆବଶ୍ୟକ ପଡ଼ିଲେ ଭଡ଼ାରେ ମଧ୍ୟ ବିମାନ ନିଆଯାଇଥାଏ। ମହାକୁମ୍ଭ, ପୁଲୱାମା ଆକ୍ରମଣ, ଇଣ୍ଡିଗୋ ସଙ୍କଟ ସମୟରେ ନିଜ କ୍ଷମତା ପ୍ରୟୋଗ କରି ଭଡ଼ା ଧାର୍ଯ୍ୟ କରାଯାଇଥିଲା। ‘ଫେୟାର ସେ ଫୁରସତ’ ଯୋଜନା ଅଧିନରେ ଦେଶର ୨୫ ମାର୍ଗରେ ବିମାନ ଭଡ଼ା ଧାର୍ଯ୍ୟ କରାଯାଇଛି। ଏହି ଭଡ଼ା ବଢ଼ିବ ନାହିଁ। ସୂଚନା ଅନୁଯାୟୀ, ଏହି ପ୍ରାଇଭେଟ ବିଲ୍‌ରେ ବିମାନ ଭଡ଼ା ଧାର୍ଯ୍ୟ କରିବାକୁ ଦାବି କରାଯାଇଥିଲା। କିନ୍ତୁ ମନ୍ତ୍ରୀ ଏହାକୁ ଏଡ଼ାଇ ଦେବାରୁ ବିଲ୍ ପ୍ରତ୍ୟାହାର କରି ନିଆଯାଇଥିଲା।

## ଇଣ୍ଡିଗୋର ୪ ଫ୍ଲାଇଟ୍ ଅପରେସନ ଇନିସପେକ୍ଟର ନିଲମ୍ବିତ

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସର୍ବବୃହତ ଏୟାରଲାଇନ୍ ଇଣ୍ଡିଗୋରେ ଫ୍ଲାଇଟ୍ ବାତିଲ ନେଇ ଚାଲିଥିବା ସଙ୍କଟ ମାମଲାରେ ଲଗାତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଡିଜିସିଏ ଶୁକ୍ରବାର ବିମାନ କମ୍ପାନୀର ସୁରକ୍ଷା ଓ ପରିଚାଳନା ନିୟମର ଉଲ୍ଲଂଘନ କରିଥିବା ୪ ଜଣ ଉଡାଣ ପରିଚାଳନା ନିରୀକ୍ଷକ ତଥା ଇନିସପେକ୍ଟରଙ୍କୁ ନିଲମ୍ବିତ କରିଛି। ସେପଟେ ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ଲଗାତର ଦ୍ୱିତୀୟ ଦିନ ପାଇଁ ଡିଜିସିଏଙ୍କ ସମ୍ମୁଖରେ ହାଜର ହୋଇଥିଲେ। ଅନ୍ୟପଟେ ଇଣ୍ଡିଗୋ ସ୍ଥିତିରେ ସୁଧାର ଆସୁନି। ଶୁକ୍ରବାର ଶହେରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି।

**ମାଡ୍ରାସ ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

## ହାଇକୋର୍ଟରେ ଯାହା ହେଉଛି, ଠିକ୍ ହେଉନି

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): କରୁର ଦଳାଚକଟାକୁ ନେଇ ସୁପ୍ରିମକୋର୍ଟ ଶୁକ୍ରବାର ମାଡ୍ରାସ ହାଇକୋର୍ଟଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ କହିଥିଲେ ଯେ ହାଇକୋର୍ଟ ଯାହା ହେଉଛି ଠିକ୍ ହେଉନାହିଁ। କିଛି ତ ଗଡ଼ବଡ଼ ହୋଇଛି। ହାଇକୋର୍ଟ କେମିତି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଦେଲେ? ଏହି ମାମଲା ମଦୁରାଇ ବେଞ୍ଚର ଅଧିକାରରେ ଥିଲା। ଏହା କାହିଁକି ବୁଝି ପାରିଲେନି? ଅଭିନେତା ବିଜୟଙ୍କ ଦଳ ଟିଭିକେର ଆବେଦନ କେବଳ ଏସଓପି ଧାର୍ଯ୍ୟ ପାଇଁ ଥିଲା। ଏହା ସତ୍ତ୍ୱେ ନିର୍ଦ୍ଦେଶ କାହିଁକି ଦିଆଗଲା? ସୁପ୍ରିମକୋର୍ଟଙ୍କୁ ଏହି ମାମଲା ଦେଖିବାକୁ ପଡ଼ିବ। ଏହା ପରେ ନିଷ୍ପତ୍ତି ଦିଆଯିବ। ଏହା ସହିତ ତାମିଲନାଡୁ ସରକାରଙ୍କ ସମୀକ୍ଷା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିରେ କରୁର ଦଳାଚକଟାର ଏସଆଇଟି ତଦନ୍ତ ଏବଂ ଜଣିକିଆ ତଦନ୍ତ କମିଶନ ନେଇ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ବଦଳାଇବାକୁ ନିବେଦନ କରାଯାଇଥିଲା। ଖଣ୍ଡପୀଠ କହିଥିଲେ ଯେ ସବୁ କିଛି ନିରପେକ୍ଷ ଏବଂ ସ୍ୱଚ୍ଛ ହେଉ ବୋଲି ସୁପ୍ରିମକୋର୍ଟ ଚାହାନ୍ତି। ସିବିଆଇ ତଦନ୍ତର ପର୍ଯ୍ୟବେକ୍ଷଣ କରୁଥିବା ସୁପରଭାଇଜର କମିଟିର ସଦସ୍ୟ ତାମିଲନାଡୁର ମୂଳ ବାସିନ୍ଦା ହେବେ ନାହିଁ। କମିଟି ନିରପେକ୍ଷ ହେବ ବୋଲି ପୂର୍ବରୁ କୁହାଯାଇଥିଲା। ତେଣୁ ନିର୍ଦ୍ଦେଶ ବଦଳାଇବାକୁ ଆମର କୌଣସି ଆଭିମୁଖ୍ୟ ନାହିଁ। ସୂଚନା ଅନୁଯାୟୀ, ମାଡ୍ରାସ ହାଇକୋର୍ଟ ଏବଂ ମଦୁରାଇ ବେଞ୍ଚରେ କରୁର ମାମଲାର ଶୁଣାଣି ଚାଲିଥିଲା। ଅକ୍ଟୋବର ୩ ତାରିଖରେ ଟିଭିକେ ଆବେଦନ ଉପରେ ଏସଆଇଟି ଗଠନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନ ମଦୁରାଇ ବେଞ୍ଚ ପୀଡ଼ିତ ପରିବାରର ଏସଆଇଟି ଗଠନ ଆବେଦନକୁ ଖାରଜ କରିଦେଇଥିଲେ।

## ଜୁବିନ ଗର୍ଗଙ୍କ ମୃତ୍ୟୁ: ୩୫୦୦ ପୃଷ୍ଠାର ଚାର୍ଜସିଟ୍

ଗୌହାଟୀ, ୧୨।୧୨(ଏଜେନ୍ସି): ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗୌହାଟୀର ମୁଖ୍ୟ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ଶୁକ୍ରବାର ୩୫୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛନ୍ତି। ଏହି ଚାର୍ଜସିଟ୍ ଓ ତାହା ସହିତ ଜଡିତ ପ୍ରମାଣକୁ ୪ଟି ଟ୍ରକ୍‌ରେ କୋର୍ଟକୁ ଆଣାଯାଇଥିଲା। ୯ ସଦସ୍ୟ ବିଶିଷ୍ଟ ଏସ୍‌ଆଇଟି ୬ଟି ଗାଡ଼ି ସହ କୋର୍ଟରେ ପହଞ୍ଚିଥିଲେ। ଏହି ମାମଲାରେ ଏପର୍ଯ୍ୟନ୍ତ ୭ଜଣ ଲୋକଙ୍କୁ ଗିରଫ କରାଯାଇଛି। ଜୁବିନ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ରହସ୍ୟମୟ ଭାବେ ମୃତ୍ୟୁବରଣ କରିଥିଲେ। ସେ ଏନଇଆଇଏଫ୍‌ର ଚତୁର୍ଥ ସଂସ୍କରଣରେ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ।

## ରାହୁଲଙ୍କ ବୈଠକକୁ ପୁଣି ଗଲେନି ଶଶି ଥରୁର

ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ସାଂସଦ ଶଶି ଥରୁର ପୁଣିଥରେ ଶୁକ୍ରବାର ସାଂସଦମାନଙ୍କ ସହ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନାହାନ୍ତି। ରାହୁଲଙ୍କ ଅଧ୍ୟକ୍ଷତାରେ ସଂସଦର ଆନେକ୍ସ ଏକ୍ସଟେନସନ ବିଲ୍ଡିଂରେ ଆୟୋଜିତ ଏହି ବୈଠକରେ କଂଗ୍ରେସର ୨୨ଜଣ ସାଂସଦ ଯୋଗ ଦେଇଥିଲେ। ଏଥିରେ ସଂସଦରେ ଦଳର ପ୍ରଦର୍ଶନ ନେଇ ସମୀକ୍ଷା କରାଯାଇଥିଲା। ତେବେ ବୈଠକରେ ଅନୁପସ୍ଥିତ ରହିବା ନେଇ ଥରୁର ପୂର୍ବରୁ ଅବଗତ କରାଇଥିଲେ। ଗୋଟିଏ ଦିନ ପୂର୍ବରୁ ସେ ‘ଏକ୍ସ’ରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ, ସେ ଜଣେ ପୁରୁଣା ବନ୍ଧୁଙ୍କ ବିବାହରେ ଯୋଗ ଦେବାକୁ କୋଲକାତା ଯାଇଛନ୍ତି। ଏଥିସହ ଥରୁର ଲଗାତର କଂଗ୍ରେସର ତୃତୀୟ ଗୁରୁତ୍ୱପୂର୍ଣ୍ଣ ବୈଠକରୁ ବିଭିନ୍ନ କାରଣ ପାଇଁ ନିଜକୁ ଦୂରେଇ ରଖିଛନ୍ତି। ଏହାପୂର୍ବରୁ ନଭେମ୍ବର ୧୮ ଓ ୩୦ରେ ଅନୁଷ୍ଠିତ କଂଗ୍ରେସର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ନଥିଲେ।

# ବିଶ୍ୱର ୫ ଶକ୍ତିଶାଳୀ ଦେଶଙ୍କ ଗୋଷ୍ଠୀ ପ୍ରସ୍ତୁତିରେ ଟ୍ରମ୍ପ

ୱାଶିଂଟନ, ୧୨।୧୨ (ଏଜେନ୍ସି): ଶୁଳ୍କ ପରେ ଶୁଳ୍କ ଧମକ ଦେଇ ଚାଲିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜି-୭ର ପ୍ରଭାବ ହ୍ରାସ କରିବା ପାଇଁ ନୂଆ ପଦକ୍ଷେପ ନେଉଛନ୍ତି। ସେ ଭାରତ, ଚୀନ୍ ଏବଂ ରୁଷ୍‌କୁ ନେଇ ଏକ ନୂଆ ଗୋଷ୍ଠୀ ‘କୋର ଫାଇଭ(ସିଏଫ)’ ଗଠନ କରିବାକୁ ଚାହୁଁଛନ୍ତି। ଏହି ମଞ୍ଚ ଜି-୭ର ସ୍ଥାନ ନେବ। ଜି-୭ରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, କାନାଡ଼ା, ଇଟାଲୀ ଏବଂ ଜାପାନ ଭଳି ଧନୀ ରାଷ୍ଟ୍ର ଅଛନ୍ତି। କିନ୍ତୁ ଏହି ଦେଶଗୁଡ଼ିକ ସହ ଟ୍ରମ୍ପଙ୍କ ସେତେ ଭଲ ସମ୍ପର୍କ ନ ଥିବା ଚର୍ଚ୍ଚା ହେଉଛି। ତେଣୁ ଆମେରିକା ରାଷ୍ଟ୍ରପତି ନୂଆ ମଞ୍ଚ ଗଢ଼ିବାକୁ ଚାହୁଁଛନ୍ତି। ତେବେ ଆନୁଷ୍ଠାନିକ ଭାବେ ଏ ବିଷୟରେ କିଛି ଘୋଷଣା କରାଯାଇ ନାହିଁ। ରିପୋର୍ଟ ଅନୁଯାୟୀ, ସି-୫ ଧାରଣା ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ପ୍ରସ୍ତାବିତ ଥିଲା। କିନ୍ତୁ ଏହା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା। ଏହି ଚିଠା ପ୍ରସ୍ତାବ ପ୍ରକୃତରେ ଅଛି କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ।

**■ ଜି୭ର ସ୍ଥାନ ନେବ ସି-୫**
**■ ସାମିଲ ହେବେ ଭାରତ, ରୁଷ୍, ଚୀନ୍**


ସୂଚନା ଅନୁଯାୟୀ, ଏହି କ୍ଲବ୍‌ରେ କ୍ଷମତାଶାଳୀ ଦେଶଗୁଡ଼ିକୁ ଟ୍ରମ୍ପ ରଖିବାକୁ ଚାହୁଁଛନ୍ତି। ଗଣତନ୍ତ୍ର ହେଉ କି କମ୍ୟୁନିଷ୍ଟ ରାଷ୍ଟ୍ର ଏଥିରେ କୌଣସି ପ୍ରଭେଦ ଦେଖାଯିବ ନାହିଁ। ଜି-୭ ସର୍ତ୍ତ ପୂରଣ ନ କରୁଥିଲେ ବି ରାଷ୍ଟ୍ରଙ୍କୁ ସି-୫ରେ ସାମିଲ କରାଯିବ। ଆମେରିକା, ଚୀନ୍, ରୁଷ୍, ଭାରତ ଏବଂ ଜାପାନକୁ ନେଇ ଏହା ଗଠନ କରାଯିବ। ଏହି ସବୁ ଦେଶର ଜନସଂଖ୍ୟା ୧୦ କୋଟିରୁ ଅଧିକ। ସି-୫ ନିୟମିତ ବୈଠକ କରି ସ୍ୱତନ୍ତ୍ର ପ୍ରସଙ୍ଗ ଉପରେ



ସମ୍ମିଳନୀ କରାଯିବ। ମଧ୍ୟପ୍ରାଚ୍ୟାରେ ଶାନ୍ତି ଏହାର ପ୍ରଥମ ଏଜେଣ୍ଡା ହେବ। ସୁରକ୍ଷା ବିଶେଷ କରି ଇସ୍ରାଏଲ ଏବଂ ସାଉଦି ଆରବ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଏହାର ପ୍ରଥମ ଉଦ୍ଦେଶ୍ୟ ହେବ। ପ୍ରଥମେ ଏହି ଯୋଜନା ଅସମ୍ଭବ ଲାଗୁଥିଲା। କିନ୍ତୁ ଏହା ଟ୍ରମ୍ପଙ୍କ ଚିନ୍ତାଧାରା ସହ ମେଳ ଖାଉଛି ବୋଲି ବିଶେଷଜ୍ଞ କହୁଛନ୍ତି। ପ୍ରତିଦ୍ୱନ୍ଦ୍ୱିଙ୍କ ସହ ଟ୍ରମ୍ପ ସିଧାସଳଖ ଡିଲ୍ କରିବାକୁ ପ୍ରୟାସ କରିଥାନ୍ତି। ବିଜିଙ୍ଗକୁ ଏନଭିଡିଆର ଏଚ୨୦୦ ଏଆଇ ଚିପ୍ ବିକ୍ରି ଅନୁମତି କିମ୍ବା ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ଦୂତ ଷ୍ଟିଭ ୱିଟକଫ ଏବଂ ଜେରେଡ କୁଶନରଙ୍କୁ ମସ୍କୋ ପଠାଇବା ଏହାର ଉଦାହରଣ।

ଟ୍ରମ୍ପ ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି ଯେ ସି-୫କୁ ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ଜି-୭ କିମ୍ବା ମିଳିତ ଜାତିସଂଘ (ୟୁଏନ) ବିଶ୍ୱର ହିସାବରେ ଉପଯୋଗୀ ହେଉ ନ ଥିବାରୁ କ୍ଷମତାର ସମୀକରଣ ବଦଳି ଗଲାଣି;ତେଣୁ ଏହା ଜରୁରୀ। ଏହି ମଞ୍ଚରେ ନିଜ କଥା ରଖିବାକୁ ଅଧିକ ସୁଯୋଗ ମିଳିବ।

## ପୂର୍ବତନ ବାଚସ୍ପତି ଶିବରାଜ ପାଟିଲଙ୍କ ପରଲୋକ



ନୂଆଦିଲ୍ଲୀ, ୧୨।୧୨(ଏଜେନ୍ସି): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଶିବରାଜ ପାଟିଲ ଶୁକ୍ରବାର ୯୧ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ମହାରାଷ୍ଟ୍ର ଲାଟୁରର ଦେବଘର ସ୍ଥିତ ବାସଭବନରେ ସେ ସକାଳ ୬.୩୦ରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। କିଛି ମାସ ହେଲା ସେ ଅସୁସ୍ଥ ଥିଲେ। ଘରେ ତାଙ୍କର ଚିକିତ୍ସା କରାଯାଉଥିଲା। ତାଙ୍କ ଅନ୍ତିମ ସଂସ୍କାର ଶନିବାର କରାଯିବ। ମୃତ୍ୟୁବେଳକୁ ତାଙ୍କ ପାଖରେ ପୁଅ ଶୈଳେଶ, ବହୁ ଅର୍ଚ୍ଚନା ଓ ଦୁଇ ନାତୁଣୀ ଉପସ୍ଥିତ ଥିଲେ। ଲାଟୁର ଲୋକସଭା ଆସନରୁ ପାଟିଲ ୭ଥର ନିର୍ବାଚିତ ହୋଇଥିଲେ। ତାଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବରିଷ୍ଠ କଂଗ୍ରେସ ନେତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସମାଜ କଲ୍ୟାଣରେ ଯୋଗ ଦେବାକୁ ଶିବରାଜ ସବୁବେଳେ ପ୍ରସ୍ତୁତ ରହୁଥିଲେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ତାଙ୍କ ପରଲୋକରେ କଂଗ୍ରେସ ନେତୃମଣ୍ଡଳୀରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ସେ ୧୯୮୦ ଦଶକରେ ଇନ୍ଦିରା ଓ ରାଜୀବଙ୍କ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ ସଫଳତାର ଦାୟିତ୍ୱ ନିର୍ବାହ କରିଥିଲେ। ସେ ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଥିଲେ।

### ଟି-୨୦ରେ ସାମସନ୍‌ଙ୍କ ନାମରେ ୩ଟି ଶତକ

# ‘ଏତେ ଭଲ ଖେଳାଳି ବେଞ୍ଚରେ ବସିବା ଦୁର୍ଭାଗ୍ୟପୂର୍ଣ୍ଣ’





**ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି):** କଟକର ବାରବାଟୀ ଷ୍ଟାଡିୟମରେ ୧୦୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଦମ୍‌ଦାର ଭାବେ ଟି-୨୦ ସିରିଜର ଆରମ୍ଭ କରିଥିବା ଭାରତୀୟ ଦଳ ଦ୍ୱିତୀୟ ମୁକାବିଲାରେ ପରାଜୟବରଣ କରିଛି। ଗୁରୁବାର ନ୍ୟୁ ଚଣ୍ଡିଗଡ଼ରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୫୧ ରନରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳକୁ ହରାଇଥିଲା। ଫଳରେ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ ଏବେ ୧-୧ରେ ସମାନସ୍ତରରେ ରହିଛି।

ବାରବାଟୀରେ ମାତ୍ର ୪ ରନ କରିଥିବା ଗିଲ୍ ଦ୍ୱିତୀୟ ଟି-୨୦ରେ ଖାତା ଖୋଲିପାରି ନ ଥିଲେ। ଫଳରେ ଟି-୨୦ ଦଳରେ ଗିଲ୍‌ଙ୍କ ସ୍ଥାନକୁ ନେଇ ପ୍ରଶ୍ନବାଚୀ ଉଠିଛି। ଚଳିତ ବର୍ଷ ଗିଲ୍‌ଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଧାରା ଜାରି ରହିଛି। ୨୦୨୫ରେ ଏହି ଛୋଟିଆ ଫର୍ମାଟ୍‌ରେ ଗିଲ ୧୪ଟି ଇନିଂସରୁ ୨୬୩ ରନ ସଂଗ୍ରହ କରିଛନ୍ତି। ଏହି ୧୪ଟି ଇନିଂସରେ ଗିଲ୍ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି। ଫଳରେ ଏବେ ସେ ସମାଲୋଚନାର ଶିକାର ହୋଇଛନ୍ତି। ଏପରିକି ଗିଲ୍‌ଙ୍କୁ ବାଦ୍ ଦିଆଯାଇ ବେଞ୍ଚରେ ବସିଥିବା ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଉ ବୋଲି ସାମାଜିକ ଗଣମାଧ୍ୟମରେ କ୍ରିକେଟ୍‌ପ୍ରେମୀ ଦାବି କରିଛନ୍ତି। ଟି-୨୦ ଫର୍ମାଟରେ ଉପ-ଅଧିନାୟକ ଥିବା ଗିଲ୍ ନିକଟରେ ସୁସ୍ଥ ହୋଇ ଫେରିବା ପରେ ଚୂଡ଼ାନ୍ତ ଏକାଦଶରେ ସଞ୍ଜୁଙ୍କ ସ୍ଥାନକୁ ନେଇ କୌଣସି ସ୍ୱଷ୍ଟତା ନାହିଁ। କଟକରେ ପ୍ରଥମ ଟି-୨୦ ପୂର୍ବରୁ ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ ସଞ୍ଜୁ ଯେକୌଣସି ପୋଜିସନରେ ବ୍ୟାଟିଂ କରିବାର ଦକ୍ଷତା ରଖୁଛନ୍ତି। ତାଙ୍କୁ ଆମେ ମଧ୍ୟକ୍ରମରେ ସୁଯୋଗ ଦେବୁ। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଯେ ସଞ୍ଜୁଙ୍କ ପାଇଁ ଏକାଦଶରେ କୌଣସି ସ୍ଥାନ ନାହିଁ। ଏଭଳି ସମୟରେ ପୂର୍ବତନ ଭାରତୀୟ କ୍ରିକେଟର୍ ତଥା ଘରୋଇ କ୍ରିକେଟ୍‌ର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର୍ ସୁବ୍ରମଣିୟମ ବଦ୍ରିନାଥ ଦଳ ଚୟନକୁ ନେଇ ଟିମ୍ ମ୍ୟାନେଜମେଣ୍ଟକୁ ବେଶ୍ ସମାଲୋଚନା କରିଛନ୍ତି।

ଏକ ସାକ୍ଷାତ୍‌କାରେ ୪୫ ବର୍ଷୀୟ ବଦ୍ରିନାଥ କହିଛନ୍ତି, ‘ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ସଞ୍ଜୁ ୩ଟି ଶତକ ମାରିସାରିଛନ୍ତି। ଆମେ ଟି-୨୦ ଫର୍ମାଟ୍ ବିଷୟରେ କଥା ହେଉଛୁ। ତାଙ୍କ ନାମରେ ୩ଟି ଶତକ ଲିପିବଦ୍ଧ ରହିଛି। ଜଣେ ଖେଳାଳିଙ୍କ ନିକଟରୁ ଆପଣ ଆଉ କ’ଣ ଅଧିକ ଚାହିଁପାରିବେ। ଏତେ ଭଲ ପ୍ରଦର୍ଶନକାରୀଙ୍କୁ ବେଞ୍ଚରେ ବସାଇବା ଦୁର୍ଭାଗ୍ୟଜନକ। ମୋତେ ଲାଗୁଛି ଯିଏ ଅଧିନାୟକ କିମ୍ବା ଉପ-ଅଧିନାୟକ ହୋଇଥିବ ସେହି ଖେଳାଳି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବ। ଏଭଳି ପ୍ରଦର୍ଶନ ପରେ ତାଙ୍କୁ (ଗିଲ୍)ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି। ଯଦି କୌଣସି ବ୍ୟାକଅପ୍ ଖେଳାଳି ନ ଥାନ୍ତେ ତେବେ ଏହା ଯଥାର୍ଥ ହୋଇଥାନ୍ତା। କିନ୍ତୁ ଟି-୨୦ରେ ପ୍ରତିଭାର କୌଣସି ଅଭାବ ନାହିଁ। ଅପରପକ୍ଷରେ ପୂର୍ବତନ ବ୍ୟାଟର୍ କ୍ରିଷ୍ଣାଚାରୀ ଶ୍ରୀକାନ୍ତ ଦ୍ୱିତୀୟ ଟି-୨୦ରେ ଅକ୍ଷର ପଟେଲଙ୍କୁ ୩ୟ ପୋଜିସନରେ ବ୍ୟାଟିଂ ପଠାଇବାକୁ ନେଇ ପ୍ରଶ୍ନ କରିଛନ୍ତି। ‘ପରିସ୍ଥିତି ସହ ଖାପ ଖୁଆଇପାରି ନ ଥିବା ମଧ୍ୟକ୍ରମ ବ୍ୟାଟରଙ୍କୁ କାହିଁକି ନଂ-୩ରେ ବ୍ୟାଟିଂ ପାଇଁ ପଠାଗଲା’ ବୋଲି ଶ୍ରୀକାନ୍ତ ଟିମ୍ ମ୍ୟାନେଜମେଣ୍ଟକୁ ଘେରିଛନ୍ତି।

# ଅବସର ନିଷ୍ପତ୍ତି ପ୍ରତ୍ୟାହାର କଲେ ଭିନେଶ




**ଚଣ୍ଡିଗଡ଼, ୧୨।୧୨ (ଏଜେନ୍ସି):** ଏକ ବଡ଼ ନିଷ୍ପତ୍ତିକ୍ରମେ ତାରକା ଭାରତୀୟ ରେସଲର୍ ଭିନେଶ ଫୋଗତ ପୁଣିଥରେ କୁସ୍ତିକୁ ଫେରିବା ଲାଗି ଘୋଷଣା କରିଛନ୍ତି। ପାଖାପାଖି ଦେଢ଼ବର୍ଷ ତଳେ କୁସ୍ତିକୁ ଅଲ୍‌ବିଦା କରିଥିବା ୩୧ ବର୍ଷୀୟା ଭିନେଶ ଏବେ ତାଙ୍କ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଖେଳିବା ଏବେ ତାଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ଭିନେଶ କହିଛନ୍ତି। ଶୁକ୍ରବାର ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏକ ପୋଷ୍ଟ କରି ଭିନେଶ କହିଛନ୍ତି, ‘ଲୋକେ ମୋତେ ପଚାରୁଛନ୍ତି କ’ଣ ପ୍ୟାରିସ ଆପଣଙ୍କ ଅନ୍ତିମ ପ୍ରତିଯୋଗିତା ଥିଲା। ଲମ୍ବା ସମୟ ପର୍ଯ୍ୟନ୍ତ ମୋ ପାଖରେ ଏହାର ଉତ୍ତର ନ ଥିଲା। ଚାପ ଯୋଗୁ, ଆଶା ଯୋଗୁ ଏପରିକି ମୋର ମହତ୍ୱକାଂକ୍ଷା ଯୋଗୁ ମୋତେ ମ୍ୟାଟ୍‌ରୁ ହଟିବା ଲାଗି ବାଧ କରିଥିଲା। ବର୍ଷରୁ ଅଧିକ ସମୟ ପରେ ମୁଁ ଶାନ୍ତିରେ ନିଶ୍ୱାସ ନେଇଛି। କୁସ୍ତିକୁ ନେଇ ମୋର ଉତ୍ସାହ କେବେ ଶେଷ ହୋଇନାହିଁ। କେବେ ହାର୍‌ମାନି ନ ଥିବା ଭାବନା ସହିତ ୨୦୨୮ ଅଲିମ୍ପିକ୍ସକୁ ମୁଁ ପାଦ ବଢ଼ାଉଛି। ମୋ ପୁଅ ଓ ଟିମ୍ ଏଥର ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ମୋତେ ଚିୟର କରିବେ’ ବୋଲି ଭିନେଶ ଏହି ପୋଷ୍ଟରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଭିନେଶଙ୍କୁ ସ୍ୱର୍ଣ୍ଣପଦକ ଲଢ଼େଇ ପୂର୍ବରୁ ଅଯୋଗ୍ୟ ଘୋଷିତ କରିଦିଆଯାଇଥିଲା। ଧାର୍ଯ୍ୟ ଓଜନବର୍ଗଠାରୁ ଭିନେଶଙ୍କ ଓଜନ ୧୦୦ ଗ୍ରାମ ଅଧିକ ରହିଥିଲା। ଏହାପରେ ଭିନେଶ ବିଶ୍ୱ କ୍ରୀଡ଼ାର ଅଦାଲତ କାସ୍‌ରେ ଲଢ଼େଇ କରିଥିଲେ ମଧ୍ୟ କୌଣସି ସୁଫଳ ପାଇ ନ ଥିଲେ।

### ୧୯ ବର୍ଷରୁ କମ୍ ଏସିଆ କପ୍

# ସୂର୍ଯ୍ୟବଂଶୀଙ୍କ ୧୭୧; ଭାରତ ୨୩୪ ରନରେ ବିଜୟୀ



**ଦୁବାଇ, ୧୨।୧୨ (ଏଜେନ୍ସି):** ୧୯ ବର୍ଷରୁ କମ୍ ଏସିଆ କପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଭାରତ ବଡ଼ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨୩୪ ରନରେ ଆୟୋଜକ ୟୁଏଇକୁ ପରାସ୍ତ କରିଛି। ଯୁବ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ୧୭୧ ରନର ବିସ୍ଫୋରକ ଶତକୀୟ ଇନିଂସ ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା।

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ କରିଥିବା ଭାରତ ୫୦ ଓଭରରେ ୬ ୱିକେଟ୍ ହରାଇ ୪୩୩ ରନ ସଂଗ୍ରହ କରିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୯୫ଟି ବଲରେ ୧୭୧ ରନର ପାଳି ଖେଳିଥିଲେ। ଯେଉଁଥିରେ ସେ ୧୪ଟି ଛକା ଓ ୯ଟି ଚୌକା ମାରିଥିଲେ। ୧୯ ବର୍ଷରୁ କମ୍ ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ହୋଇଛି। ଏଥିପୂର୍ବରୁ ଚଳିତ ବର୍ଷ ସେ ଇଂଲଣ୍ଡ ବିପକ୍ଷରେ ୧୪୩ ରନର ପାଳି ଖେଳିଥିଲେ। ଅପରପକ୍ଷରେ ଏହି ବୟସବର୍ଗରେ ଏହା ୩ୟ ସର୍ବୋଚ୍ଚ ଦଳଗତ ସ୍କୋର ହେବାର ମଧ୍ୟ ରେକର୍ଡ ହୋଇଛି। ୨୦୦୨ରେ କେନିଆ ବିପକ୍ଷରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ୪୮୦ ରନ କରିଥିଲା। ସେହିଭଳି ୨୦୧୮ ରେ ସମାନ କେନିଆ ବିପକ୍ଷରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୪୩୬ ରନ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜବାବରେ ୪୩୪ ରନକୁ ପିଛା କରିଥିବା ୟୁଏଇ ୭ ୱିକେଟରେ ୧୯୯ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟ ସହ ଭାରତ ଗ୍ରୁପ୍-ଏ’ରେ ୨ ପଏଣ୍ଟ ପାଇ ଖାତା ଖୋଲିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ପାକିସ୍ତାନକୁ ଭେଟିବ।

### ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

# ସେମିଫାଇନାଲରେ ଉନ୍ନତି ହୁଦା



**କଟକ, ୧୨।୧୨ (ସମିସ):** ସ୍ଥାନୀୟ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା “ଓଡ଼ିଶା ମାଷ୍ଟର୍ସ-୨୦୨୫’ରେ ଶୁକ୍ରବାର ସମସ୍ତ ବର୍ଗର କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ମୁକାବିଲାରେ ଇଣ୍ଡୋନେସିଆର ମହମ୍ମଦ ୟୁସୁଫ ଟପସିଡ ଖେଳାଳି ଥରୁନ ମାନେପଲ୍ଲୀଙ୍କୁ ୨୧-୯,୨୨-୨୦ ଗେମରେ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଇଣ୍ଡୋନେସିଆ ଖେଳାଳି ବିସ୍ମ ରକ୍ଷୟା ଅକଟୋରା ନିଜ ଦେଶର ରିଚି ଦୁତା ରିକାର୍ଦୋଙ୍କୁ ୨୧-୧୩,୧୮-୨୧,୨୧-୯ ଗେମରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲ ରାଉଣ୍ଡରେ ପହଞ୍ଚିଥିବା ଭାରତୀୟ ଖେଳାଳି କିରଣ ଜର୍ଜ ଗତବର୍ଷର ଚାମ୍ପିଅନ ସତୀଶ କୁମାରଙ୍କୁ ୨୧-୧୧,୨୧-୧୭ ଗେମରେ ହରାଇଥିବାବେଳେ ଭାରତୀୟ ଖେଳାଳି ରୋନକ ଚୌହ୍ୱାନ ୨୧-୧୯,୨୨-୨୦ରେ ଶଙ୍କର ସୁବ୍ରମଣ୍ୟମଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ମହିଳା କ୍ୱାର୍ଟର ଫାଇନାଲରେ ଟପସିଡ ଉନ୍ନତି ହୁଦା ୨୧-୧୬,୨୧-୧୫ ଗେମ୍‌ରେ ପଞ୍ଚମସିଡ ଅନୁପମା ଉପାଧ୍ୟାୟଙ୍କୁ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ସେହିପରି ଅଣସିଡେଡ୍ ଖେଳାଳି ତାନ୍ୟା ହେମନ୍ତ ତୃତୀୟ ସିଡ ତନଭି ଶର୍ମାଙ୍କୁ ୨୧-୧୬ ୨୧-୧୪ ପଏଣ୍ଟରେ ହରାଇଛନ୍ତି। ଭାରତର ତସନିମ ମୀର ଏବଂ ଇସାରାଣୀ ବରୁଆ ମଧ୍ୟ ସେମିଫାଇନାଲରେ ପହଞ୍ଚିଛନ୍ତି। ମିକ୍ସଡ୍ ଡବଲ୍ସ କ୍ୱାର୍ଟର ଫାଇନାଲରେ ଭାରତୀୟ ଯୋଡି ଏସ. କଣପୁରମ ଓ ଆର. ଉଥେୟସୂରିୟାନ ବିଜୟୀ ହୋଇଛନ୍ତି। ମହିଳା ଡବଲ୍ସ ବିଭାଗରେ ଭାରତୀୟ ଯୋଡି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ ମଧ୍ୟ ସେମିରେ ସ୍ଥାନ ପକ୍‌କା କରିଛନ୍ତି।

## ଆସାମର ୪ କ୍ରିକେଟର୍ ବାସନ୍ଦ

**ଗୌହାଟୀ, ୧୨।୧୨ (ଏଜେନ୍ସି):** ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଦୁର୍ନୀତିରେ ଜଡ଼ିତ ଥିବା ଅଭିଯୋଗରେ ଆସାମର ୪ଜଣ କ୍ରିକେଟର୍ ବାସନ୍ଦ ହୋଇଛନ୍ତି। ସେମାନେ ହେଲେ ଅମିତ ସିହ୍ନା, ଇଶାନ ଅହମ୍ମଦ, ଅମନ ତ୍ରିପାଠୀ ଓ ଅଭିଷେକ ଠାକୁରି। ଶୁକ୍ରବାର ଆସାମ କ୍ରିକେଟ୍ ସଂଘ (ଏସିଏ) ପକ୍ଷରୁ ରାଜ୍ୟ କ୍ରାଇମବ୍ରାଞ୍ଚ ନିକଟରେ ଏଫଆଇଆର୍ ଦାଖଲ କରାଯିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ସୟଦ ମୁସ୍ତାକ ଅଲି ଟ୍ରଫିରେ ଏହି ୪ଜଣ ଖେଳାଳି ଆସାମ ଦଳର ଅନ୍ୟ ଖେଳାଳିଙ୍କୁ ପ୍ରଭାବିତ କରିବା ଏବଂ ସେମାନଙ୍କୁ ଉସୁକାଇବା ପାଇଁ ଚେଷ୍ଟା କରିଥିବା ଅଭିଯୋଗ ହୋଇଥିଲା। ଏସିଏ ସମ୍ପାଦକ ସନାତନ ଦାସ କହିଛନ୍ତି, ‘ଅଭିଯୋଗ ପ୍ରକାଶ ପାଇବା ପରେ ବିସିସିଆଇର ଦୁର୍ନୀତି ନିବାରଣ ଏବଂ ସୁରକ୍ଷା ୟୁନିଟ୍ ତଦନ୍ତ କରିଥିଲା। ଏସିଏ ମଧ୍ୟ ଫୌଜିଦାରୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି’। ବାସନ୍ଦ ହୋଇଥିବା ଏହି ୪ଜଣ କ୍ରିକେଟର୍ ବର୍ତ୍ତମାନ ଏସିଏ, ଏହାର ଜିଲ୍ଲା ୟୁନିଟ୍ କିମ୍ବା ଅନୁବନ୍ଧିତ କ୍ଲବ ଦ୍ୱାରା ପରିଚାଳିତ କୌଣସି ଟୁର୍ଣ୍ଣାମେଣ୍ଟ କିମ୍ବା ମ୍ୟାଚରେ ଅଂଶଗ୍ରହଣ କରିବାକୁ ବାରଣ କରାଯାଇଛି।

## କୁଚ୍‌ବିହାର ଟ୍ରଫି: ଓଡ଼ିଶାର ଅଭିଯାନ ଶେଷ

**କଟକ,୧୨।୧୨(ସମିସ):** କୁଚବିହାର ଟ୍ରଫିରେ କ୍ରମାଗତ ୪ଟି ଲିଗ୍ ମ୍ୟାଚ୍‌ରେ ପରାଜୟ ସହ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୪ଟି ମ୍ୟାଚ୍‌ରୁ ୪ଟି ହାରି ଦଳ ଏଲିଟ ଗ୍ରୁପ-ସି ଟେବଲର ୬ଷ୍ଠ ସ୍ଥାନରେ ରହିଛି। ୧୬ ତାରିଖରୁ ହିମାଚଳପ୍ରଦେଶ ବିପକ୍ଷରେ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ବଲାଙ୍ଗୀର ଗାନ୍ଧି ଷ୍ଟାଡିୟମରେ ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଏବଂ ୫୩ରନରେ ପରାସ୍ତ ହୋଇଛି। ଓଡ଼ିଶାର ପ୍ରଥମ ପାଳି ୧୭୦ରନରେ ସୀମିତ ରହିବା ପରେ କର୍ଣ୍ଣାଟକ ୮ ୱିକେଟ ବିନିମୟରେ ୪୬୯ରନ କରି ଇନିଂସ୍ ଘୋଷଣା କରିଥିଲା। ଓଡ଼ିଶା ଦ୍ୱିତୀୟ ପାଳିରେ ୨୪୬ରନରେ ଅଲଆଉଟ ହୋଇଛି। ଓଡ଼ିଶା ପକ୍ଷରୁ ସ୍ୱାଗତ ସୌରଭ ମିଶ୍ର ସର୍ବାଧିକ ୫୦ରନ କରିଛନ୍ତି।

## ଦ୍ୱିତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟୀ




**ୱେଲିଂଟନ, ୧୨।୧୨ (ଏଜେନ୍ସି):** ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଯାଇଛି। ଦ୍ରୁତ ବୋଲର ଜାକବ ଡଫିଙ୍କ ୫ ୱିକେଟ୍ ସଫଳତା ବଳରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ବିଜୟ ଲାଭ କରିଛି। ଏଥିସହ ଘରୋଇ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଛି। ପୂର୍ବରୁ ହେଗଲୀ ଓଭାଲରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ଡ୍ର’ ରହିଥିଲା। ଏବେ ନିର୍ଣ୍ଣାୟକ ୩ୟ ଟେଷ୍ଟ ବେ ଓଭାଲରେ ଡିସେମ୍ବର ୧୮ରୁ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୨୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୯ ୱିକେଟ୍‌ରେ ୨୭୮ ରନ କରି ପାଳି ଘୋଷଣା କରିଥିଲା। ଫଳରେ ୭୩ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଶୁକ୍ରବାର ସକାଳେ ୧୨୮ ରନରେ ସୀମିତ ରହିଥିଲା। ଡଫିଙ୍କୁ ୫ ୱିକେଟ୍ ମିଳିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ କେଭନ ହଜ୍ (୩୫ ରନ), ଜଷ୍ଟିନ ଗ୍ରେଭ୍‌ସ (୨୫), ବ୍ରାଣ୍ଡନ କିଙ୍ଗ (୨୨) ଓ ଜନ୍ କ୍ୟାମ୍ପବେଲ୍ (୧୪ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ଏହାପରେ ୫୬ ରନର ଛୋଟିଆ ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲଥାମ (୯ ରନ)ଙ୍କ ୱିକେଟ୍ ହରାଇ ହାସଲ କରିନେଇଥିଲା। ଡେଭନ କନୱେ ୨୮ ଓ କେନ୍ ୱିଲିୟମସନ ୧୬ ରନ କରି ଅପରାଜିତ ରହିଥିଲେ।

## ନୀତୀଶଙ୍କ ହ୍ୟାଟ୍ରିକ ସତ୍ତ୍ୱେ ହାରିଲା ଆନ୍ଧ୍ର

**ପୁନେ, ୧୨।୧୨ (ଏଜେନ୍ସି):** ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ସୟଦ ମୁସ୍ତାକ ଅଲି ଟ୍ରଫି ସୁପର୍ ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚରେ ମଧ୍ୟପ୍ରଦେଶ ୪ ୱିକେଟ୍‌ରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୧୯.୧ ଓଭରରେ ୧୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ନୀତୀଶ ହ୍ୟାଟ୍ରିକ ୱିକେଟ୍ ସଫଳତା ପାଇଥିଲେ ମଧ୍ୟ ମଧ୍ୟପ୍ରଦେଶ ୧୭.୩ ଓଭରରେ ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମଧ୍ୟପ୍ରଦେଶ ଇନିଂସର ୩ୟ ଓଭର ବୋଲିଂ କରିଥିବା ନୀତୀଶ ଶେଷ ୩ଟି ବଲ୍‌ରେ ଯଥାକ୍ରମେ ହର୍ଶ ଗୱାଲି (୫ ରନ), ହରପ୍ରୀତ୍ ସିଂହ ଭାଟିଆ (୦) ଓ ଅଧିନାୟକ ରଜତ ପଟିଦାର (୦)ଙ୍କୁ ଆଉଟ୍ କରି ହ୍ୟାଟ୍ରିକ ୱିକେଟ୍ ପୂରଣ କରିଥିଲେ।

## ସେମିଫାଇନାଲ୍‌ରେ ସନ୍‌ରାଇଜ, ୟୁନିଟ୍-୬

**ଭୁବନେଶ୍ୱର, ୧୨।୧୨ (ସମିସ):** କ୍ଲବ-୭୩ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ସତ୍ୟବ୍ରତ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶୁକ୍ରବାର ଖେଳାଯାଇଥିବା ୩ୟ ଓ ୪ର୍ଥ କ୍ୱାର୍ଟର ଫାଇନାଲରେ ଯଥାକ୍ରମେ ୟୁନିଟ୍-୬ ଆଥଲେଟିକ ଆସୋସିଏସନ (ଭୁବନେଶ୍ୱର) ଓ ସନରାଇଜ କ୍ଲବ (କଟକ) ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-




ସତ୍ୟବ୍ରତ ସ୍ମାରକୀ ଫୁଟବଲ୍

୬ ଦଳ ୩-୨ ଗୋଲରେ କଟକର ମଙ୍ଗଳା କ୍ଲବକୁ ପରାସ୍ତ କରିଥିଲା। ବିଜୟୀ ଦଳର ସୋମନାଥ ମହାନ୍ତି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ପୁରସ୍କାର ବାବଦକୁ ତାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଅନ୍ୟ ଏକ କ୍ୱାର୍ଟରରେ ସନରାଇଜ କ୍ଲବ ୩-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଥିଲା। ଜେପି ଫାବିଲ ୨ଟି ଗୋଲ୍ ଦେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଆୟୋଜକ କ୍ଲବ-୭୩ର ଆସିଷ୍ଟାଣ୍ଟ ସେକ୍ରେଟାରୀ ଦେବଭକ୍ତ ବେଜ ଓ କୋଷାଧ୍ୟକ୍ଷ ରାଜେଶ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଶନିବାର ସମଲେଶ୍ୱରରୀ ଏଫ୍‌ସି ଓ ୟୁନିଟ୍-୬ ମଧ୍ୟରେ ପ୍ରଥମ ଏବଂ ସନରାଇଜ ଓ ଫାଓ ଏକାଡେମୀ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ।

# ନାଲକୋ ଓପନ୍ ଟେନିସ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୨।୧୨ (ସମିସ):** ନାଲକୋ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏଥର ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୋଟ୍ ୯ଟି ବର୍ଗରେ ମ୍ୟାଚ୍ ଖେଳାଯିବ। ଯେଉଁଥିରେ ୧୪ବର୍ଷରୁ କମ୍ ବାଳକ ଓ ବାଳିକା, ୧୮ ବର୍ଷରୁ କମ୍ ବାଳକ, ମହିଳା ଓପନ୍ ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ୪୦, ୫୦ ଓ ୬୦ ବର୍ଷରୁ ଉଦ୍ଧ୍ୱର୍ ଭେଟେରାନ ବର୍ଗର ଡବଲ୍ସ ଇଭେଣ୍ଟ ରହିଛି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୪.୩୨ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ସମସ୍ତ ବୟସବର୍ଗର ଚାମ୍ପିଅନ, ରନର୍ସଅପ୍, ସେମିଫାଇନାଲିଷ୍ଟ ଓ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ଯଥାକ୍ରମେ ୧୮ ହଜାର, ୧୨ ହଜାର, ୧୦ ହଜାର ଓ ୮ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ନାଲକୋର ନିର୍ଦ୍ଦେଶକ (ଏଚ୍‌ଆର୍) ଟିକେ ପଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ନାଲକୋର ଆଶୁତୋଷ ରଥ, ଅବସରପ୍ରାପ୍ତ ଆଇଏଏସ୍ ତଥା ବିଡିଟିଏ ସଭାପତି ସୁରେଶ ମହାପାତ୍ର, ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ଦେବୀଦତ୍ତ ବିଶ୍ୱାଳ ଓ ପି ଅର୍ଥାନାରି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

# ସର୍ବଭାରତୀୟ ଗଣ୍ଡରପୁର କପ: ଏଥର ୩.୭ ଲକ୍ଷ ପୁରସ୍କାର ରାଶି



**ନନ୍ଦନକାନନ/ବାରଙ୍ଗ, ୧୨/୧୨(ସମିସ):** ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହେବ। ଉତ୍ତର ଭୁବନେଶ୍ୱର କଲ୍ୟାଣପୁର ପଞ୍ଚାୟତ ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିଅମରେ ଟୁର୍ଣ୍ଣାମେଣ୍ଟ ୮ଦିନ ଧରି ଖେଳାଯିବ। ଚଳିତଥର ୪୦ଟି ଦଳ ଭାଗ ନେଉଛନ୍ତି। ସହରାଞ୍ଚଳ ବିଭାଗରେ ୮, ଗ୍ରାମାଞ୍ଚଳ-ଏ ରେ ୧୬ ଓ ଗ୍ରାମାଞ୍ଚଳ-ବି’ରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ଚଳିତଥର ଚାମ୍ପିଅନ ଦଳ ଓ ଶ୍ରେଷ୍ଠ ଖେଳାଳିଙ୍କ ପାଇଁ ବହୁ ଆକର୍ଷଣୀୟ ପୁରସ୍କାର ଓ ଅର୍ଥରାଶି ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦିନ ମାଗଣାରେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜରିଆରେ ଦର୍ଶକ ଟିଭି, ଫ୍ରିଜ୍ ଓ ୱାସିଙ୍ଗ୍ ମେସିନ୍ ଭଳି ଆକର୍ଷଣୀୟ ପୁରସ୍କାର ଜିତିପାରିବେ। ପ୍ରତ୍ୟେକ ଦିନ ପୂର୍ବାହ୍ଣ ୧୧ଟାରୁ ଖେଳ ଆରମ୍ଭ ହେବ। ପ୍ରତି ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ଆକାରରେ ବାଇକ ପ୍ରଦାନ କରାଯିବ। ସହରାଞ୍ଚଳ ଫାଇନାଲ ଚାମ୍ପିଅନ ଦଳକୁ ୭୫ ହଜାର, ରନର୍ସଅପ୍‌କୁ ୫୦ହଜାର ଟଙ୍କା, ସେହିପରି ଗ୍ରାମାଞ୍ଚଳ-ଏ ଫାଇନାଲ ବିଜେତା ଦଳକୁ ୧ଲକ୍ଷ ଟଙ୍କା ଓ ଉପ ବିଜେତା ଦଳକୁ ୭୫ହଜାର ଟଙ୍କା ଏବଂ ଗ୍ରାମାଞ୍ଚଳ-ବି ଚାମ୍ପିଅନ ଦଳକୁ ୪୦ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ୩୦ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଆୟୋଜକ ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟିଂ କ୍ଲବ ତରଫରୁ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

ସହରାଞ୍ଚଳ ବିଭାଗରେ କଟକର ସନରାଇଜ କ୍ଲବ, ଭୁବନେଶ୍ୱର ଜଗା ୟୁନାଇଟେଡ୍, ଓଡ଼ିଶା ପୁଲିସ, ଫୁଲବାଣୀ ସୁରଜ ଏଫସି, ସମ୍ବଲପୁର ସମଲେଶ୍ୱରୀ ସ୍ପୋର୍ଟିଂ, ଢେଙ୍କାନାଳ ମଙ୍ଗଳା କ୍ଲବ, ଓ ରାଜ୍ୟ ବାହାରୁ କଲିକତା କୋଲାଘାଟ, ବିହାର ସିୱାନ ଏଫସି ଭାଗନେବେ। ଆଜି ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଭାସ୍କର ପଡ଼ିଆରୀ, ଜିତେନ୍ଦ୍ର ସେନାପତି, ସୁକାନ୍ତ ରାଉତ, ବିଶ୍ୱନାଥ ବେହେରା, ସଞ୍ଜୟ ସାସମଲ,ବିଷ୍ଣୁ ପଢ଼ିଆରୀ, ଚିତ୍ତରଞ୍ଜନ ସୁବୁଦ୍ଧି, ରଙ୍କନିଧି ରାଉତ, ଲକ୍ଷ୍ମଣ ରାଉତ କ୍ଲବ ସଭାପତି, ମାନସ ପଢ଼ିଆରୀ କ୍ଲବ ସମ୍ପାଦକ, ଜ୍ଞାନରଞ୍ଜନ ରାଉତ, କାଶୀନାଥ ରାଉତ, ନବକୁମାର ରାଉତ, ଜାପାନୀ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଦଘାଟନୀ ଦିବସରେ ଗ୍ରାମାଞ୍ଚଳ-ବି’ରେ ବାରଙ୍ଗ-ନଟ ୟେଟ, ୧୧ଘଟିକାରେ ତଣ୍ଡିକଣା-ଗାଡକଣ, ଗ୍ରାମାଞ୍ଚଳ-ଏ’ରେ ଘାଟିକିଆ-ସିଭିରମଣ ବିଶ୍ୱବିଦ୍ୟାଳୟ, ଜୟୀପୁର-ଉଷୁମା ଏବଂ ସହରାଞ୍ଚଳର ଭୁବନେଶ୍ୱର ଜଗା ୟୁନିଅଟେଡ୍ ବନାମ କୋଲାଘାଟ କୋଲକାତା ମଧ୍ୟରେ ଖେଳାଯିବ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS